

# ଜଗନ୍ନାଥ ଏକ୍ସପ୍ରେସ୍


JAGANNATH EXPRESS

RNI Regn No- ODIODI/2014/57766.

ବର୍ଷ- ୧୧ ସଂଖ୍ୟା-୨୦୨ ଭୁବନେଶ୍ୱର ବୁଧବାର, ଅପ୍ରେଲ୍ ୦୯.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.202 Bhubaneswar, Wednesday, April 09, 2025




## ୩୦ ସୁଦ୍ଧା ଧାଡ଼ି ଦର୍ଶନ



ଭୁବନେଶ୍ୱର, ୮/୪: ଚଳିତ ମାସ ଶେଷ ସୁଦ୍ଧା ଶ୍ରୀମନ୍ଦିରରେ ହେବ ଧାଡ଼ି ଦର୍ଶନ ବ୍ୟବସ୍ଥା । ଆଇନ ମନ୍ତ୍ରୀ କହିଛନ୍ତି, ଏଥି ପାଇଁ ସମସ୍ତ ପ୍ରସ୍ତୁତି ସରିଛି । ଏହି ସପ୍ତାହ ଭିତରେ ପରିଚାଳନା କମିଟି ଗଠନ ହୋଇଯିବ । ଏହାପରେ କମିଟିର ନିଷ୍ପତ୍ତି ଏବଂ ପରାମର୍ଶ କ୍ରମେ ନାଟ ମଣ୍ଡପ ଭିତରେ ଥିବା ହୁଣ୍ଡିଗୁଡ଼ିକର ସ୍ଥାନାନ୍ତର ସାରି ଶୃଙ୍ଖଳିତ ଦର୍ଶନ ପାଇଁ ହେବ ଧାଡ଼ି ବ୍ୟବସ୍ଥା । ଏହି ନିଷ୍ପତ୍ତିକୁ ଶ୍ରଦ୍ଧାଳୁମାନେ ସ୍ୱାଗତ କରିଥିବାବେଳେ ଧାଡ଼ି ଦର୍ଶନ ପାଇଁ କେମିତି ରହିବ ବ୍ୟବସ୍ଥା ସେନେଇ ବଢ଼ିଛି ଚର୍ଚ୍ଚା । ଶ୍ରୀମନ୍ଦିରରେ ଶୃଙ୍ଖଳିତ ଜଗା ଦର୍ଶନ ପାଇଁ ପୁଣି ଧାର୍ଯ୍ୟ ହେଲା ଧାଡ଼ି ବ୍ୟବସ୍ଥା ପାଇଁ ସମୟ । ଏଣିକି ଠେଲାପେଲା ଅବସ୍ଥାରେ ମହାପ୍ରଭୁଙ୍କୁ ଦର୍ଶନ ବ୍ୟବସ୍ଥାରୁ ମିଳିବ ମୁକ୍ତି । ଏହି ମାସ ଶେଷ ସୁଦ୍ଧା ଧାଡ଼ିବାନ୍ଧି ଶ୍ରୀମନ୍ଦିରକୁ ଯାଇ ଶ୍ରୀଜୀଉଙ୍କୁ ଦର୍ଶନ କରିବେ ଶ୍ରଦ୍ଧାଳୁ ଏବଂ ଭକ୍ତ । ଆଜି ଗଞ୍ଜାମ ଗସ୍ତ ଅବସରରେ ଗଣମାଧ୍ୟମକୁ ସୂଚନା ଦେଇ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଚଳିତ ମାସ ଶେଷ ସୁଦ୍ଧା ପୁରୀରେ ଆରମ୍ଭହେବ ଧାଡ଼ି ଦର୍ଶନ ପ୍ରକ୍ରିୟା ।ଏହି ସପ୍ତାହ ମଧ୍ୟରେ ଗଠନ ହେବ ଶ୍ରୀମନ୍ଦିର ପରିଚାଳନା କମିଟି । କମିଟି ଗଠନହେବା ପରେ ନାଟ ମଣ୍ଡପ ଭିତରେ ଥିବା ହୁଣ୍ଡିଗୁଡ଼ିକୁ ଉଠାଇବା ପାଇଁ ଅନୁମୋଦନ ନିଆଯିବ । ପରିଚାଳନା କମିଟିର ପ୍ରସ୍ତାବ ଓ ରାଜ୍ୟ ସରକାରଙ୍କ ଅନୁମତି ପରେ ହୁଣ୍ଡି ସିଫ୍ଟ ହେବ । ଏହାପରେ ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ପ୍ରକ୍ରିୟା ଆରମ୍ଭ ହେବ ବୋଲି ମନ୍ତ୍ରୀ କହିଛନ୍ତି । ପ୍ରଥମେ ଗତ ଜାନୁୟାରୀ ପହିଲାରୁ ଧାଡ଼ି ଦର୍ଶନ ପାଇଁ ନିଷ୍ପତ୍ତି ହୋଇଥିଲା । ଏଥିପାଇଁ ଗତ ଡିସେମ୍ବର ୨୭ ଓ ୨୮ରେ ବ୍ୟାରିକେଡ୍ ଲଗାଯିବା ସହ ୩୦ ଓ ୩୧ ତାରିଖ ୨ ଦିନ ଧରି ପରୀକ୍ଷାମୂଳକ ଭାବେ ଦର୍ଶନ ଚାଲିବ ବୋଲି କୁହାଯାଇଥିଲା । ତେବେ ପରିଚାଳନା କମିଟି ସହ ବିନା ବିଚାରବିମର୍ଶ ଓ ଛତିଶା ନିଯୋଗର ମତାମତ ନଲୋଡି ନୂଆ ବ୍ୟବସ୍ଥା ଲାଗୁକୁ ନେଇ ଆପତ୍ତି ଉଠାଇଥିଲେ ସେବାୟତ । ଏପରିକି ନୂଆ ପରିଚାଳନା କମିଟି ଗଠନ ହୋଇନଥିବାରୁ ଧାଡ଼ି ଦର୍ଶନ ବ୍ୟବସ୍ଥା ଲାଗୁ ପାଇଁ ଉପୁଜିଛି ବଡ଼ ପ୍ରତିବନ୍ଧକ । ତେବେ ମନ୍ତ୍ରୀଙ୍କ କହିବା ଅନୁଯାୟୀ, ଯଦି ସପ୍ତାହକରେ ନୂଆ କମିଟି ଗଠନ ହୋଇଯାଏ, ତେବେ କେମିତି ରହିବ ଧାଡ଼ି ଦର୍ଶନ ବ୍ୟବସ୍ଥା ? ପୂର୍ବରୁ ସାତ ପାହାଚରୁ ବ୍ୟାରିକେଡରେ ପ୍ରବେଶ ସହ ବାହାର କାଠ ପାଖରେ ରାଂପରେ ଚଢ଼ି ଠାକୁରଙ୍କୁ ଦର୍ଶନ, ଆଉ ଗାରଦ ଓ ଘଣ୍ଟି ଦ୍ୱାର ବାଟେ ପ୍ରସ୍ଥାନ ପାଇଁ ନିଷ୍ପତ୍ତି ହୋଇଥିଲା । ଏହି ଅନୁସାରେ ଧାଡ଼ି ଦର୍ଶନ ବ୍ୟବସ୍ଥା ହେବ, ନା ପୂର୍ବ ପ୍ରସ୍ତାବରେ ହେବ ପରିବର୍ତ୍ତନ ? ସେବାୟତଙ୍କ କହିବା କଥା, ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ଧାଡ଼ି ବ୍ୟବସ୍ଥା ନିଷ୍ପତ୍ତି ସ୍ୱାଗତ ଯୋଗ୍ୟ । ତେବେ ଏହା ଶୀଘ୍ର ଲାଗୁ ହେବା ଉଚିତ । ଭକ୍ତମାନେ ମଧ୍ୟ ଏହି ନିଷ୍ପତ୍ତିକୁ ଶୀଘ୍ର କାର୍ଯ୍ୟକାରୀ କରିବାକୁ ମତ ରଖିଛନ୍ତି । ନାଟ ମଣ୍ଡପରେ ଧାଡ଼ି ଦର୍ଶନ ବ୍ୟବସ୍ଥା ହେଲେ ସାହାଣ ମେଲା ଦର୍ଶନରୁ ବଞ୍ଚିତ ହେବେ କି ଭକ୍ତ ? ନାଟ ମଣ୍ଡପରେ ଧାଡ଼ି ଲାଗିଲେ ଘଣ୍ଟା ଘଣ୍ଟା ଧରି ଶ୍ରଦ୍ଧାଳୁଙ୍କୁ ଅପେକ୍ଷା କରିବାକୁ ପଡ଼ିବନି ତ ? ଅପେକ୍ଷା, ନୂଆ ପରିଚାଳନା କମିଟି ଏ ଦିଗରେ ଆଗକୁ କି ନିଷ୍ପତ୍ତି ନେଉଛି ।

## ଟ୍ରିବ୍ୟୁନାଲର ନିଷ୍ପତ୍ତିକୁ ଚାହିଁ ଚାହିଁ ଜଳକା ହେଲାଣି ଓଡ଼ିଶା

# ସଙ୍କଟରେ ମହାନଦୀ

ଭୁବନେଶ୍ୱର,୮/୪: ମହାନଦୀ ଜଳଧାରକୁ ରୋକି ଛତିଶଗଡ଼ ବ୍ୟାରେଜ, ଆନିକଟ ଓ ଜଳଭଣ୍ଡାର ନିର୍ମାଣ କରୁଛି । କେନ୍ଦ୍ରୀୟ ଜଳ ଆୟୋଗ, କେନ୍ଦ୍ର ସରକାର, ବିବାଦର ସମାଧାନ ନିମନ୍ତେ ଗଠିତ ଟ୍ରିବ୍ୟୁନାଲ ସବୁ ଦେଖି ବି ଚୁପ୍ ରହୁଛନ୍ତି । ଟ୍ରିବ୍ୟୁନାଲର ନିଷ୍ପତ୍ତିକୁ ଚାହିଁ ଚାହିଁ ଓଡ଼ିଶା ଜଳକା ହେଲାଣି, ମହାନଦୀ ଜଳଧାର କ୍ଷୀଣ ହେଲାଣି; ତଥାପି କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ । ଟ୍ରିବ୍ୟୁନାଲର ପୂର୍ବ ଅଧ୍ୟକ୍ଷଙ୍କ ସମୟରେ ଓଡ଼ିଶାକୁ ନ୍ୟାୟ ମିଳିଲା ନାହିଁ । ନୂଆ ଅଧ୍ୟକ୍ଷ ରୂପେ ଜଷ୍ଟିସ ବେଲା ଏମ୍ ତ୍ରିବେଦୀ ନିଯୁକ୍ତି ପାଇବା ପରେ ଶୁଣାଣି ତ୍ୱରାନ୍ୱିତ ହୋଇ ସମାଧାନର ରାସ୍ତା ବାହାରିବ ବୋଲି ଆଶା କରାଯାଉଥିଲା, ମାତ୍ର ତାହା ମଧ୍ୟ ସମ୍ଭବ ହୋଇ ପାରିଲା ନାହିଁ । ନୂଆ ଅଧ୍ୟକ୍ଷଙ୍କ ନିଯୁକ୍ତି ୪ ମାସ ପୂରିବାକୁ ବସିଥିଲେ ମଧ୍ୟ ଗୋଟିଏ ବି ଶୁଣାଣି ହୋଇ ପାରିଲା ନାହିଁ । ୪ ମାସ ପୂର୍ବରୁ ସ୍ଥିତି ଯାହା ଥିଲା, ଏବେ ବି ବିବାଦର ସ୍ଥିତି ସେଇଆ ରହିଛି । କୌଣସି ମଧ୍ୟବର୍ତ୍ତୀକାଳୀନ ରାୟ ନ ଆସିବା ଫଳରେ ମହାନଦୀର ଭାଗ୍ୟ ଓ ଭବିଷ୍ୟତ କ୍ରମଶଃ ଅନ୍ଧକାର ଆଡ଼କୁ ଟାଣି ହୋଇଯାଉଛି । ରାଜ୍ୟରେ ଡବଲ ଇଞ୍ଜିନ ସରକାର ଆସିବା ପରେ ମହାନଦୀ ବିବାଦର ତ୍ୱରିତ୍ ସମାଧାନ ନିମନ୍ତେ ପଦକ୍ଷେପ ନିଆଯିବା ନେଇ ଆଶା କରାଯାଉଥିଲା । ମାତ୍ର ଗତ ୧୦ ମାସ ମଧ୍ୟରେ ମହାନଦୀ ପ୍ରସଙ୍ଗରେ ସେପରି କିଛି ଉଲ୍ଲେଖନୀୟ ଅଗ୍ରଗତି ଘଟିନାହିଁ । ଗତ ମାସ ୨୨ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଛତିଶଗଡ଼ର ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରେ ମହାନଦୀ ଜଳ ବିବାଦ ମାମଲା ସମ୍ପର୍କରେ ଆଲୋଚନା କରିଥିବା କୁହାଯାଉଥିଲା । ବୈଠକରେ ଉଭୟ ରାଜ୍ୟରେ ମୁଖ୍ୟମନ୍ତ୍ରୀ ଏହି ବିଷୟରେ ଶାନ୍ତିପୂର୍ଣ୍ଣ ସମାଧାନ ରାସ୍ତା ବାହାର କରିବାକୁ ଏକମତ ମଧ୍ୟ ହୋଇଥିଲେ । ମାତ୍ର ଏ ସମ୍ପର୍କରେ ଏଯାଏ ମଧ୍ୟ କୌଣସି ଅଗ୍ରଗତି ହୋଇ ପାରିଲା ନାହିଁ । ମହାନଦୀ ବିବାଦ ଟ୍ରିବ୍ୟୁନାଲରେ ସମାଧାନ ସମ୍ଭବ କି ନୁହେଁ ତାହା ଭିନ୍ନ କଥା । ମାତ୍ର କୌଣସି ଟ୍ରିବ୍ୟୁନାଲ ଆନ୍ତଃରାଜ୍ୟ ଜଳ ବିବାଦର ସମାଧାନ କରିଥିବାର ନଜିର ନାହିଁ । ଏହି ପରିପ୍ରେକ୍ଷୀରେ ଟ୍ରିବ୍ୟୁନାଲ କେବଳ ସମୟ ଗଡ଼ାଇବା ପାଇଁ ଏକ ମାଧ୍ୟମ ବୋଲି ବିଶେଷଜ୍ଞମାନେ ସନ୍ଦେହ କରୁଛନ୍ତି । ଗତ ଡିସେମ୍ବର ୧୩ ତାରିଖରେ ଟ୍ରିବ୍ୟୁନାଲର



ଅଧ୍ୟକ୍ଷ ପଦ ନିଯୁକ୍ତି ପୂର୍ବରୁ ୯ ମାସ ଧରି ଏହି ପଦବୀ ଖାଲି ପଡ଼ିଥିଲା । ବିଭିନ୍ନ ମହଲରେ ଏନେଇ କ୍ଷୋଭ ପ୍ରକାଶ ପାଇବା ପରେ ଶେଷରେ ଜଷ୍ଟିସ୍ ବେଲା ଏମ୍ ତ୍ରିବେଦୀଙ୍କୁ ଏହି ପଦରେ ଅବସ୍ଥାପିତ କରାଯାଇଛି । ମାତ୍ର ଏହା ପରେ ମଧ୍ୟ ଟ୍ରିବ୍ୟୁନାଲ ମହାନଦୀ ବିବାଦ ସଂକ୍ରାନ୍ତରେ ସମ୍ପୂର୍ଣ୍ଣ ନିରବତା ଅବଲମ୍ବନ କରିବା ରାଜ୍ୟବାସୀଙ୍କୁ ବିବ୍ରତ କରିଛି । ୨୦୧୮ ମସିହାରେ ଟ୍ରିବ୍ୟୁନାଲ ଗଠନ ହେବା ପରେ ମହାନଦୀ ମାମଲା ଯେପରି ଲମ୍ବିତ ହେବାରେ ଲାଗିଛି, ତାହାକୁ ନେଇ ବିଶେଷଜ୍ଞ ଏବଂ ବୁଦ୍ଧିଜୀବୀ ମହଲରେ କ୍ଷୋଭ ପ୍ରକାଶ ପାଇଛି । ଇତିମଧ୍ୟରେ ମୋଟ ୩୬ଟି ଶୁଣାଣି ସରିଥିବା ବେଳେ ଟ୍ରିବ୍ୟୁନାଲ କୌଣସି ଅନ୍ତରୀଣ ଆଦେଶ ଦେବାକୁ ଇଚ୍ଛା ପ୍ରକାଶ କରିନାହାନ୍ତି । ଏପରିସ୍ଥଳେ ରାଜ୍ୟରେ ନୂଆ ସରକାର ଏବଂ ନୂଆ ଅଧ୍ୟକ୍ଷଙ୍କଠାରୁ ଢେର ଆଶା ରଖାଯାଇଥିଲା । ମାତ୍ର ଉଭୟେ ଏନେଇ ତତ୍ପରତା ପ୍ରକାଶ ନକରିବା ଏବଂ ବିବାଦର ସମାଧାନ କେବଳ ଆଲୋଚନାରେ ସୀମିତ ରହିବା ମହାନଦୀର ଭାଗ୍ୟକୁ ଆହୁରି ଅନ୍ଧାରକୁ କ୍ରମଶଃ ଠେଲି ଦେଉଛି । ମହାନଦୀ ବଞ୍ଚାଅ, ଓଡ଼ିଶା ବଞ୍ଚାଅ ଅଭିଯାନର ଆବାହାକ ସୁଦର୍ଶନ ଛୋଟରାୟ କହିଛନ୍ତି ଯେ ମହାନଦୀ ଜଳବିବାଦ ମାମଲାରେ କେନ୍ଦ୍ର ସରକାର ଆରମ୍ଭରୁ ନିଜ ଦାୟିତ୍ୱ ନିର୍ବାହ କରିନାହାନ୍ତି । ଯାହାଫଳରେ ବିଗତ କିଛି ବର୍ଷ ଧରି ଓଡ଼ିଶା ପ୍ରବଳ କ୍ଷତି ସହି ଆସୁଛି । ଟ୍ରିବ୍ୟୁନାଲରେ ତାରିଖ ପରେ ତାରିଖ ଗଡ଼ି ଚାଲିଥିବା ବେଳେ ଗତ ମାସରେ ନୂଆ ଅଧ୍ୟକ୍ଷଙ୍କୁ ନିଯୁକ୍ତି ଦିଆଗଲା । ଉଭୟ ରାଜ୍ୟରେ ପୂର୍ବରୁ ଟ୍ରିବ୍ୟୁନାଲ ସରଜମିନ୍ ତଦନ୍ତ କରିସାରିଛନ୍ତି । ତେଣୁ ନୂଆ ଅଧ୍ୟକ୍ଷ ସମସ୍ତ ରିପୋର୍ଟକୁ ଅନୁଧ୍ୟାନ କରି ତୁରନ୍ତ ରାୟ ପ୍ରଦାନର ଆବଶ୍ୟକତା ରହିଛି । ମାତ୍ର ଏନେଇ ଟ୍ରିବ୍ୟୁନାଲ ନିରବ ରହିବା ଦୁର୍ଭାଗ୍ୟଜନକ । ଏହି ପରିପ୍ରେକ୍ଷୀରେ ମହାନଦୀ ବଞ୍ଚାଅ, ଜୀବୀକା ବଞ୍ଚାଅ ଅଭିଯାନ ପକ୍ଷରୁ ଓଡ଼ିଶା ଓ ଛତିଶଗଡ଼ ସମେତ କେନ୍ଦ୍ର ଜଳଶକ୍ତି ମନ୍ତ୍ରାଳୟକୁ ଖୁବଶୀଘ୍ର ସ୍ମାରକପତ୍ର ପ୍ରଦାନ କରିବ । ସେଣ୍ଟ୍ରାଲ ଗ୍ରାଉଣ୍ଡ ୱାଟର ବୋର୍ଡକୁ ମଧ୍ୟ ସ୍ମାରକ ପତ୍ର ପ୍ରଦାନ କରାଯିବ । ମହାନଦୀର ସ୍ୱାର୍ଥ ସହ ଆଦୌ ସାଲିସ୍ କରାଯିବ ନାହିଁ ବୋଲି ଅଭିଯାନର ଆବାହକ ସୁଦର୍ଶନ ଛୋଟରାୟ କହିଛନ୍ତି ।

## କେନ୍ଦ୍ର ସରକାର ଲାଗୁ କଲେ ୱାକଫ ସଂଶୋଧନ ଆଇନ

ନୂଆଦିଲ୍ଲୀ ,୮/୪: କେନ୍ଦ୍ର ସରକାର ୱାକଫ ସଂଶୋଧନ ଆଇନ ସମ୍ପର୍କରେ ଏକ ବିଜ୍ଞପ୍ତି ଜାରି କରିଛନ୍ତି । କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ ନୂତନ ୱାକଫ୍ ଆଇନ ଆଜି ଅର୍ଥାତ୍ ମଙ୍ଗଳବାର ୮ ଏପ୍ରିଲ୍, ୨୦୨୫ ଠାରୁ ଲାଗୁ ହେବ । ସଂସଦର ଉଭୟ ଗୃହରେ ୱାକଫ୍ ସଂଶୋଧନ ବିଲ୍ ଗୃହୀତ ହେବା ପରେ, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶନିବାର (୫ ଏପ୍ରିଲ୍) ଏହାକୁ ଅନୁମୋଦନ କରିଥିଲେ । ଦେଶର ଅନେକ ରାଜ୍ୟରେ ନୂତନ ୱାକଫ ଆଇନ ବିରୋଧରେ ପ୍ରତିବାଦ ଚାଲିଥିବା ବେଳେ, କଂଗ୍ରେସ, ଏଆଇଏମଆଇଏମ ଏବଂ ଆମ ଆଦମୀ ପାର୍ଟି (ଆପ) ପୃଥକ ପୃଥକ ଆବେଦନ ସହିତ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି ।

## ଓଡିଶାରେ ନିବେଶ ପାଇଁ ୧୩ ରାଜିନାମା

ନୂଆଦିଲ୍ଲୀ,୮/୪: ନୂଆଦିଲ୍ଲୀରେ ଆୟୋଜିତ ଇନଭେଷ୍ଟ ଓଡିଶାରେ ମାନନୀୟ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝି ଶିଳ୍ପପତିମାନଙ୍କ ସହିତ ଆଲୋଚନା କରିବା ସହ ବୁଝାମଣା ପତ୍ର ସ୍ୱାକ୍ଷର କରିଛନ୍ତି । ଏହି ଅବସରରେ ମାନନୀୟ କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଶ୍ରୀ ହରଦୀପ ସିଂପୁରୀ, ଶ୍ରୀ ଜୁଏଲ ଓରାମ, ରାଜ୍ୟ ସରକାରଙ୍କ ଶିଳ୍ପ ମନ୍ତ୍ରୀ ଶ୍ରୀ ସମ୍ପଦ ସ୍ୱାଇଁ ଏବଂ ଅନ୍ୟାନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ଆଜି ଭୁବନେଶ୍ୱର ଡିସିପି ଶ୍ରୀ ଜଗମୋହନ ମୀନା (ଆଇପିଏସ), ବାଣୀବିହାରସ୍ଥିତ ନିଜ କାର୍ଯ୍ୟାଳୟଠାରେ, ବିଭିନ୍ନ ଥାନା, ପିଓପିଡି, ଟିମ-୬୦ ଏବଂ ଓସିପିଓ ସେଲର ମିଳିତ ପ୍ରୟାସରେ ଉଦ୍ଧାର ହୋଇଥିବା ମୋଟ ୧୨୯ ଗୋଟି ଚୋରୀ/ଲୁଟ/ହଜି ଯାଇଥିବା ମୋବାଇଲ ଫୋନ ଗୁଡ଼ିକୁ ଅନ୍ୟାନ୍ୟ ବରିଷ୍ଠ ପୁଲିସ ଅଧିକାରୀଙ୍କ ଉପସ୍ଥିତିରେ ସେଗୁଡ଼ିକର ପ୍ରକୃତ ମାଲିକ ମାନଙ୍କୁ ହସ୍ତାନ୍ତର କରିଥିଲେ । ହସ୍ତାନ୍ତର ହୋଇଥିବା ମୋବାଇଲ ଫୋନ ଗୁଡ଼ିକ ମଧ୍ୟରୁ ସର୍ବାଧିକ ୫୦ଟି ଫୋନ ଓସିପିଓ ସେଲ ଦ୍ୱାରା ଉଦ୍ଧାର କରାଯାଇଥିବା ବେଳେ, ପାହାଳ ଥାନା ୨୪ଟି, ଲିଙ୍ଗରାଜ ଥାନା ୨୪ଟି, ସହିଦନଗର ଥାନା ଓ ଧଉଳି ଥାନା ପ୍ରତ୍ୟେକ ୧୦ଟି ଲେଖାଏଁ ଫୋନ ଉଦ୍ଧାର କରିଥିଲେ । ଏହା ବ୍ୟତୀତ ଚନ୍ଦ୍ରଶେଖରପୁର ଥାନା ଓ ନନ୍ଦନକାନନ ଥାନା ଦ୍ୱାରା ପ୍ରତ୍ୟେକ ଦୁଇଟି ଲେଖାଏଁ ମୋବାଇଲ ଫୋନ ସହ ଦୁଇଟି ମୋଟରସାଇକେଲ ମଧ୍ୟ ଉଦ୍ଧାର କରାଯାଇଥିଲା । ଉଲ୍ଲେଖନୀୟ ଯେ, ଗତ ୨୦୨୪ ମସିହାରେ ଭୁବନେଶ୍ୱର ସହରାଞ୍ଚଳ ପୁଲିସ ଦ୍ୱାରା ମୋଟ ୧୧୫୩ ଟି ମୋବାଇଲ ଫୋନ ଉଦ୍ଧାର କରାଯାଇଥିବା ବେଳେ, ସେଥିମଧ୍ୟରୁ ୯୫୦ଟି ଫୋନ ସେମାନଙ୍କ ପ୍ରକୃତ ମାଲିକ ମାନଙ୍କୁ ଫେରସ୍ତ ଦିଆଯାଇ ପାରିଥିଲା । ବାକି ଥିବା ମାମଲାର ତଦନ୍ତ ପ୍ରକ୍ରିୟା ଶେଷ କରିବା ପାଇଁ ନିର୍ଦ୍ଦେଶ ଗତ ମାର୍ଚ୍ଚ ମାସରେ ଭୁବନେଶ୍ୱର ସହରାଞ୍ଚଳ ଜିଲ୍ଲା ପୁଲିସ ପକ୍ଷରୁ ମୋଟ ୧୩୦୦ ଟି ମାମଲାର ତଦନ୍ତ ସମ୍ପୂର୍ଣ କରି ତଦନ୍ତକାରୀ ଅଫିସରମାନେ ନ୍ୟାୟାଳୟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଛନ୍ତି । ଭୁବନେଶ୍ୱର ସହରାଞ୍ଚଳର ବିଭିନ୍ନ ଥାନାରେ ପ୍ରାୟ ଦଶ ହଜାରରୁ ଉର୍ଦ୍ଧ୍ୱ ମାମଲାର ବାକି ରହିଥିବା ତଦନ୍ତ ପ୍ରକ୍ରିୟା କୁ ତ୍ୱରାନ୍ୱିତ କରି, ପ୍ରତି ମାସରେ ପଞ୍ଜୀକୃତ ହେଉଥିବା ପ୍ରାୟ ୧୨୦୦ ରୁ ଉର୍ଦ୍ଧ୍ୱ ମାମଲା ଠାରୁ ଅଧିକ ମାମଲା ର ତଦନ୍ତ ପକ୍ରିୟା ସାରିବା ପାଇଁ ଏକ ଅଭିନବ ପ୍ରୟାସ ଆରମ୍ଭ ହୋଇଛି । ପ୍ରତିଟି ଜୋନକୁ ଜଣେ ଲେଖାଏଁ ଆଡିସିନାଲ ଡିସିପିଙ୍କୁ ପରାମର୍ଶଦାତା ରଖି ପ୍ରତ୍ୟକ ତଦନ୍ତକାରୀ ଅଫିସର ଙ୍କ ପାଖରେ ବାକି ରହିଥିବା ତଦନ୍ତ ଗୁଡିକୁ ପରୀକ୍ଷା କରି କିଭଳି ତାହାର ତଦନ୍ତ ପ୍ରକ୍ରିୟା ସାରିବା ଉପରେ ଗୁରୁତ୍ୱ ଦିଆଯାଉଛି । ଆହୁରି ମଧ୍ୟ ଡିସିପିଙ୍କ ଅଫିସରେ କାର୍ଯ୍ୟରତ ପ୍ରତ୍ୟେକ ଆଡିସିନାଲ ଡିସିପି, ଏସିପି ଓ ଇନ୍ସପେକ୍ଟର ମାନଙ୍କୁ ମେଣ୍ଟର ହିସାବରେ ସବୁଠାରୁ ଅଧିକ ମାମଲା ର ତଦନ୍ତ ବାକି ରଖିଥିବା ପ୍ରାୟ ୧୫ ଟି ଲେଖାଏଁ ଅଫିସରଙ୍କର ମାମଲା ଗୁଡିକ ପରୀକ୍ଷା କରି ମାମଲା ଶେଷ କରିବା ପାଇଁ ଉପଯୁକ୍ତ ନିର୍ଦ୍ଦେଶ ମନ ଦିଆଯାଉଛି । ଏହି କ୍ରମରେ ଗତ ମାର୍ଚ୍ଚ ମାସରେ ବିଧାନସଭା ର ଅଧିବେଶନ ଚାଲିବା ସହିତ ଅନ୍ୟାନ୍ୟ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରି ମଧ୍ୟ, ୧୨୩୨ ଟି ମାମଲା ପଞ୍ଜୀକୃତ ହୋଇଥିବା ବେଳେ ୧୩୦୦ ଟି ମାମଲାର ତଦନ୍ତ ଶେଷ କରାଯାଇଛି । ଆଗକୁ ପ୍ରତି ମାସରେ ୨୦୦୦ ରୁ ଅଧିକ ମାମଲା ତଦନ୍ତ ଶେଷ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏହି ସଂକ୍ରାନ୍ତରେ ଥାନା ଅଧିକାରୀ ଓ ତଦନ୍ତକାରୀ ଅଫିସର ମାନଙ୍କୁ କଡା ନିର୍ଦ୍ଦେଶ ମିଳିଛି । ଏହା ଦ୍ୱାରା ଜନସାଧାରଣ ମାନେ ତ୍ୱରିତ ନ୍ୟାୟ ପାଇବା ସହ ତାଙ୍କର ମାମଲା ବିଷୟରେ ଜାଣିବା ପାଇଁ ଥାନାକୁ ଯିବାକୁ ପଡିବ ନାହିଁ । ଅନ୍ୟ ପକ୍ଷ ରେ ଥାନାରେ ଗଡୁଥିବା ପୁରୁଣା ମାମଲା ଗୁଡିକରେ ଅଭିଯୋଗ ଫଳ ଦାଖଲ ହେଲେ ଥାନା ମାନଙ୍କରେ ମାମଲାର ଚାପ କମିବାର ଆଶା କରାଯାଉଛି । ତଦନ୍ତକାରୀ ଅଫିସର୍ ମାନଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କର କାର୍ଯ୍ୟ ଦକ୍ଷତା ବଢେଇବା ପାଇଁ ଶ୍ରୀ ମୀନା ତଦନ୍ତକାରୀ ଅଫିସର୍ ମାନଙ୍କୁ ପୁରସ୍କାର ରାଶି ଓ ପ୍ରଶଂସା ପତ୍ର ବଣ୍ଟନ ବ୍ୟବସ୍ଥା କରିଛନ୍ତି । ଗତ ମାସରେ ସର୍ବାଧିକ ୨୭ଟି ମାମଲାର ତଦନ୍ତ ସାରି ନୟାପଲ୍ଲୀ ଥାନାର ସବ-ଇନ୍ସପେକ୍ଟର ଶ୍ରୀ ଶୁଭ୍ରାଂଶୁ ମହାପାତ୍ର ୧୦,୦୦୦ ଟଙ୍କା ପୁରସ୍କାର ରାଶି ଓ ପ୍ରଶଂସା ପତ୍ର ପାଇବା ସହ ୧୭ ଟି ମାମଲାର ତଦନ୍ତ ସାରି ଜଟଣୀ ଥାନାର ଆସିଷ୍ଟାଣ୍ଟ ସବ୍ ଇନ୍ସପେକ୍ଟର ରମ୍ଭାବତି ବରୁଆ, ୧୭ ଟି ମାମଲାର ତଦନ୍ତ ସାରି ଜଟଣୀ ଥାନା ଆସିଷ୍ଟାଣ୍ଟ ସବ୍ ଇନ୍ସପେକ୍ଟର ଏସ କେ ସବୀର ହୁସେନ୍ ଓ ନୟାପଲ୍ଲୀ ଥାନାର ଆସିଷ୍ଟାଣ୍ଟ ସବ୍ ଇନ୍ସପେକ୍ଟର ଗଙ୍ଗାଧର ପ୍ରଧାନ ପ୍ରତ୍ୟେକ ୭,୫୦୦ ଟଙ୍କା ପୁରସ୍କାର ରାଶି ଓ ପ୍ରଶଂସା ପତ୍ର ପାଇଛନ୍ତି ।



## ଛାତ୍ରଛାତ୍ରୀଙ୍କୁ ହେଉନି ସ୍କୁଲ ପୋଷାକ



ଭୁବନେଶ୍ୱର,୮/୪: ଛାତ୍ରଛାତ୍ରୀଙ୍କ ପୋଷାକ ବାବଦରେ ସରକାର କୋଟି କୋଟି ଟଙ୍କା ବ୍ୟୟ କରୁଥିବାବେଳେ ମିଳୁଥିବା ପୋଷାକ କିନ୍ତୁ ପିଲାମାନଙ୍କୁ ଠିକଣା ଭାବେ ହେଉନାହିଁ । ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀମାନେ ଏହା ଜାଣିଥିଲେ ମଧ୍ୟ ଭୟରେ ମୁହଁ ଖୋଲୁ ନାହାନ୍ତି । ରାଜ୍ୟ ସରକାର ପ୍ରଥମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ମାଗଣାରେ ବିଦ୍ୟାଳୟ ପୋଷାକ ଯୋଗାଇଥାନ୍ତି । ଏଥିପାଇଁ ବିଭିନ୍ନ ସଂସ୍ଥାଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥାଏ । ସମ୍ପୃକ୍ତ ସଂସ୍ଥାମାନେ ପିଲାଙ୍କ ମାପ ନେବା ବଦଳରେ ଆନୁମାନିକ ଭାବେ ପୋଷାକ ତିଆରି କରି ପିଲାଙ୍କ ସଂଖ୍ୟା ଅନୁଯାୟୀ ଯୋଗାଣ କରିଥାନ୍ତି । ଏହି ପୋଷାରୁ ଅନେକ ବଛାବଛି ପରେ କିଛି ପୋଷାକ ପିଲାଙ୍କୁ ହୁଏ ନାହିଁ । କାହାର ପ୍ୟାଣ୍ଟର ଗୋଡ ଛୋଟ ତ ଆଉ କାହାର ସାର୍ଟ ଛୋଟ ହୋଇଥାଏ । କିଛି ପିଲା ଏହାକୁ ଆଡଜଷ୍ଟ କରିଥାନ୍ତି । ହେଲେ ସରକାରଙ୍କ ଠାରୁ ପୋଷାକ ବାବଦ ଅର୍ଥ ପାଉଥିବା ସଂସ୍ଥା ପୋଷାକ ଦେଇସାରିଲା ପରେ ଆଉ କିଛି ଶୁଣିନଥାଏ । ପୂର୍ବରୁ ପୋଷାକ ପାଇଁ ରାଜ୍ୟ ସରକାର ୪୦୦ ଟଙ୍କା ପ୍ରଦାନ କରୁଥିାବବେଳେ ଏବେ ପୋଷାକ ଓ ଜୋତା ପାଇଁ ପିଲା ପିଛା ୧୦୦୦ ଟଙ୍କା କରି ଯୋଗାଉଛନ୍ତି । ସମଗ୍ର ଶିକ୍ଷା ଓ ଗଙ୍ଗାଧର ମେହେର ଶିକ୍ଷା ମାନକ ବୃଦ୍ଧି ଯୋଜନାରେ ଏହି ଅର୍ଥ ପ୍ରଦାନ କରାଯାଉଛି । ସମଗ୍ର ଶିକ୍ଷା ଯୋଜନାରେ ପୋଷାକ ଓ ଜୋତା ପାଇଁ ୨୦୨୦-୨୧ ବର୍ଷରେ ୬୨୩୧ କୋଟି ୮୦ ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଥିାବବେଳେ ୨୦୨୨-୨୩ ରେ ଏହି ପରିମାଣ ୩୧୩ କୋଟି ଟଙ୍କାକୁ ଟପିଯାଇଥିଲା । ୨୦୨୩-୨୪ ବର୍ଷରେ ଏହି ପରିମାଣ ୨୬୩ କୋଟି ଟଙ୍କାରୁ ଅଧିକ ରହିଛି । ସେହିଭଳି ଗଙ୍ଗାଧର ମେହେର ଶିକ୍ଷା ମାନକ ବୃଦ୍ଧି ଯୋଜନାରେ ୨୦୨୧-୨୨ ବର୍ଷରେ ୧୬ କୋଟି ଟଙ୍କାରୁ ଅଧିକ ଯୋଗାଇ ଦିଆଯାଇଥିବାବେଳେ ୨୦୨୩-୨୪ ବର୍ଷରେ ଏହା ୧୮୮ କୋଟି ଟଙ୍କାକୁ ଟପିଥିଲା । ସେହିଭଳି ୨୦୨୩-୨୪ ବର୍ଷରେ ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀ ପରିଧାନ ଯୋଜନାରେ ମଧ୍ୟ ୧୦୫ କୋଟି ଟଙ୍କାରୁ ଅଧିକ ଅର୍ଥ ଯୋଗାଇଥିଲେ । ତେବେ ଏତେ ପରିମାଣର ଅର୍ଥ ଯୋଗାଣ ସତ୍ତ୍ୱେ ପୋଷାକରେ ଯେଉଁଭଳି ଉନ୍ନତି ଆସିବାକଥା ବହୁ ସ୍ଥାନରେ ତାହା ହୋଇପାରୁ ନାହିଁ । ଏଥିପାଇଁ ଅଭିଭାବକ ଓ ଶିକ୍ଷକ ଶିକ୍ଷୟତ୍ରୀମାନେ ପୋଷାକ ଯୋଗାଣକାରୀ ସଂସ୍ଥାକୁ ଦାୟୀ କରୁଥିବାବେଳେ ବିଦ୍ୟାଳୟ ପରିଚାଳନା କମିଟି କିନ୍ତୁ ବହୁ କ୍ଷେତ୍ରରେ ନିରବତା ଅବଲମ୍ବନ କରୁଥିବାରୁ ସ୍ଥିତିରେ ସେଭଳି ସୁଧାର ଆସିପାରୁ ନାହିଁ । ପୋଷାକ ଯୋଗାଣ ସହିତ ରାଜ୍ୟ ସରକାର ଛାତ୍ରଛାତ୍ରୀମାନଙ୍କୁ ପାଠ୍ୟପୁସ୍ତ ଯୋଗାଣ ବାବଦରେ ୨୦୨୧-୨୨ ବର୍ଷରେ ୭୨କୋଟି ଟଙ୍କାରୁ ଅଧିକ ଅର୍ଥ ବ୍ୟୟ କରିଥିବାବେଳେ ୨୦୨୨-୨୩ ରେ ଏହା ୯୦ କୋଟି ଏବଂ ୨୦୨୩-୨୪ ବର୍ଷରେ ଏହା ୧୧୫ କୋଟି ଟଙ୍କାକୁ ଅତିକ୍ରମ କରିଥିବା ଜଣାଯାଇଛି ।

## ବିଜେଡିରେ ‘ପାଣ୍ଡିଆନ୍’ ଫାଇଟ୍



ଭୁବନେଶ୍ୱର, ୮/୪: ବିଲକୁ ନେଇ ଆରମ୍ଭ ବିବାଦ ଏବେ ବିଜେଡିକୁ ପାଣ୍ଡିଆନ ଆଉ ନବୀନ ବିଜେଡିରେ ବିଭକ୍ତ କରିଛି । କିଛି ନେତା ଖୋଲାଖୋଲି ଆଉ କିଛି ବ୍ୟାକରେ ରହି ଗେମ୍ ଗଡାଉଛନ୍ତି । ଗତକାଲି ଦେବାଶିଷଙ୍କ ବିରୋଧରେ ପାଣ୍ଡିଆନଙ୍କ ସମର୍ଥନରେ ସାଂସଦମାନେ ବାହାରିଥିବା ବେଳେ, ଦେବାଶିଷଙ୍କ ଉପରେ ଆକ୍ସନକୁ ବିରୋଧ କରି ଆଜି ପୁଣି ପାଣ୍ଡିଆନ ବିରୋଧୀ ତଥା ନବୀନ ବିଜେଡି ଗୋଷ୍ଠୀ ସାମ୍ନାକୁ ଆସିଛନ୍ତି । ଲାଗୁଛି, ପାଣ୍ଡିଆନ୍ ବିଜେଡି ଗୋଷ୍ଠୀର ପଲ୍ଲା ପୁଣିଥରେ ଯେପରି ଭାରି ନହେଉ, ଏହି ଗୋଷ୍ଠୀ ପଣ କରିଛି । ନବୀନ ବିଜେଡି ବନାମ ପାଣ୍ଡିଆନ ବିଜେଡି । ଅସଲ ବିଜେଡି କାହା ପାଖରେ ? ରାଜ୍ୟସଭାରେ ୱକ୍ଫ ବିଲ୍ ବିବାଦକୁ ନେଇ ଦୁଇଫାଳ ଦଳ । କିନ୍ତୁ କାହିଁକି ଅସହାୟ ନବୀନ ? କାର୍ଯ୍ୟାନୁଷ୍ଠାନରେ ବିଳମ୍ବ କାହିଁକି ? ଗତକାଲିଠୁ ଖୋଲାଖୋଲି ଆରମ୍ଭ ହୋଇଛି ପ୍ରୋ ପାଣ୍ଡିଆନ ଆଉ ଏଗେନଷ୍ଟ ପାଣ୍ଡିଆନ ଫାଇଟ୍ । ସୋସିଆଲ ମିଡିଆ ଆଉ ଗଣମାଧ୍ୟମକୁ ଆସି ମତ ରଖୁଛନ୍ତି ଜଣକ ପରେ ଜଣେ ନେତା ।ଶଙ୍ଖ ଭବନ ଆଉ ନବୀନ ନିବାସରେ ଆରମ୍ଭ ହୋଇଛି ଲବି । ଗୋଟିଏ ଗୋଷ୍ଠୀ ସସ୍ମିତଙ୍କ ବିରୋଧରେ କାର୍ଯ୍ୟନୁଷ୍ଠାନକୁ ବିରୋଧ କରି ପାଣ୍ଡିଆନଙ୍କୁ ସପକ୍ଷ କରୁଥିବା ବେଳେ ଆଉ ଗୋଟିଏ ଗୋଷ୍ଠୀ ଦେବାଶିଷଙ୍କୁ ସମର୍ଥନ କରି ପାଣ୍ଡିଆନଙ୍କ ବିରୋଧରେ ବାହାରିଛନ୍ତି ।ନଜର ପକାନ୍ତୁ ନବୀନ ବିଜେଡି ଆଉ ପାଣ୍ଡିଆନ ବିଜେଡି ନେତାଙ୍କ ଉପରେ । ନବୀନ ବିଜେଡିରେ ପ୍ରସନ୍ନ ଆଚାର୍ଯ୍ୟ, ପ୍ରଫୁଲ୍ଲ ଘଡେଇ, ପଦ୍ମନାଭ ବେହେରା, ବଦ୍ରି ପାତ୍ର, ପ୍ରଫୁଲ୍ଲ ସାମଲ, ପ୍ରଭାତ ତ୍ରିପାଠୀ, ମୁନା ଖାଁ ଙ୍କ ସହ ସମ୍ବିତ ରାଉତରାୟ ଏବଂ ଗ୍ରୁପ୍ । ଅନ୍ୟପଟେ ପାଣ୍ଡିଆନଙ୍କ ବିଜେଡିରେ ସସ୍ମିତ ପାତ୍ର, ମାନସ ମଙ୍ଗରାଜ, ସୁଲତା ଦେଓ, ନିରଞ୍ଜନ ବିଶି, ଶୁଭାଶିଷ ଖୁଣ୍ଟିଆ, ସୁବାସ ସିଂ, ଅତନୁ ସବ୍ୟସାଚୀ ଆଉ ପ୍ରତାପ ଜେନା । ଗତକାଲି ଦେବାଶିଷଙ୍କ ବିରୋଧରେ ୪ ସାଂସଦ ସାମ୍ନାକୁ ଆସିବା ପରେ, ଦେବାଶିଷଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଷ୍ପତ୍ତିକୁ ବି କଡ଼ା ବିରୋଧ କରିଥିଲେ ଗୋଟିଏ ଗୋଷ୍ଠୀ । ଏପଟେ ମାନସ ମଙ୍ଗରାଜଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଛନ୍ତି ବିଜୁ ଯୁବ ଜନତା ଦଳର ସମ୍ପାଦକ ନୀଳମାଧବ ମହାନ୍ତି । କହିଛନ୍ତି ସୁପ୍ରିମୋଙ୍କ ନିର୍ଦ୍ଦେଶ ସତ୍ତ୍ୱେ ରାଜ୍ୟସଭାରେ ୱକ୍ଫ ବିଲ୍ ସମର୍ଥନ ପଛରେ ଡିଲ୍ କରିଛନ୍ତି ମାନସ ମଙ୍ଗରାଜ । ମାନସ ଏବଂ ସସ୍ମିତଙ୍କୁ ଜୋରଦାର ବିରୋଧ କରିବ ବିଜୁ ଯୁବ ଏବଂ ଛାତ୍ର ଜନତା ଦଳ । ଭୋଟିଂ ପରଦିନ ଯୁବ ଜନତା ଦଳ ପକ୍ଷରୁ ସସ୍ମିତ ପାତ୍ରଙ୍କୁ କଲ କରି ପଚାରିଥିଲୁ । ସେ କହିଲେ ବିବେକ ଅନୁଯାୟୀ ଭୋଟ୍ ଦେବାକୁ ଆମକୁ ମାନସ ମଙ୍ଗରାଜ କହିଥିଲେ । ମାନସ ମଙ୍ଗରାଜ ବିଜେପିର ଦଲାଲ ସାଜିଛନ୍ତି । ଅନ୍ୟପଟେ ମାନସ ମଙ୍ଗରାଜ ଓଟିଭିକୁ ପ୍ରତିକ୍ରିୟାରେ ଜଣାଇଛନ୍ତି, ଏ ଅଭିଯୋଗ ନିରାଧାର । ସସ୍ମିତ ପାତ୍ରଙ୍କ ସହ ମୋର କୌଣସି ଆଲୋଚନା ହୋଇନାହିଁ । ନୀଳମାଧବ କିଏ ମୁଁ ଚିହ୍ନି ନାହିଁ । ୫ ଦିନ ଧରି ବିଜେଡିରେ ବିବାଦ ଘନଉଥିବା ଥିବା ବେଳେ ସସ୍ମିତ ପାତ୍ରଙ୍କ ନିରବତା ବି ବଡ଼ ପ୍ରଶ୍ନ ଛିଡା କରିଛି । ବିଦେଶ ଗସ୍ତ କଥା କହି ଦଳର ନେତା ଏହି ପ୍ରସଙ୍ଗକୁ ଏଡାଉଥିବା ଥିବା ବେଳେ କାହିଁକି ମୁହଁ ଖୋଲୁ ନାହାନ୍ତି ସସ୍ମିତ ? ବିଦେଶ ଗସ୍ତରେ ବିଭିନ୍ନ କାର୍ଯ୍ୟକ୍ରମ ନେଇ ସୋସିଆଲ ମିଡିଆରେ ସସ୍ମିତ ରୀତିମତ ସେୟାର କରୁଥିବା ବେଳେ ୱକଫ୍ ପ୍ରସଙ୍ଗରେ ସେଠି ବି କିଛି ମତାମତ କାହିଁକି ରଖୁନାହାନ୍ତି । ସସ୍ମିତଙ୍କ ନିରବତା ଏକ ଅଘୋଷିତ ନିର୍ଦ୍ଦେଶନାମାର ଅନୁପାଳନ ବୋଲି ବି ଚର୍ଚ୍ଚା ହେଉଛି ।

# ପାରାଦୀପ ସାହିତ୍ୟ ସଂସଦର ସାହିତ୍ୟ ଆସର
# ଶବ୍ଦ ସମୁଦ୍ର- ସମ୍ବର୍ଦ୍ଧନା ଓ କବିତା ପଠୋତ୍ସବ




ପାରାଦୀପ, : ପାରାଦୀପର ପୁରାତନ ସାହିତ୍ୟ ଅନୁଷ୍ଠାନ ପାରାଦୀପ ସାହିତ୍ୟ ସଂସଦ ପକ୍ଷରୁ ରବିବାର ଦିନ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ସମାରୋହ ଓ କବିତା ପଠୋତ୍ସବ ଅାୟୋଜିତ ହୋଇଯାଇଛି । ସଂସଦର ସଭାପତି ସବିତା ମହାପାତ୍ରଙ୍କ ପୌରହିତ୍ୟେର ଅନୁଷ୍ଠିତ ଏହି ସାରସ୍ୱତ ସମାରୋହ ଶବ୍ଦ ସମୁଦ୍ର ଉତ୍ସବେର ମୁଖ୍ୟଅତିଥି ଭାବେ ବରିଷ୍ଠ କବି ଡ. ଅପର୍ଣ୍ଣା ମହାନ୍ତି ଯୋଗ ଦେଇଥିଲେ । ନିମନ୍ତ୍ରିତ ଅତିଥି ଭାବେ ନଗରପାଳ ବସନ୍ତ ବିଶ୍ୱାଳ, ସାହିତ୍ୟିକ ରବି ସ୍ୱାଇଁ, ଗାଳ୍ପିକ ରବି ପଣ୍ଡା, ଡ. ସୁରେନ୍ଦ୍ର ମୋହନ ମିଶ୍ର, କାନମାସର ସଭାପତି ଅତୁଲ୍ୟ କୁମାର ମହାପାତ୍ର, ସ୍ତମ୍ଭକାର ଅକ୍ଷୟ କୁମାର ରାଉତ ଯୋଗ ଦେଇଥିଲେ । ଏହି ଅବସରେର ରାଜ୍ୟର ଲବ୍ଧ ପ୍ରତିଷ୍ଠିତ ସାହିତ୍ୟିକମାନଙ୍କୁ ସଂସଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । କବି ନେଗନ୍ଦ୍ର ନାଥ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଂସଦର କୋଷାଧ୍ୟକ୍ଷ ସଂଜୟ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଏକ କବିତା ପଠୋତ୍ସବ ଅନୁଷ୍ଠିତ ହୋଇଥିଲା । କବି ଓ କବୟତ୍ରୀମାନେ ସ୍ୱରଚିତ କବିତା ପାଠ କରିଥିଲେ । ରାଜ୍ୟର ବିଭିନ୍ନ କୋଣ ଅନୁକୋଣରୁ କବି, ଲେଖକ ଓ ସାହିତ୍ୟିକମାନେ ବହୁ ସଂଖ୍ୟାରେ ଏହି ସାରସ୍ୱତ ସମାରୋହେର ବହୁ ସଂଖ୍ୟାରେ ଯୋଗ ଦେଇଥିଲେ ।

# ଜଟାବାଲରେ ଧୂମଧାମରେ ପାଳିତ ହେଲା ଶ୍ରୀରାମ ନବମୀ



ପାପଡାହାଣ୍ଡି, : ବ୍ଲକ ଅନ୍ତର୍ଗତ ଜଟାବାଲ ରେ ଧୂମଧାମରେ ପାଳିତ ହୋଇ ଯାଇଛି ଶ୍ରୀରାମ ନବମୀ। ଏହି ଅବସରରେ ଏକ ଧାର୍ମିକ ଶୋଭାଯାତ୍ରାରେ ହଜାର ହଜାର ଶ୍ରୀରାମ ଭକ୍ତ ହାତରେ ଶ୍ରୀରାମ ଧ୍ୱଜ ଧରି ଗ୍ରାମ ପରିକ୍ରମା କରିଥିଲେ। ଗୋରା ହରିଜନ, ଜଳନ୍ଧର ସିଂ, ଜୟସେନ୍ ନାଗେଶ ପ୍ରମୁଖ ଆୟୋଜନ ର ତଦାରଖ କରିଥିଲେ। ଅତିଥି ଭାବେ ହିନ୍ଦୁ ମହାସଂଘ ପ୍ରମୁଖ ଜୟନ୍ତ କୁମାର ପାତ୍ର, ରାଜ୍ୟ ସାଧାରଣ ସମ୍ପାଦକ ଉମାକାନ୍ତ ବିଷୟୀ, ଅବିଭକ୍ତ କୋରାପୁଟ ଜିଲ୍ଲା ସଭାପତି ଜଗନ୍ନାଥ ଶତପଥୀ ଏବଂ ଭବାନୀ ବାହିନୀ ଅବିଭକ୍ତ କୋରାପୁଟ ଜିଲ୍ଲା ସାଧାରଣ ସମ୍ପାଦିକା କମଳୀନୀ ଗୋରା ଯୋଗଦାନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କ୍ଷେତ୍ରମୋହନ ପାତ୍ର,ଗଣେଷ ନାୟକ, ବିଜୟ ସିଂ, ଶୁରେସ ବିସି, ପଙ୍କଜ ନାୟକ, ମୁନା ପାତ୍ର, ଦାମଧର୍ ପ୍ରଧାନ, ବିପିନ୍ ସିଂ, ବିପିନ୍ ଭୁକ୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ବଡଚଣା ଭାଜପା ମଣ୍ଡଳ ପକ୍ଷରୁ ପ୍ରତିଷ୍ଠା ଦିବସ ପାଳନ



ବଡଚଣା, - ଭାରତୀୟ ଜନତା ପାର୍ଟିର ୪୬ତମ ପ୍ରତିଷ୍ଠା ଦିବସ ସମଗ୍ର ଦେଶରେ ପାଳିତ ହୋଇଯାଇଛି ।ଏହି ଅବସରରେ ବଡଚଣା ନିର୍ବାଚନ ମଣ୍ଡଳୀର ୫ଗୋଟି ମଣ୍ଡଳରେ ପାଳିତ ହୋଇଥିଲା ।ଚଣ୍ଡିଖୋଲ ସ୍ଥିତ ଭାଜପା କାର୍ଯ୍ୟାଳୟ ଠାରେ ବଡଚଣା ମଣ୍ଡଳ ପକ୍ଷରୁ ପାଳିତ ପ୍ରତିଷ୍ଠା ଦିସରେ ବିଧାୟକ ଅମର କୁମାର ନାୟକ ଯୋଗ ଦେଇ ଭାଜପା ଏକ ବୃହତ ଗଣତାନ୍ତ୍ରୀକ ରାଜନୈତିକ ପାର୍ଟି ,ଆମେ ଏହି ପାର୍ଟିର କାର୍ଯ୍ୟକର୍ତ୍ତା ହୋଇଥିବାରୁ ନିଜକୁ ଗୌରବାନ୍ୱିତ ମନେ କରୁଅଛୁ।କାଶ୍ମିର ଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ଅନେକ ରାଜ୍ୟ ସହ କେନ୍ଦ୍ରରେ କମଳ ଫୁଟିଛି ।ମାନନୀୟ ଯସସ୍ୱି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକଶିତ ଭାରତ ଆଜି ବିଶ୍ୱ ଗୁରୁ ଭାବେ ପରିଗଣିତ କରିପାରିଛି ବୋଲି କହିଥିଲେ ।ମଣ୍ଡଳ ପ୍ରତିନିଧି ଲଲାଟେନ୍ଦୁ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଜିଲ୍ଲା ସଭାପତି ଦେବଜାନୀ ପ୍ରଧାନ,ସମ୍ପାଦକ ପ୍ରମୋଦ ଜେନା,ଅବସରପ୍ରାପ୍ତ ପ୍ରଧାପକ ପଦ୍ମୋଲୋଚନ ପଣ୍ଡା,ଅବସରପ୍ରାପ୍ତ ଶିକ୍ଷକ ଅଜୟ ଜେନା,ସୁଙ୍ଗୁଡା ପଂଚାୟତ ସରପଂଚ ଅଞ୍ଜୁଲତା ସ୍ୱାଇଁ,ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ପ୍ରୀତମ ନାୟକ ଓ ମହିଳା ମୋର୍ଚ୍ଚା ସଭାପତି କବିତା ମହାନ୍ତି ଯୋଗଦେଇ ପ୍ରତିଷ୍ଠା ଦିବସ ଅବସରରେ ଅଭିମତ ରଖିଥିଲେ ।ମଣ୍ଡଳ ସଭାପତି ବିମଳ ପ୍ରସନ୍ନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।ଏହି ମଣ୍ଡଳ ଅଧିନ ଆଠ ଗୋଟି ପଂଚାୟତ ପ୍ରମୂଖ ପ୍ରଶାନ୍ତ ଦାଶ,ଗୌତମ ମୂଖି,ବିଜୟ ଦାଶ,ପ୍ରମୋଦ ପଲାଇ,ନିରଞ୍ଜନ ସାମଲ,ଏବଂ ଗାୟତ୍ରୀ ରାଉତ,ଶ୍ରୀକାନ୍ତ ବେହେରା,ପ୍ରକାଶ ସାହୁ,ସୁଜିତ ଜେନାଙ୍କ ସହ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

# ଅଳ୍ପକେ ବଞ୍ଚିଲେ ପାଞ୍ଚ କ୍ଷୁଦ୍ର ବ୍ୟବସାୟୀ

ନୟାଗଡ, : ଓଡ଼ଗାଁ ବ୍ଲକ ଗୋଡିସାହି ପଞ୍ଚାୟତ ଅନ୍ତର୍ଗତ କଲ୍ୟାଣପୁର ଗ୍ରାମ ଛକ ନିକଟରେ ଆଜି ସକାଳ ୮ ଟା ସମୟରେ ଅଳ୍ପକେ ବଞ୍ଚିଲେ ୫ ଜଣ ଉଠା ବ୍ୟବସାୟୀ ଓ ଗ୍ରାହକ ମାନେ , ଓଡଗାଁ ରୁ ନୟାଗଡ କୁ ଫେରୁଥିବା ସମୟରେ ଏକ ଟାଟା ଏସି ଗାଡି ଡଓ୦୨ଉଣ ୮୩୨୫ ଦ୍ରୁତ ଗତିରେ ଆସି ଉଠା ଦୋକାନୀଙ୍କ ଆଡକୁ



ମାଡିଆସିଲା ଭୟରେ ବ୍ୟବସାୟୀ ମାନେ ଏଣେ ତେଣେ ଧାଇଁ ଜିବନ ବଞ୍ଚାୟୀଥିଲେ , ଟାଟା ଏସି ଗାଡି ସରକାରଙ୍କ ସଡକ ସୁରକ୍ଷା ଲୁହାର ଫଳକ କୁ ଭାଙ୍ଗି ସରକାରୀ ଯୋଜନା ର ଜଳଛତ୍ର କୁ ବି ଭାଙ୍ଗି ଜଣେ ବ୍ୟବସାୟୀଙ୍କ ସାଇକେଲ କୁ ଭାଙ୍ଗି ଏକ ଗଛରେ ଧକା ହୋଇ ଥିଲା ,ଫଳରେ ଏକ ଭୟର ବାତାବରଣ ସୃଷ୍ଟି ହୋଇଥିଲା ,ଡ୍ରାଇଭର ଜଣଙ୍କ ଏତେ ପରିମାଣରେ ନିଶା ସେବନ କରିଥିଲେ ଯେ କେଉଁଟା ରାସ୍ତା ବୋଲି ସେ ଜାଣିପାରିନଥିଲେ ,ଟାଟା ଏସି ଗାଡି ଡଓ୦୨ଉଣ ୮୩୨୫ ଟି ଏକ ଅନଲାଇନ ଇକାଟ ର ପାର୍ସଲ ସହ କିଛି ନିଷାଦ୍ରବ୍ୟ ନେଇ ଯାଉଥିବା ବେଳେ ଏହି ଘଟଣା ଘଟିଛି ବୋଲି ସ୍ଥାନୀୟ ଲୋକଙ୍କ ସନ୍ଦେହ ଉପୁଜିଛୀ ,ପୋଲିସ ଖବର ପାଇବା ଆଗରୁ ସଙ୍ଗେ ସଙ୍ଗେ ଟାଟା ଏସି ଗାଡି ଟିକୁ କାଢି ଘଟଣା ସ୍ଥଳରୁ କେଉଁଆଡେ ନେଇ ପଳାଇଥିଲେ ,୧୦୦ ମିଟର ଦୂରରେ ଏକ ସ୍କୁଲ ଥିଲେ ମଧ୍ୟ ନିଶାଶକ୍ତ ଚାଳକ ଙ୍କ ଖାତିର ନଥିବା ଜଣାପଡିଛି ।

# ନିଆଳିରେ ବୁଲିଲା ବୁଲଡ଼ୋଜର, ସରକାରୀ ଜମିରୁ ଉଚ୍ଛେଦ ହେଲା ଦୋକାନ ଗୃହ ଉଠା ଦୋକାନୀମାନେ ଭେଣ୍ଡିଂଜୋନ ପାଇଁ ଦାବି କଲେ




ନିଆଳି, : ଦୀର୍ଘ ବର୍ଷ ଧରି କଟକ ଜିଲ୍ଲା ନିଆଳି ବଜାର ଓ ଆଖପାଖ ଅଞ୍ଚଳରେ ବେଆଇନ ଭାବରେ ସରକାରୀ ଜମିରେ ନିର୍ମାଣ ହୋଇଥିବା ଦୋକାନ ଗୃହକୁ ଆଜି ନିଆଳି ପ୍ରଶାସନ ପକ୍ଷରୁ ବୁଲଡରଜ ଲଗାଇ ଭାଙ୍ଗି ଦେଇଥିବା ନେଇ ସୂଚନା ମିଳିଛି । ପ୍ରଥମ ପର୍ଯ୍ୟାୟରେ ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଚାରିପଟ ଓ ନିଆଳି ଏବଂ ବାହାୟଣା ରାସ୍ତା ଉଚ୍ଛେଦ କରାଯାଇଛି । ଏବଂ ନୂଆଗାଁ ଛକ ଠାରୁ ନିଆଳି ଏବଂ ଜଲ୍ଲାରପୁର ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଆର.ଆଣ୍ଡ.ବି ବିଭାଗ ସରକାରୀ ଯାଗା ଏବଂ ପଞ୍ଚାୟତ ଯାଗାକୁ ଉଚ୍ଛେଦ କରାଯିବ ବୋଲି ପ୍ରଶାସନ କହିଛି । ସେପଟେ ସରକାରୀ ଜମିରୁ ଉଚ୍ଛେଦ ହୋଇଥିବା ଉଠା ଦୋକାନି ଭେଣ୍ଡିଂ ଜୋନ ପାଇଁ ଦାବି କରିଛନ୍ତି । କଟକ ଜିଲ୍ଲା ନିଆଳି ପ୍ରଶାସନ ପକ୍ଷରୁ ନିଆଳି ଅଞ୍ଚଳରେ ସରକାରୀ ଜମିରୁ ଉଚ୍ଛେଦ ପକ୍ରିୟା ଆରମ୍ଭ କରିଛନ୍ତି । ବୁଲଡରଜ ଲଗାଇ ଦୋକାନ ଗୃହ ଗୁଡିକି ଭାଙ୍ଗି ଦେଇଥିବା ନେଇ ସୂଚନା ମିଳିଛି । ନିଆଳି ତହସିଲଦାର ଲିଲନ କୁମାର ସାହୁ ଏବଂ ନିଆଳି ଥାନା ଆଇଆଇସି ବିଜୟ କୁମାର ମଲ୍ଲିକଙ୍କ ସମେତ ସଶସ୍ତ୍ର ପୋଲିସ ଉପସ୍ଥିତିରେ ଉଚ୍ଛେଦ ପକ୍ରିୟା ଆରମ୍ଭ ହୋଇଥିବା ଜଣାପଡ଼ିଛି । ସେପଟେ ଶହ ଶହ ଉଠା ଦୋକାନି ନିଜର ରୋଜଗାର ହରାଇ ସର୍ବସ୍ୱାନ୍ତ ହୋଇଛନ୍ତି । ଉଠା ଦୋକାନି ଭେଣ୍ଡିଂ ଜୋନ ପାଇଁ ଦାବି କରିଛନ୍ତି । ସେପଟେ ନିଆଳି ବଜାର ଠାରୁ ଜଲ୍ଲାରପୁର ସରକାରୀ ଜମିରୁ ଅନ୍ୟ ଉଠା ଦୋକାନି ମାନଙ୍କୁ ଉଚ୍ଛେଦ ପାଇଁ ଦାବି ହୋଇଛି । ନିଆଳି ଅଞ୍ଚଳର ଜଣେ ବ୍ୟବସାୟୀ ପ୍ରମୋଦ କୁମାର ସିଂ କହିଛନ୍ତି,' ମେଡ଼ିସିନ ଦୋକାନ କରି ଗୁଜୁରାଣ ମେଣ୍ଟାଉଥିଲୁ । ଆମ ପାଖରେ କିଛି ପିଲା କାର୍ଯ୍ୟ କରୁଥିଲେ ସେମାନେ କେମିତି ଚଳିବେ । ସରକାରୀ ଯାଗାରୁ ଯଦି ପ୍ରଶାସନ ଉଚ୍ଛେଦ କଲା, ଆମେ ସବୁ ଚଳିବୁ କେମିତି ପାଞ୍ଚ ଶହ ବ୍ୟବସାୟୀ ଏବେ ପ୍ରଭାବିତ ହେଲେ। ଅନ୍ୟ ସ୍ଥାନରେ ଯେମିତି ଭେଣ୍ଡିଂଜୋନ ମାଧ୍ୟମରେ ଥଇଥାନ କରାଯାଉଛି, ଆମକୁ ମଧ୍ୟ ପ୍ରଶାସନ ଭେଣ୍ଡିଂଜୋନ ମାଧ୍ୟମରେ ଥଇଥାନ ପାଇଁ ଦାବି କରିଛନ୍ତି । ଆଉ ଜଣେ ବ୍ୟବସାୟୀ ସୁମନ୍ତ କୁମାର ନାୟକ କହିଛନ୍ତି,' ମୁଁ ମେଡ଼ିସିନ ଦୋକାନ କରି ଚଳୁଥିଲି। ଏଇ ବ୍ୟବସାୟ କରା ପ୍ରତିପୋଷଣ କରୁଥିଲି । ତିନି,ଚାରି ଦିନ ତଳେ ନୋଟିସ ଦେଇ ଆଜି ପ୍ରଶାସନ ଭାଙ୍ଗୁଛି । କଟକ ଓ ଭୁବନେଶ୍ୱରରେ ଉଠା ଦୋକାନୀ ମାନଙ୍କୁ ଥଇଥାନ କରି ଉଚ୍ଛେଦ କରୁଛନ୍ତି କିନ୍ତୁ ନିଆଳିରେ ବିକଳ୍ପ ବ୍ୟବସ୍ଥା ନ କରି ଭାଙ୍ଗି ଦେବା ଫଳରେ ଆମେ ଏବେ କରବୁ କ'ଣ ପ୍ରଶ୍ନ କରୁଛନ୍ତି ।ନିଆଳି ତହସିଲଦାର ଲିଲନ କୁମାର ସାହୁ କହିଛନ୍ତି,' ନିଆଳି ବଜାର ଅଞ୍ଚଳରେ ଜବର ଦଖଲ ଯୋଗୁଁ ଦୁର୍ଘଟଣା ବଢୁଛି ଲୋକଙ୍କ ଜୀବନ ଯାଉଛି । ଲୋକଙ୍କ ଅଭିଯୋଗକୁ ଭର୍ତ୍ତି କରି ସରକାରୀ ଜମିରୁ ଉଚ୍ଛେଦ ପକ୍ରିୟା ଆରମ୍ଭ ହୋଇଛି । ଉଚ୍ଛେଦ ଜାରି ରହିଛି । ପରବର୍ତ୍ତୀ ସମୟରେ ନୂଆଗାଁ, ନିଆଳି ବଜାର ଓ ଜଲ୍ଲାରପୁର ପର୍ଯ୍ୟନ୍ତ ଉଚ୍ଛେଦ ହେବ । ଜନସାଧାରଣ ଧନ ଜୀବନକୁ ଦୃଷ୍ଟିରେ ରଖି ପ୍ରଶାସନ ଏହି ଉଚ୍ଛେଦ ପକ୍ରିୟା ଆରମ୍ଭ କରିଛି । ଉଠା ଦୋକାନି ମାନଙ୍କ ପାଇଁ ପରବର୍ତ୍ତୀ ସମୟରେ ଥଇଥାନ ପାଇଁ ରାଜ୍ୟ ସରକାର,ଜିଲ୍ଲା ପ୍ରଶାସନ ଏବଂ ଲୋକ ପ୍ରତିନିଧି ମାନଙ୍କ ସହିତ ଆଲୋଚନା ପରେ ବିକଳ୍ପ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି ।

# ଶ୍ରୀରାମ ନବମୀରେ ରାମମୟ ଦାମନଯୋଡ଼ି

ଦାମନଯୋଡ଼ି, : ନାଲକୋ ଟାଉନସିପ ସେକ୍ଟର-୧ ସ୍ଥିତ ମାରୁତି ମଣ୍ଡପ ଠାରେ ଶ୍ରୀରାମନବମୀ ଉତ୍ସବ ୯ଦିନ ଧରି ପାଳିତ ହୋଇଯାଇଛି ।ବିଭିନ୍ନ ଦିବସରେ ଗୀତା ଯଜ୍ଞ,ଶ୍ରୀରାମ ସୀତାଙ୍କ ବିବାହ ଉତ୍ସବ,ସୁନ୍ଦରାକଣ୍ଡ,ହନୁମାନ ଯଜ୍ଞ,ଚଣ୍ଡୀ ଯଜ୍ଞ ଆଦି ଅନୁଷ୍ଠିତ ହୋଇଥିଲା ।ରବିବାର ବିଶ୍ୱଶାନ୍ତି ମହାଯଜ୍ଞ,ଶ୍ରୀରାମ ନବମୀ ଓ ଅଭିଷେକ ଉତ୍ସ୍ୱ ସହିତ ସନ୍ଧ୍ୟାରେ ପୂର୍ଣ୍ଣାହୂତି ଓ ସମୂହ ପ୍ରସାଦ ସେବନ କାର୍ଯ୍ୟକ୍ରମ ହୋଇଥିଲା ।ପୂଜକ ପଣ୍ଡିତ ବଳରାମ ଦାଶ,ଜଗନ୍ନାଥ ପଣ୍ଡା,ଡ଼ଃ ସତ୍ୟ ପ୍ରକାଶ ପଣ୍ଡା ଓ ବିଦ୍ୟୁତ ରଞ୍ଜନ ପଣ୍ଡା ପୂଜାକାର୍ଯ୍ୟ କରିଥିଲେ ।ମହେଶ କୁମାର ପାଢ଼ୀ ଓ ପତ୍ନୀ ସ୍ମିତା ପାଢ଼ୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ ।ଶ୍ରୀରାମନବମୀ ପୂଜାକମିଟି ସଭାପତି ତଥା ନାଲକୋ ସମୂହ ମହାପ୍ରବନ୍ଧକ ସଞ୍ଜୟ ଗୁପ୍ତା,ସମ୍ପାଦକ ଅନାମ ଚରଣ ନାୟକ, କୋଷାଧକ୍ଷ ଶୁକଦେବ ପଟ୍ଟାୟତ ପ୍ରମୁଖ ପରିଚାଳନା କରିଥିଲେ । ନାଲକୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ନିରଞ୍ଜନ ସାମଲ ପୂର୍ଣ୍ଣାହୁତି ସମୟରେ ପୁରୋଧା ରୂପେ ଯୋଗ ଦେଇଥିଲେ ।ବିଭିନ୍ନ ବିଭାଗର ସମୂହ ମହାପ୍ରବନ୍ଧକ,ମହାପ୍ରବନ୍ଧକ ପ୍ରମୁଖ ଅଧିକାରୀଙ୍କ ସମେତ ସହସ୍ରାଧିକ ଶ୍ରଦ୍ଧାଳୁ ପୂର୍ଣ୍ଣାହୂତି ସମୟରେ ଉପସ୍ଥିତ ଥିଲେ ।ପ୍ରତ୍ୟହ ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ସେକ୍ଟର ୨ ହନୁମାନ ବାଟିକାରେ ଶ୍ରୀଅଭୟ ଆଞ୍ଜେନେୟଙ୍କ ପୂଜା ସହିତ ଶ୍ରୀରାମଙ୍କ ଷୋଡଶ ଉପଚାର ପୂଜା ଅନୁଷ୍ଠିତ ହୋଇଥିଲା ।ପୂଜକ ବଳରାମ ରଥ,ପ୍ରଭାତ କୁମାର ପଣ୍ଡା ଓ ସର୍ବେଶ୍ୱର ମହାପାତ୍ର ପୂଜାନୀତି ସମ୍ପନ୍ନ କରିଥିଲେ ।କମିଟି କର୍ମକର୍ତ୍ତା ଆଲୋକ ଚୌଧୁରୀ ଓ ପତ୍ନୀ ପ୍ରୀତିପଦ୍ମା,ଦୂତୀ କିଶୋର ମହାପାତ୍ର ଓ ପତ୍ନୀ ଅନୀତା କର୍ତ୍ତା ଦାଇତ୍ୱ ତୁଲାଇଥିଲେ। ସେକ୍ଟର ୧ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଅବସ୍ଥିତ ପ୍ରଭୁ ଶ୍ରୀରଘୁନାଥଙ୍କ ଜନ୍ମୋତ୍ସବ ଓ ହୋମ ଯଜ୍ଞ ରୀତିନୀତି ଅନୁସାରେ ଅନୁଷ୍ଠିତ ହୋଇଯାଇଛି ।ପୂଜକ ବିଜୟ କୁମାର ପଣ୍ଡା ଓ ଗୁରୁଚରଣ ପଣ୍ଡା ପୂଜାକାର୍ଯ୍ୟ କରିଥିଲେ ।ପୂଜକ ଅମିୟ କୁମାର ସାମନ୍ତରାୟ ଓ ବିପିନ ବିହାରୀ ପଣ୍ଡା ପୂଜାକାର୍ଯ୍ୟରେ ସହଯୋଗ କରିଥିଲେ ।କମିଟି ଯୁଗ୍ମ ସମ୍ପାଦକ ତ୍ରିଲୋଚନ ଚୌଧୁରୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ ।ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଉପସଭାପତି ବିଛନ୍ଦ ଚରଣ ଦାଶ,ସମ୍ପାଦକ ରାଜେନ୍ଦ୍ର ମିଶ୍ର,ଯୁଗ୍ମ ସମ୍ପାଦକ କୈଳାସ ସେନାପତି ଓ କୋଷାଧକ୍ଷ ପି କେ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ ।ଶ୍ରୀରାମ ନବମୀ ପାଇଁ ଦାମନଯୋଡ଼ିର ମହାବୀର ଯୁବକ ସଂଘ ପକ୍ଷରୁ ସ୍ୱତନ୍ତ୍ର ପୂଜାନୀତି ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା ।ସ୍ୱତନ୍ତ୍ର ସାଂସ୍କୃତିକ ଦଳ କାର୍ଯ୍ୟକ୍ରମ ପରିବେଷଣ କରି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ ।ମହାବୀର ଯୁବକ ସଂଘ ପକ୍ଷରୁ ମଧ୍ୟ ଦାମନଯୋଡ଼ିର ବିଭିନ୍ନ ସ୍ଥାନରେ ପ୍ରଭୁ ଶ୍ରୀରାମ ଓ ରାମଭକ୍ତ ଶ୍ରୀ ହନୁମାନଙ୍କ ବଡ଼ ବଡ଼ ତୋରଣ,ଫଟୋ ଓ ପତାକା ଟଙ୍ଗା ଯାଇଥବା ଦେଖାଯାଇଥିଲା ।ସେହିପରି ଅନ୍ୟ ସ୍ଥାନ ମାନଙ୍କରେ ମଧ୍ୟ ଶ୍ରୀରାମ ନବମୀ ଆନନ୍ଦ ଉତ୍ସାହର ସହିତ ପାଳିତ ହୋଇଯାଇଛି ।

# ପ୍ରାଚୀ ପୁନରୁଦ୍ଧାର ପାଇଁ ଏକ ପ୍ରୟୋଗ ଶାଳା ସୃଷ୍ଟି ହେବା ଆବଶ୍ୟକ ପ୍ରାଚୀ ପ୍ରଜ୍ଞା ପରିଷଦ ପକ୍ଷରୁ ପ୍ରାଚୀ ମହୋତ୍ସବ ୨୦୨୫ରେ ଆହ୍ୱାନ




ନିଆଳି, : ପୂର୍ଣ୍ଣତୟା ପ୍ରାଚୀ ନଦୀକୁ ପୁନଃରୁଦ୍ଧାର ପାଇଁ ବର୍ଷ ବର୍ଷ ଉଦ୍ୟମ ଆରମ୍ଭ କରିଛି ପ୍ରାଚୀ ପ୍ରଜ୍ଞା ପରିଷଦ । ଏଥିପାଇଁ ପ୍ରତିବର୍ଷ ପାଳନ କରୁଛି ପ୍ରାଚୀ ମହୋତ୍ସବ । କଟକ ଜିଲ୍ଲା କୁରାଙ୍ଗ ଶାସନସ୍ଥିତ ଆମ୍ରପଲ୍ଲୀ ରିସର୍ଟସ ପରିସରରେ ଚଳିତବର୍ଷ ଅନୁଷ୍ଠିତ ହୋଇଯାଇଛି ପ୍ରାଚୀ ମହୋତ୍ସବ ୨୦୨୫ । ଏହି କାର୍ଯ୍ୟକ୍ରମରେ ଏକାଧିକ ସାଧୁସନ୍ଥ, ବିଜ୍ଞାନ ଗୁରୁ ମହାରାଜା, ସାମ୍ବାଦିକ ଓ ଗବେଷକ ନିଜକୁ ସାମିଲ କରି ପ୍ରାଚୀ ପୁନଃରୁଦ୍ଧାର ପାଇଁ ଏକ ପ୍ରୟୋଗ ଶାଳା ସୃଷ୍ଟି ହେବା ଆବଶ୍ୟକ ବୋଲି ଆହ୍ୱାନ ଦେଇଛନ୍ତି । ପ୍ରାଚୀ ବିନା ସମାଜ ଏ ମଣିଷ ଜାତି ତିଷ୍ଟି ରହିବା ସମ୍ଭାବନା କ୍ଷୁର୍ଣ୍ଣ । ବରଂ ପୂର୍ବ ଇତିହାସକୁ ଲୋକ ଲୋଚନକୁ ଅଣାଯିବା ସହିତ ପ୍ରାଚୀ ଉପରେ ଏକ ଗବେଷଣା ଆରମ୍ଭ ହେବା ପାଇଁ ଦାବି ହୋଇଛି । ପ୍ରାଚୀ କେଉଁଠୁ ଆରମ୍ଭ ହୋଇଛି ଏବଂ ଏହାର ସଙ୍ଗମସ୍ଥଳ କେଉଁଠି ରହିଛି ଏହା ଉପରେ ଗବେଷଣା ହେବା ଦ୍ୱାରା ଆସନ୍ତା ପିଢ଼ି ପ୍ରାଚୀ ସମ୍ପର୍କରେ ଅବଗତ ହୋଇପାରିବେ । ଏବଂ ପ୍ରାଚୀ ପୁନଃରୁଦ୍ଧାର ପାଇଁ ଏକ ପ୍ରୟୋଗ ଶାଳା ସୃଷ୍ଟି ହେବା ଆବଶ୍ୟକ ବୋଲି ପ୍ରାଚୀ ପ୍ରଜ୍ଞା ପରିଷଦ ପକ୍ଷରୁ ଅନୁଷ୍ଠିତ ପ୍ରାଚୀ ମହୋତ୍ସବ ୨୦୨୫ ରେ ଯୋଗଦେଇ ଉପସ୍ଥିତ ବକ୍ତା ମାନେ ନିଜ ନିଜର ମତପ୍ରକାଶ କରିଛନ୍ତି । ଏହି ଅବସରରେ ବିଜ୍ଞାନ ଗୁରୁ ଶ୍ରୀସନ୍ତୁଜୀ ମହାରାଜା କହିଛନ୍ତି,' ଜାତି ସହିତ ଏବଂ ଜାତିର ସଂସ୍କୃତି ସହିତ ନଦନଦୀର ବଡ ଘନିଷ୍ଠ ସମ୍ପର୍କ । ନଦୀ ଶୁପ୍ତ ହେଉଛି ନଦୀ ମୃତ୍ୟୁ ବୋଲି କହିବା ଠିକ ହେବ ନାହିଁ। ବିଜ୍ଞାନ ଯୁଗରେ କୋ ?ଣସି ନଦୀକୁ ଆମେ ମୃତ ବୋଲି ଆମେ କହିପାରିବା ନାହିଁ । ଭୂ'ର ଭୂପୃଷ୍ଠରେ ପ୍ରଭାବ ନହେଲେ ମଧ୍ୟ ଭୂ'ରେ ମଧ୍ୟ ତା'ର ସତ୍ତା ଅଛି । ସେ ସତ୍ତା ହିନ ନୁହେଁ ସେ ଶୁପ୍ତ ଅବସ୍ଥାରେ ରହିଛି। ନଦୀର ଯେଉଁ ଉପତ୍ୟକା ରହିଛି ତା'ର ଯଦି ପୁନଃରୁଦ୍ଧାର କରାଯାଏ ବା ଗବେଷଣା କରାଯାଏ ଗୋଟିଏ ଜାତିର ଇତିହାସ ଜାଣିପାରିବା। ଜାତିର ଯେଉଁ ଗୌଷ୍ଠରବମୟ ଐତିହ୍ୟ ଅଛି ଆମର ଆଗାମୀ ପିଢ଼ି ଏବଂ ଭବିଷ୍ୟତ ପାଇଁ ବାଣ୍ଟି ପାରିବା ଏବଂ ସେ ଆଦର୍ଶରେ ଅନୁପ୍ରାଣିତ କରିପାରିବା । ଏମିତି ଏକ ନଦୀ ଅଭବାହିକା ହେଉଛି ପ୍ରାଚୀ । ଯାହା କାରୁକାର୍ଯ୍ୟ,ବୀରତ୍ୱ,ଧର୍ମ ଏବଂ ସମାଜର କୋ ?ଣସି ଏକ ଦିଗ ନାହିଁ ଧର୍ମ ସହିତ ଜଡିତ ନୁହେଁ । ସବୁ ଦିଗକୁ ଆମକୁ ଜାଣିବା ପାଇଁ ହେଲେ ପ୍ରାଚୀ ନଦୀର ପୁନଃରୁଦ୍ଧାର ଆବଶ୍ୟକ ଅଛି ବୋଲି କହିଛନ୍ତି ।

ସେହିପରି ପ୍ରାଚୀ ପ୍ରଜ୍ଞା ପରିଷଦର ଉପ ସଭାପତି ଇଂ ଶ୍ରୀସନ୍ନ୍ୟାସୀ କହିଛନ୍ତି,' ପ୍ରାଚୀ ନଦୀ ଆଜି ଯାହା ଶୁପ୍ତ , ଲୁପ୍ତ ଏବଂ ଅବଲୁପ୍ତ । ଏହା ଓଡ଼ିଶାର କୋ ?ଣସି ଜନ ସାଧାରଣ ପାଖରେ ଅଛପା ନାହିଁ । ସମସ୍ତେ ଜାଣିଛନ୍ତି କିନ୍ତୁ କାହା ଆଖିରେ ନିଦ ନାହିଁ କି ଲୁହ ନାହିଁ । ପ୍ରାଚୀ ପ୍ରଜ୍ଞା ପରିଷଦ ଆଜିକୁ ଦଶ ବର୍ଷ ହେଲାଣି ପ୍ରାଚୀ ନଦୀର ଉଦ୍ଧାର ପାଇଁ ଲାଗି ରହିଛି ? । ପ୍ରାଚୀ ପାଇଁ ଦୁଇଟି ଜିନିଷ ଆବଶ୍ୟକତା ରହିଛି । ଗୋଟିଏ ପ୍ରାଚୀ ପରିକ୍ରମା ଆଉ ଗୋଟିଏ ପ୍ରାର୍ଥନା ? । ପ୍ରାଚୀ ହେଉଛି ଦେବୀ ଅର୍ଥାତ ସରସ୍ୱତୀ । ୭୮ କିଲୋମିଟର ଲୁପ୍ତ ପ୍ରାୟ ପ୍ରାଚୀ ନଦୀ ସରକାରୀ ସ୍ତରରେ କିପରି ଉଦ୍ଧାର ହୋଇପାରିବ ଏଥିପାଇଁ ପ୍ରାଚୀ ପ୍ରଜ୍ଞା ପରିଷଦ ଅହରହ ସଂଗ୍ରାମ ଜାରି ରଖିଛି ବୋଲି କହିଛନ୍ତି । ଶେଷରେ ଅଞ୍ଚଳର ସାମ୍ବାଦିକ, ଗବେଷକ,ବିଜ୍ଞାନି, ପରିବେଶ ବିତ୍ତ ଓ ଗୃହିଣୀ ମାନଙ୍କୁ ପ୍ରାଚୀ ପ୍ରଜ୍ଞା ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଇଟିଭି ଭାରତ ସାମ୍ବାଦିକ ଉମେଶ ଚନ୍ଦ୍ର ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରିଥିଲେ ବିଜ୍ଞାନ ଗୁରୁ ଶ୍ରୀସନ୍ତୁଜୀ ମହାରାଜା ଓ ବରିଷ୍ଠ ସାମ୍ବାଦିକ ସ୍ମୃତି ରଞ୍ଜନ ବେହେରା

# ଓଡ଼ିଆ ପକ୍ଷ ନେଇ କୋରାପୁଟରେ ଗଣଦୌଡ଼ କାର୍ଯ୍ୟକ୍ରମ



କୋରାପୁଟ, : ଓଡ଼ିଆ ପକ୍ଷ ନେଇ ଶନିବାର କୋରାପୁଟରେ ଐତିହ୍ୟ ଗଣଦୌଡ ଅନୁଷ୍ଠିତ ହୋଇଯାଇଛି. କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ ସମୁଖରେ ଆୟୋଜିତ ଏହି ଗଣଦୌଡ କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲାପାଳ ଦେବୀ ପ୍ରସାଦ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ ସବୁଜ ପତକା ଦେଖାଇ ଶୁଭାରମ୍ଭ କରିବା ସମେତ ରାଜ୍ୟ ସରକାର ଓଡ଼ିଶାର ଐତିହ୍ୟକୁ କିପରି ଅଧିକ ପ୍ରଚାର ପ୍ରସାର ସହ ଏହାକୁ ଏକ ଜନ ଆନ୍ଦୋଳନ କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଗଣ ଦୌଡ ସହର ପରିକ୍ରମା ସହ ଶେଷରେ କୋରାପୁଟ ଷ୍ଟାଡିୟମ ଠାରେ ଶେଷ ହୋଇଥିଲା। ଏହି ଗଣ ଦୌଡ ରେ କୋରାପୁଟ କ୍ରୀଡା ହଷ୍ଟେଲ ର ଛାତ୍ରଛାତ୍ରୀ, ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର, ବହୁ ଯୁବକ ଯୁବତୀ , ଅଧିକାରୀ ଏବଂ କର୍ମଚାରୀ ଏଥିରେ ଅଂଶଗ୍ରହଣ କରି ଓଡ଼ିଶାର ଐତିହ୍ୟ ଉପରେ ସହରବାସୀଙ୍କୁ ସଚେତନ କରିଥିଲେ ।ଅନ୍ୟମାନଙ୍କ ମଧ୍ୟରେ କୋରାପୁଟ ପୌରାଧକ୍ଷ ଲଲାଟ ରଂଜନ ସେଠୀ, ସାଂସଦଙ୍କ ପ୍ରତିନିଧି ମନୋଜ ଆଚାର୍ଯ୍ୟ, ଜିଲା କ୍ରୀଡା ଅଧିକାରୀ ସୁବ୍ରତ କୁମାର ସାହୁ, ଡେପୁଟି କଲେକ୍ଟର ଦେବେନ୍ଦ୍ର ରାଉତ, ସରଂଜିତା ମାଝୀ, ଜ୍ୟୋତିପ୍ରକାଶ ସେଠୀ ଙ୍କ ସମେତ ଜିଲ୍ଲାପ୍ରଶାସନର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହିଥିଲେ।

# ପାନନାଗର ଗ୍ରାମରେ ମା ତାରିଣୀ ମନ୍ଦିର ପ୍ରତିଷ୍ଠା ଉତ୍ସବ



ବୋଲଗଡ, : ବୋଲଗଡ ବ୍ଲକ ବଡ଼କୁମାରୀ ଅନ୍ତର୍ଗତ ପାନନଗର ସ୍ଥିତ ମା ତାରିଣୀ ଦେବୀ ମନ୍ଦିର ଓ ପାର୍ଶ୍ୱ ଦେବତା ପ୍ରତିଷ୍ଠା ଉତ୍ସବ ପାନ ନଗର ଗ୍ରାମବାସୀ ମାନଙ୍କ ମିଳିତ ସହଯୋଗ ରେ ଅନୁଷ୍ଠିତ ହୋଇ ଯାଇଛି। ପ୍ରଥମ ଦିବସ ରେ ବରିଷ୍ଠ ପୂଜକ ଙ୍କ ଦ୍ୱାରା ବେଦ ପାଠ, ଅଙ୍କୁରା ରୋପଣ,ମଣ୍ଡଳ କରଣ ଦ୍ୱିତୀୟ ଦିବସ ରେ କଳସ ଯାତ୍ରା ଘଟ ସ୍ଥାପନ,ସୂର୍ଯ୍ୟ ପୂଜା, ଗୋପୂଜା ଯଜ୍ଞ ବେଦି ପ୍ରତିଷ୍ଠା ଓ ହୋମ ଯଜ୍ଞ କରାଯାଇଥିଲା। ବିଶ୍ୱର କଲ୍ୟାଣ ନିମନ୍ତେ ବରିଷ୍ଠ ପୂଜକ ସନ୍ଧ୍ୟା ଆଳତି ସହିତ ବିଶ୍ୱ ଶାନ୍ତି ପ୍ରାର୍ଥନା କରି ହୋମ ଯଜ୍ଞ ରେ ଘୃତ ପୂର୍ଣ୍ଣ ଆହୁତି କରିଥିଲେ ଏହି ପ୍ରତିଷ୍ଠା ଉତ୍ସବ ରେ ବିଭିନ୍ନ ଅଂଚଳ ରୁ ବହୁ ଶ୍ରଦ୍ଧାଳୁ ଭକ୍ତ ମାନେ ଯୋଗ ଦେଇ ମା ତାରିଣୀ ଙ୍କ ଦର୍ଶନ ଲାଭ କରି କୃପା ଭିକ୍ଷା କରିଥିଲେ। ମା ତାରିଣୀ ମନ୍ଦିର କୁ ବିଭିନ୍ନ ରଙ୍ଗ ବିରଙ୍ଗ ର ଆଲୋକ ରେ ସଜିତ କରାଯାଇ ବିଭିନ୍ନ କଳାକାର ମାନଙ୍କ ଦ୍ୱାରା ମନରଞ୍ଜନ ଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ପରିବେଷଣ କରାଯାଇଥିଲା। ଏହି ପାର୍ଶ୍ୱ ଦେବତା ପ୍ରତିଷ୍ଠା ଉତ୍ସବ ରେ ବରିଷ୍ଠ ସମଜସେବୀ ପ୍ରକାଶ ମାର୍ଥା ମୁଖ୍ୟ କର୍ତ୍ତା ଭାବେ ଯୋଗ ଦେଇ ସମସ୍ତ ଜନସାଧାରଣ ସୁସ୍ଥ ନିରୋଗ ନିରାମୟ ଜୀବନ କାମନା କରି ହୋମ ଯଜ୍ଞ ରେ ପୂର୍ଣ୍ଣଆହୁତି ପ୍ରଦାନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମ କୁ ୱାର୍ଡ ସଭ୍ୟ ସୁନୀଲ କୁମାର ନାୟକ (ସୁନି )ପୂର୍ବତନ ନୟାବ ସରପଞ୍ଚ ବିଜୟ କୁମାର ତାରିଣୀୟା,ଜଗନ କୁମାର ନାୟକ, କରୁଣା,ମାନସ ପ୍ରମୁଖ ମିଳିତ ଭାବେ ସହଯୋଗ କରି ପରିଚାଳନା କରିଥିଲେ। ମନ୍ଦିର ପରିସର ରେ ବାଙ୍କୋଇ ଫାଣ୍ଡି ଅଧିକାରୀ ଦିଲୀପ କୁମାର ସାହୁ,ସହକାରୀ ପୋଲିସ ଅଧିକାରୀ କାରୀ ତୁଷାରକାନ୍ତ ନାୟକ ଙ୍କ ସମେତ ପୋଲିସ ବାହିନୀ ଉପସ୍ଥିତ ରହି ଶ୍ରାଦ୍ଧଳୁ ମହିଳା ମାନଂକୁ ସୁରକ୍ଷା ଯୋଗାଇ ଦେଇ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶ୍ରୀରାମ ନବମୀ ପାଳିତ



ଶାରଦା ବିହାର, :ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଶାରଦା ବିହାରଠାରେ ଶ୍ରୀରାମ ନବମୀ ଉତ୍ସବ ପ୍ରଧାନ ଆଚାର୍ଯ୍ୟ ଶ୍ରୀଯୁକ୍ତ ସତ୍ୟନାରାୟଣ ସେଠୀଙ୍କ ଅଧକ୍ଷତାରେ ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଶ୍ରୀ ତପନ କିରଣ ତ୍ରିପାଠୀ, ପରିଚାଳନା ସମିତିର ଯୁଗ୍ମ ସଂପାଦକ ଯୋଗ ଦେଇଥିବା ବେଳେ ଶ୍ରୀଯୁକ୍ତ କିଶୋର ଚନ୍ଦ୍ର ପଣ୍ଡା, ପରିଚାଳନା ସମିତିର ସଭାପତି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ପ୍ରଥମେ ସ୍ୱାଗତ ସଂଗୀତ ସହିତ କାର୍ଯ୍ୟକ୍ରମର ପ୍ରାରମ୍ଭ ହୋଇଥିଲା । କାର୍ଯ୍ୟକ୍ରମର ପରବର୍ତ୍ତୀ ପର୍ଯ୍ୟାୟରେ ବିଦ୍ୟାଳୟର ଆଚାର୍ଯ୍ୟା ଶ୍ରୀମତୀ ତପସ୍ୱିନୀ ସାହୁ, ଶ୍ରୀମତୀ ସୁଜାତା ପଣ୍ଡା ଏବଂ ଶ୍ରୀମତୀ ମଧୁସ୍ମିତା ତ୍ରିପାଠୀଙ୍କ ଦ୍ୱାରା ଶ୍ରୀରାମଚନ୍ଦ୍ରଙ୍କ ବିଷୟରେ ବକ୍ତବ୍ୟ ପ୍ରଦାନ କରାଯାଇଥିଲା । ଶ୍ରୀରାମଙ୍କ ବାଲ୍ୟଜୀବନ, ଶ୍ରୀରାମଙ୍କ ବନଗମନ ତଥା ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ଏବଂ ଶ୍ରୀରାମଚନ୍ଦ୍ରଙ୍କ ରାଜ୍ୟାଭିଷେକ ବକ୍ତାମାନଙ୍କର ମୁଖ୍ୟ ବିନ୍ଦୁ ରହିଥିଲା । ଏହାପରେ ଶିଶୁଭଉଣୀ ସୁଶ୍ରୀ ଉପାସନା ସାହୁଙ୍କ ଦ୍ୱାରା ଶ୍ରୀରାମଙ୍କ ଭଜନ ଗାନ କରାଯାଇଥିଲା । ମୁଖ୍ୟ ଅତିଥିଙ୍କ ଦ୍ୱାରା ଶ୍ରୀରାମଚନ୍ଦ୍ରଙ୍କ ଜନ୍ମ, ଅବତାରର ଉଦ୍ଦେଶ୍ୟ, ପ୍ରଜା ବତ୍ସଳତା, ମର୍ଯ୍ୟାଦା ସଂପନ୍ନ ଇତ୍ୟାଦି ବିଷୟ ବିନ୍ଦୁ ଉପରେ ଶିଶୁଙ୍କୁ ବୌଦ୍ଧିକ ଦିଆଯାଇଥିଲା । କାର୍ଯ୍ୟକ୍ରମର ଅନ୍ତିମ ପର୍ଯ୍ୟାୟରେ ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ଶ୍ରୀଯୁକ୍ତ ରାମଚନ୍ଦ୍ର ମହାନ୍ତିଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ ପୂର୍ବକ କାର୍ଯ୍ୟକ୍ରମର ପରିସମାପ୍ତି ଘଟିଥିଲା । କାର୍ଯ୍ୟକ୍ରମରେ ଅତିଥି ପରିଚୟ ପ୍ରଦାନ କରିଥିଲେ ବିଦ୍ୟାମନ୍ଦିର ବିଭାଗର ବରିଷ୍ଠ ଗୁରୁମା ଶ୍ରୀମତୀ ସାବିତ୍ରୀ ପାଢୀ ଏବଂ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ ଶ୍ରୀଯୁକ୍ତ ଅନନ୍ତ ନାରାୟଣ ମହାପାତ୍ର । ସମସ୍ତ ଗୁରୁଜୀ ଗୁରୁମା, ଓ ଅନ୍ୟାନ୍ୟ ସେବାବ୍ରତୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଫଳତା ପୂର୍ବକ ଶେଷ ହୋଇଥିଲା।

# ଟାଟା ନିୟୁ ଏଚଡିଏଫସି ବ୍ୟାଙ୍କର ୨ ନିୟୁତ କାର୍ଡ ଜାରି

ଭୁବନେଶ୍ୱର, : ଟାଟା ନିୟୁ ଏବଂ ଏଚଡିଏଫସି ବ୍ୟାଙ୍କ ପକ୍ଷରୁ ୨ ନିୟୁତ କ୍ରେଡିଟ କାର୍ଡ ଜାରି ସମ୍ପର୍କରେ ଘୋଷଣା କରାଯାଇଛି। ଦେଶର ଭରସାଯୋଗ୍ୟ ରିୱାର୍ଡ କ୍ରେଡିଟ କାର୍ଡ କ୍ଷେତ୍ରରେ ଏହା ଏକ ମାଇଲଖୁଣ୍ଟ ବୋଲି ଏଚଡିଏଫସି ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ଏଭଳି ସୁବିଧା ସାରା ଦେଶରେ ଗ୍ରାହକଙ୍କୁ ନିରନ୍ତର ସେବା ଏବଂ ରିୱାର୍ଡ ପ୍ରଦାନ କ୍ଷେତ୍ରରେ ବ୍ୟାଙ୍କର ପ୍ରତିବଦ୍ଧତାକୁ ଦର୍ଶାଉଛି। ୨୦୨୨ ଅଗଷ୍ଟରେ ଆରମ୍ଭ ହେବା ପରଠୁ ୟୁଜରଙ୍କ ଦ୍ୱାରା ବେଶ ଆଦୃତ ହୋଇ ପାରିଛି। ଏହିକାର୍ଡ ୧୩%ବଜାର ଅଂଶ ହାସଲ କରିଛି। ଏହି କାର୍ଡରେ ଟାଟା ନିୟୁରେ ନେଣଦେଣ କ୍ଷେତ୍ରରେ ଗ୍ରାହକ ୧୦%ଯାଏ ରିହାତି ପାଇବାର ସୁବିଧା ରହିଛି। ଗ୍ରାହକଙ୍କୁ ସର୍ବୋତ୍ତମ ପେମେଣ୍ଟ ସମାଧାନ ପ୍ରଦାନ କରିବା ଲକ୍ଷ୍ୟ ରହିଥିବା ଏଚଡିଏଫସି ବ୍ୟାଙ୍କର ପେମେଣ୍ଟସ ବିଭାଗ କଣ୍ଟ୍ରି ମୁଖ୍ୟ ପରାଗ ରାଓ କହିଛନ୍ତି।

# ବାଲିଶଙ୍କରା ବ୍ଲକ ପରିସରରେ ଯୁଗ୍ମ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ

ବଣାଇ, ୮/୪(ନି.ପ୍ର): ସୁନ୍ଦରଗଡ ଜିଲ୍ଲା ବାଲିଶଙ୍କରା ବ୍ଲକ ପରିସର ରେ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ମନୋଜ ମହାଜନ ଏବଂ ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ।

ଆଜି ମୋଟ ୮୪ ଗୋଟି ଅଭିଯୋଗ ଆସିଥିଲା। ସେଥି ମଧ୍ୟରୁ ୪୨ ଗୋଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୪୨ ଗୋଟି ସାମୁହିକ ଅଭିଯୋଗ ରହିଥିଲା। ଏହି ଅଭିଯୋଗ ଗୁଡ଼ିକ ମଧ୍ୟରୁ ୧୩ ଗୋଟି ଅଭିଯୋଗର ତତ୍‌କ୍ଷଣାତ ସମାଧାନ କରାଯାଇଥିଲା। ସେଥି ମଧ୍ୟରୁ ୬ ଗୋଟି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ଆବେଦନ ରହିଥିଲା। ଆଜିର ଏହି



ଅଭିଯୋଗ ଶୁଣାଣି ରେ ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲ୍ଲାପାଳ ଦାଶରଥି ସରାବୁ, ବାଲିଶଙ୍କରା ଗୋଷ୍ଠି ଉନ୍ନୟନ ଅଧିକାରୀ, ତହସିଲଦାର ଏବଂ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ଜୁଏଲଙ୍କ ଜନ୍ମ ଦିନରେ ଯୁବମୋର୍ଚ୍ଚାର ରକ୍ତଦାନ ଶିବିର ସହ ବୃକ୍ଷ ରୋପଣ

ବଣାଇ,୮/୪(ନି.ପ୍ର): ବଣାଇ ମାଟିର ଗର୍ବ ଗୌରବ ସ୍ୱାଭିମାନ ର ପ୍ରତୀକ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ତଥା ସୁନ୍ଦରଗଡ଼ ସାଂସଦ ଜୁଏଲ ଓରାମ ଶୁଭ ଜନ୍ମ ଦିନ ଅବସରରେ ବିଜେପି ବଣାଇ ଯୁବମୋର୍ଚ୍ଚା ତରଫରୁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ପୂର୍ବାହ୍ନ ପ୍ରାୟ ଘଟିକା ସମୟରେ ବଣାଇ ର ଆରାଧ୍ୟ ଦେବ ବାବା ବାଣେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା କରି ଭିକ ମାଗି ନିଜର ଜୀବନ ଜୀବିକା ନିର୍ବାହ କରୁଥିବା ବ୍ୟକ୍ତି ବିଶେଷଙ୍କୁ ଛତା ବଣ୍ଟନ କରିଥିଲେ। ବଣାଇ ଯୁବ ମୋର୍ଚ୍ଚା ତରଫରୁ ବଣାଇ ସମ୍ବନ୍ଧିତ ଆଦିବାସୀ ଉନ୍ନୟନ ସଂସ୍ଥା ସଭାକକ୍ଷରେ ଅନୁଷ୍ଠିତ ରକ୍ତଦାନ ଶିବିର କୁ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଉକ୍ତ ରକ୍ତଦାନ ଶିବିରରେ ବଣାଇ ରାଜା ସାହେବ ବୀରକିଶୋରେ ଇନ୍ଦ୍ର ଦେଓ ଦେବ, ବଣାଇ ଯୁବରାଜ ଦିଗରାଜ ପି କେ ଦେଓ ଓଡିଶା ପ୍ରଦେଶ ଉପସଭାନେତ୍ରୀ ସୁକେଶୀ ଓରାମ, ବିଶିଷ୍ଟ ଶିଳ୍ପ ପତି ପଦ୍ମିନୀ ପାଣିଗ୍ରାହୀ ସୁନ୍ଦଗଡ଼ ସାଙ୍ଗଠନିକ ଜିଲ୍ଲା ସଭାପତି ଗିରିଶ ସାହୁ, ବଣାଇ ନିର୍ବାଚନ ମଣ୍ଡଳୀ ପ୍ରଭାରୀ ବଟକିଶୋର ମିଶ୍ର ଅତିଥି ଭାବରେ ଯୋଗଦାନ କରିଥିଲେ। ଅନୁଷ୍ଠିତ ରକ୍ତ ଦାନ ଶିବିର ରେ ୭୯ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଶ୍ରୀ ଓରାମ ଉପସ୍ଥିତ ରହି ରକ୍ତ ଦାନ କରିଥିବା ଯୁବମୋର୍ଚ୍ଚା ସଦସ୍ୟ ମାନଙ୍କୁ ଉତ୍ସାହିତ କରିବା ସହିତ ରକ୍ତ ଦାନ ଶିବିର ପରିସରରେ ବୃକ୍ଷ ରୋପଣ କରିଥିଲେ।ପରେ ଉପଖଣ୍ଡ ଚିକିତ୍ସାଳୟରେ ରୋଗୀ ମାନଙ୍କୁ ଫଳ ବଣ୍ଟନ କରିଥିଲେ। ଶ୍ରୀ ଓରାମ ଙ୍କ ଉତ୍ତମ ସ୍ୱାସ୍ଥ୍ୟ ଓ ଦୀର୍ଘଜୀବି କାମନା ପୂର୍ବକ ସନ୍ଧ୍ୟାରେ ବାବା ବାଣେଶ୍ୱର ମନ୍ଦିରରେ ଯୁବମୋର୍ଚ୍ଚା ର ସଦସ୍ୟ ମାନେ ୧୦୦ ଦୀପ ଜାଳି ଶୁଭ ମାନସୀ ଥିଲେ। ଗୋ ସେବା ସହ ଦୁର୍ଘଟଣା ରୁ ରକ୍ଷା ପାଇଁ ଗାଈ ମାନଙ୍କୁ ମନ୍ତ୍ରୀ ମହୋଦୟ ରେଡିୟମ ବେଲ୍ଟ ବାନ୍ଧିଥିଲେ। ଆଜିର ଏହି କାର୍ଯ୍ୟକ୍ରମ ବଣାଇ ଯୁବମୋର୍ଚ୍ଚାର ପ୍ରଭାରୀ ଯଜ୍ଞଦତ୍ତ ପ୍ରସାଦ ସାହୁଙ୍କ ପ୍ରତକ୍ଷ ତତ୍ତ୍ୱାବଧାନ ଓ ବଣାଇ ଯୁବମୋର୍ଚ୍ଚା ର ଉଦୟୀମାନ ଯୁବ ନେତା ତଥା ବଣାଇ ସଭାପତି ଅଭିନାଶ ବ୍ରହ୍ମ (ହେପି )ଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇ ଥିଲା !ଆଜିର ଏହି କାର୍ଯ୍ୟକ୍ରମ ରେ ପୂର୍ବତନ ବଣାଇ ଜିଲ୍ଲା ସଭାପତି ମନୋଜ ପ୍ରଧାନ ବରିଷ୍ଠ କାର୍ଯ୍ୟକର୍ତା। ରମେଶ ଅଗ୍ରୱାଲ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ



ରାହାସ ବିହାରୀ ପ୍ରଧାନ, ରାଜ୍ୟପରିଷଦ ସଦସ୍ୟ ବାସୁଦେବ ସାହୁ ବରିଷ୍ଠ କାର୍ଯ୍ୟକର୍ତା ରେଙ୍ଗଟୁ ପ୍ରଧାନ, ଗୋବିନ୍ଦ ସାହୁ, ଅଭିରାମ ମହାକୁଳ ଦିବ୍ୟମଞ୍ଜରୀ ଶେଖର ଦେଓ କୃଷକ ମୋର୍ଚ୍ଚା ସଭାପତି ରିଣ୍ଟୁ ପ୍ରଧାନ ମିଥିଲା ପାତ୍ର ପ୍ରଦୀପ ସ୍ୱାଇଁ ଆଲ୍ଲାଦ ବଢ଼େଇ ଓ ଯୁବମୋର୍ଚା ର ବିଜୟ ଠାକୁର, ଡିଲେଶ୍ୱର ରଣା, ଅମିତ ସାହୁ, ସୀପନ ମହାରଣା, ଗୁରୁଚରଣ ଓରାମ, କାର୍ତିକ କିଷାନ, ରାମଚନ୍ଦ୍ର ସାହୁ, ରାଜେଶ ଦାସ, ଜଗା ସାହୁ, ବିକି ସାମନ୍ତ, ଗୋବିନ୍ଦ ସାହୁ ପ୍ରମୁଖ କାର୍ଯ୍ୟ ପରିଚାଳନା ରେ ସହଯୋଗ କରିଥିଲେ।

# ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ମଛଡ଼ିହା ଗ୍ରାମର ଏକ ସମାଜସେବୀ ସଂଗଠନ

ବସ୍ତା ୮/୪(ନି.ପ୍ର): ଥାନା ଅନ୍ତର୍ଗତ ମଛଡ଼ିହା ଗ୍ରାମର ଏକ ସମାଜ ସେବି ସଂଗଠନ 'ମହାବୀର ଚାରିଟେବୁଲ ଟ୍ରଷ୍ଟ' ର ପ୍ରତିଷ୍ଠାତା ତଥା ସମ୍ପାଦକ ରାଜେଶ କୁମାର ସେଠୀ ସମାଜ ପାଇଁ ଆଉ ପାଦେ ଆଗକୁ ଯାଇ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ସାଜିଛନ୍ତି , ସେ ତାଙ୍କର ଦିର୍ଘ ଦିନରୁ ସାଇତି ରଖିଥିବା ୪୦ ସେଣ୍ଟିମିଟର ର କେଶରାସି ପବିତ୍ର ପିଁଛାବନିଆ ଗୁରୁକୂଳ ଆଶ୍ରମ ପରିବେଶରେ କେନ୍ସର୍ ପ୍ରପୀଡ଼ିତ ରୋଗୀଙ୍କ ନିମନ୍ତେ ରାଜସ୍ଥାନ ର ଏକ ସଂଗଠନ 'Inventive Helping Hand Society' କୁ ପ୍ରଦାନ କରିଛନ୍ତି । ତାଙ୍କର ଏହି ମହାନ କାର୍ଯ ପାଇଁ ଆଶ୍ରମରେ ଥିବା ଅନେକ ସାଧୁ ସନ୍ଥ ବିଦ୍ୱାନ ଧର୍ମାତ୍ମା ତାଙ୍କୁ ପ୍ରଶଂସା କରିବା ସହିତ ଆଶୀର୍ବାଦ ମଧ୍ୟ ଦେଇଥିଲେ ଓ ସେ ମଧ୍ୟ ମତ ରଖିଛନ୍ତି ବଞ୍ଚିଥିବା ପର୍ଯ୍ୟନ୍ତ ଯେତେ ଥର ସମ୍ଭବ ସେ ଏମିତି ବାରମ୍ବାର ଦାନ କରୁଥିବେ ଏବଂ ସେ ଅନ୍ୟମାନଙ୍କୁ ମଧ୍ୟ ଏ ମହାନ ଦାନରେ ଅଂଶଗ୍ରହଣ କରିବାକୁ ମଧ୍ୟ ପ୍ରେରଣା ଦେଇଛନ୍ତି ।ଶେଷରେ ସମାଜର ମଙ୍ଗଳ କାମନା ତଥା କେନ୍ସର ପ୍ରପୀଡିତଙ୍କ ନିରାମୟ ଜୀବନ ଉଦ୍ଦେଶ୍ୟରେ ପବିତ୍ର ଦେବ ଯଜ୍ଞ କରି ତାଙ୍କ କାର୍ଯ ସମାପନ କରିଥିଲେ।

# କ୍ଷତିପୂରଣ ଦାବିରେ ବେଦାନ୍ତର ମାଲବାହୀ ଟ୍ରେନକୁ ଅଟକାଇ ଧାରଣା ଦେଲେ ଗ୍ରାମବାସୀ

ଲାଞ୍ଜିଗଡ,୮/୪(ନି.ପ୍ର):ଲାଞ୍ଜିଗଡ଼ ରେ ବେଦାନ୍ତ କମ୍ପାନୀ ସ୍ଥାପନ ହେଲା ହେଲେ ଆଜି ଯାଏ ଅଞ୍ଚଳରେ କାଣିଚାଏଁ ବିକାଶ ହୋଇପାରି ନାହିଁ। କେବଳ ବିନାଶକ କରି ଚାଲିଛି ବେଦାନ୍ତ। ଲୋକଙ୍କୁ ଅନେକ ସ୍ୱପ୍ନ ଦେଖାଇ ଘର ଜମି ସବୁ ନେଇଯାଇ ଲୋକଙ୍କୁ ସର୍ବ ହରା କରିଦେଲା ।ରେଡମଡ ଓ ଆସପଣ୍ଡ ଗୁଣ୍ଡରେ ବିଷାକ୍ତ ହୋଇ ପଡ଼ିଛି ବେଦାନ୍ତର ପରିପାର୍ଶ୍ୱିକ ଅଞ୍ଚଳ ବିଷାକ୍ତ କଷ୍ଟିକ ପାଣି ଯୋଗୁଁ ଅନେକ ଲୋକଙ୍କ ଜୀବନ ଯାଇଥିବା ବେଳେ ଚାଷ କାର୍ଯ୍ୟରେ ମଧ୍ୟ କ୍ଷତି ସହୁଛନ୍ତି ଅଞ୍ଚଳ ଲୋକେ । ଗତ ସେପଟେମ୍ବର ମାସରେ ବେଦାନ୍ତ ର ପ୍ରୋସେସ ୱାଟର ଲେଗ ଭୂଷୁଡି ପଡ଼ିବାରୁ ଅଞ୍ଚଳର ହଜାର ହଜାର ଏକର ଚାଷଜମି କ୍ଷତିଗ୍ରସ୍ତ ସହିଥିଲେ ।ଜମିରେ ଥିବା



ସୁନାର ଫସଲ ଧାନ ମୁଗ ବିରି କପା ବିଷାକ୍ତ କଷ୍ଟିକ ପାଣିରୁ ନଷ୍ଟ ହୋଇ ଗଲା ଫଳରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ର ବାତାବରଣ ଦେଖାଦେଇଥିଲା। ବେଦାନ୍ତ କର୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ କ୍ଷତିପୂରଣ ଦେବା ପାଇଁ ପ୍ରତିଶ୍ରୁତି ଦେଲେ। କ୍ଷତିଗ୍ରସ୍ତ ହୋଇ ଥିବା କିଛି ଗାଁକୁ କ୍ଷତିପୂରଣ ରାଶିକୁ ମଧ୍ୟ ଦିଆଯାଇଛି ହେଲେ ସେଥି ମଧ୍ୟରୁ ବାଦ ପଡ଼ିଛନ୍ତି ହରେକୃଷ୍ଣ ପୁର ଗ୍ରାମର ୧୪ଜଣ ଚାଷୀ। କ୍ଷତିପୂରଣ ପାଇବା ପାଇଁ ଏହି ଗାଁର ଚାଷୀମାନେ ବେଦାନ୍ତ କର୍ତୃପକ୍ଷଙ୍କୁ ବାରମ୍ବାର ଜଣାଇଥିଲେ ହେଲେ ସେମାନଙ୍କ ଗୁହାରିକୁ କର୍ଣ୍ଣପାତ କରୁନାହାନ୍ତି ବେଦାନ୍ତ କର୍ତୃପକ୍ଷ। ଜିଲ୍ଲା ପ୍ରଶାସନକୁ ମଧ୍ୟ ବାରମ୍ବାର ଲିଖିତ ଅଭିଯୋଗ କରିଥିଲେ ସୁଧା ଦେଖସୁଣ ଚୁପ୍ ରୁହ ନିତ ଅବଲମ୍ବନ କରୁଛି ପ୍ରସାଶନ ଶେଷରେ ଚାଷୀଙ୍କ ଅସନ୍ତୋଷ ଉଗ୍ର ରୁପ ଧାରଣ କରିଥିଲା । ଆଜି ଅସନ୍ତୁଷ୍ଟ ଚାଷୀ ମାନେ ବେଦାନ୍ତର ମାଳବାହୀ ଟ୍ରେନକୁ ରୋକି ରେଲ ଲାଇନ ଉପରେ ଧାରଣା ବସିଛନ୍ତି। ଖବର ଲେଖା ଯିବା ପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନ ଓ ବେଦାନ୍ତ କର୍ତୃପକ୍ଷ କେହି ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ନ ଥିବା ଜଣାପଡିଛି। ଏହାକୁ ନେଇ ବେଦାନ୍ତ କର୍ତୃପକ୍ଷ ଙ୍କ ପ୍ରତିକ୍ରିୟା ମିଳିପାରିନାହିଁ ।

# ଡ଼ଃ ଦେବେନ୍ଦ୍ର ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି, ସମଗ୍ର ଦେଶରୁ ଛୁଟୁଛି ସୁଅ

ତାଳଚେର ୮/୪(ନି.ପ୍ର): ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ପ୍ରାକ୍ତନ ବିଜେପି ରାଜ୍ୟ ସଭାପତି ଓଡିଶା ବିଜେପିର ପ୍ରାଣ ପ୍ରତିଷ୍ଠାତା ଡ଼ଃ ଦେବେନ୍ଦ୍ର ପ୍ରଧାନଙ୍କର ବିୟୋଗରେ ସମଗ୍ର ଦେଶରୁ ବିଭିନ୍ନ ଅଂଚଳ ରୁ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ,ସାଂସଦ, ବିଧାୟକ, ପ୍ରାକ୍ତନ ମନ୍ତ୍ରୀ, ବିଧାୟକ, ସାଂସଦ, ବିଜେପି ସାଙ୍ଗଠନିକ ନେତୃତ୍ୱ,ବିଭିନ୍ନ ରାଜନୈତିକ ଦଳର ବ୍ୟକ୍ତି,ବିଭିନ୍ନ ସଂଗଠନ ର ବିଶିଷ୍ଟ ବ୍ୟକ୍ତି, ବିଭିନ୍ନ ରାଜ୍ୟ ଓ କେନ୍ଦ୍ରର ପ୍ରଶାସନିକ ଅଧିକାରୀ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି ।ଆଜି ସୋମବାର ଡ଼ଃ ପ୍ରଧାନ ଙ୍କର ଦେହାବସାନ ର ଅଷ୍ଟମ ଦିନରେ ତାଙ୍କର ତାଳଚେର ହାଣ୍ଡିଧୂଆଁ ନିବାସ ସମ୍ପୂର୍ଣ ଭାବେ ଦିନ ତମାମ ଲୋକାରଣ୍ୟ ରହିଥିବା ର ଦେଖିବାକୁ ମିଳିଛି ।ଦେଶର ବିଭିନ୍ନ ରାଜ୍ୟରୁ ଶହ ଶହ ସଂଖାରେ ବିଶିଷ୍ଟ ବ୍ୟକ୍ତି ଙ୍କର ସୁଅ ଛୁଟୁଛି ଡ଼ଃ ପ୍ରଧାନ ଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ପାଇଁ ।ଆଜି ବିଜେପି ରାଷ୍ଟ୍ରୀୟ ଉପ ସଭାପତି ସୌଦାନ ସିଂହ ଆସି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ତାଙ୍କ ପରିବାର କୁ ଭେଟି ସମବେଦନା ଜଣାଇଛନ୍ତି ।ସେହିପରି ଛତିଶଗଡ ର ବିଜେପି ପ୍ରଦେଶ ଅଧକ୍ଷ ତଥା ବିଧାୟକ କିରନ ଦେଓଙ୍କ ସମେତ ଛତିଶଗଡ ର ଜଙ୍ଗଲ ବିଭାଗ ମନ୍ତ୍ରୀ କେଦାର କାଶ୍ୟପ, ଅର୍ଥ ମନ୍ତ୍ରୀ ଓ ପି ଚୌଧୁରୀ, ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ୟାମ ବିହାରୀ ଜୟଶ୍ୱାଲ, ବିଧାୟକ ସୁଶାନ୍ତ ଶୁକ୍ଳା, ପ୍ରାକ୍ତନ ମନ୍ତ୍ରୀ ତଥା ବିଧାୟକ ଅମର ଅଗ୍ରୱାଲ, ପ୍ରମୁଖ ଆସି



ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ।ସେହିପରି ବିହାର ପର୍ଯ୍ୟଟନ ମନ୍ତ୍ରୀ ରାଜୁ କୁମାର ସିଂହ, ଦିଲ୍ଲୀ ପୂର୍ବାଞ୍ଚଳ ପ୍ରଭାରୀ ମନୀଷ ସିଂହ, ହରିୟାଣା ବିଧାୟକ ମୁଲଚନ୍ଦ ଶର୍ମା, ହରିୟାଣା କୃଷିମନ୍ତ୍ରୀ ଶ୍ୟାମ ସିଂହ ରାଣା, ହରିୟାଣା ପୂର୍ବ ମନ୍ତ୍ରୀ ରନବିର ଗଙ୍ଗୱା,ପୂର୍ବତନମନ୍ତ୍ରୀ ଓ ବିଧାୟକ ହରିୟାଣା ସଞ୍ଜୟ ସିଂହ ରାଣା, ପ୍ରଶାସନିକ ଅଧିକାରୀ ମୁକେଶ ବଂଶଲ, ଆଇ ଏନ ଏସ ନିୟୁଜ ର ଡାଇରେକ୍ଟର ହିମାଂଶୁ ଦ୍ୱିବେଦୀ, ବିଜେପି ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଗୌରଭ ତିୱାରୀ, ଦିଲ୍ଲୀ ବିଜେପି ମୁଖପାତ୍ର ଆଦିତ୍ୟ ଝା, ଶଶୀ ରଞ୍ଜନ ବିହାର ବିଜେପି ସମ୍ପାଦକଙ୍କ ସମେତ ରାଜ୍ୟ ବାହାରୁ ବହୁ ବିଶିଷ୍ଟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଦେଇଥିଲେ ।ରାଜ୍ୟ ଉପ ସଭାପତି ଗୋଲକ ମହାପାତ୍ର, ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ଅନୁଗୁଳ ଜିଲ୍ଲା ସଂଘ ଚାଳକ ବିଜୟ କୁମାର ସାହୁ, ଜିଲ୍ଲା ସହ କାର୍ଯ୍ୟବାହ ବାବୁଲି ସାମଲ, ମାୟାଧର ସାହୁ, ଡ଼ଃ ଟୁନା ସାହୁ, ପ୍ରାକ୍ତନ ସାଂସଦ ରବି ନାରାୟଣ ପାଣି, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ଅନୁଗୁଳ ବିଧାୟକ, ପ୍ରତାପଚନ୍ଦ୍ର ପ୍ରଧାନ,ପାଲଲହଡା ବିଧାୟକ ଅଶୋକ ମହାନ୍ତି, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଅନୁଗୁଳ ଗୋଶାଳା ର ସମସ୍ତ କାର୍ଯ୍ୟକର୍ତା, ଅନୁଗୁଳ ଜିଲ୍ଲାପାଳ ଏମ ଅବଦଲ ଅକ୍ଷତର, ଏସପି ରାହୁଲ ଜେନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।ଓଡିଶାର ବିଭିନ୍ନ ପ୍ରାନ୍ତରୁ ବହୁ କାର୍ଯ୍ୟକର୍ତା ଆସି ଶ୍ରଦ୍ଧାଞ୍ଜଳି ଦେବା ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ତାଙ୍କ ମାତା ବସନ୍ତ ମଞ୍ଜରୀ ପ୍ରଧାନ ଓ ପରିବାର ବର୍ଗଙ୍କୁ ଭେଟି ସମବେଦନା ଜଣାଇଛନ୍ତି ।ବରିଷ୍ଠ ବିଜେପି ନେତା କାଳନ୍ଦି ସାମଲ, ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକ, ଯୋନାଲ ମିଡ଼ିଆ ସେଲ ପ୍ରଭାରୀ ପର୍ଶୁରାମ ବାରିକଙ୍କ ସମେତ ବହୁ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ ।

# ଜୟ ବଜରଙ୍ଗ ବାଲୀଙ୍କ ଏଗାର ତମ ବାର୍ଷିକ ଉତ୍ସବ

ଦାନଗଦି ୮/୪(ନି.ପ୍ର): କଳିଙ୍ଗନଗର ଶିଳ୍ପାଞ୍ଚଳ ଅନ୍ତର୍ଗତ ଦାନଗଦୀ ବ୍ଲକ ଚକୁଆ ଗ୍ରାମରେ ଜୟ ବଜରଙ୍ଗ ବଲୀଙ୍କ ଏଗାର ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପ୍ରଥମେ କଳସ ଶୋଭାଯାତ୍ରା ଗୋପୂଜା ସୂର୍ଯ୍ୟପୂଜା ଷୋଡ଼ଶ ଉପଚାର ପୂଜା ଚଣ୍ଡୀପାଠ ଗୀତାପାଠ ଇତ୍ୟାଦି ପୂଜା କରାଯାଇ ବ୍ରାହ୍ମଣ ମାନଙ୍କ ଗହଣରେ ନିକଟସ୍ଥ ବ୍ରାହ୍ମଣୀ ନଦୀରୁ କଳସ ଶୋଭାଯାତ୍ରା ବାହାରୀ ନିକଟସ୍ଥ ଜୟ ହନୁମାନଙ୍କର ମନ୍ଦିର ପ୍ରାଙ୍ଗଣରେ ଥିବା ଯଜ୍ଞ ମଣ୍ଡପରେ ପହଞ୍ଚିଥିଲେ । ପରେ ପବିତ୍ର ବ୍ରାହ୍ମଣ ମାନଙ୍କ ମନ୍ତ୍ର ଧ୍ୱୋନିରେ ଯଜ୍ଞ କାର୍ଯ ଆରମ୍ଭ କରାଯାଇ ଥିଲା ଏହି ଯଜ୍ଞରେ କର୍ତ୍ତା ଭାବେ ଅଜୟ କୁମାର ସାମଲ ଓ ତାଙ୍କର ଧର୍ମପତ୍ନୀ ଅଳକା ସାମଲ ସମ୍ପୂର୍ଣ୍ଣ ଦାୟିତ୍ୱ ନେଇଥିଲେ ଏହି ଗ୍ରାମର ସମସ୍ତ ଜନସାଧାରଣ ଓ ବାଜରଂବଲୀଙ୍କ ଭକ୍ତମାନେ ସବୁ ପ୍ରକାର ଦାୟିତ୍ୱ ନେଇଥିଲେ ଏବଂ ବିଶେଷକରି କୈଳାଶ ଚନ୍ଦ୍ର ବାରିକ ମଧ୍ୟ ଏହି ବ୍ରାହ୍ମଣ ମାନଙ୍କ ଗହଣରେ ରହି ଦାୟିତ୍ୱ ତୁଲାଇ ଥିଲେ ଏପରିକି ତିନି ଦିନଧରି ଏହି ଯଜ୍ଞ ସ୍ଥଳରେ ଚକୁଆ ଗ୍ରାମର ଓ ଆଖପାଖ ଗ୍ରାମର ଭକ୍ତମାନେ ଦିନ ଏବଂ ରାତ୍ରରେ ମହାପ୍ରସାଦ ସେବନ କରିବାରେ ସୁବନ୍ଦୋବସ୍ତ କରାଯାଇଥିଲା ଓ ତିନି ଦିନ ଧରି ଏଠାରେ ଏକ ବିରାଟ ମେଳା ବସିଥିବାର ଦେଖିବାକୁ ମିଳିଥିଲା ଛୋଟ ପିଲାଠାରୁ ଆବାଳ ବୃଧବନିତ ଏହି ମେଳାକୁ ଉପଭୋଗ କରିଥିଲେ କଳସ ଶୋଭାଯାତ୍ରାରେ ଚକୁଆ ଗ୍ରାମର ତପନ କୁମାର ଜେନା, ସନ୍ତୋଷ ଜେନା, ସମପର୍ଣ୍ଣ ଜେନା, ରତୁପର୍ଣ୍ଣ ଜେନା, ଶ୍ରୀଧର ଜେନା, ସୂର୍ଯ୍ୟମଣି ଜେନା,ରାକେଶ ଚକ୍ରବର୍ତ୍ତୀ, ପ୍ରସାନ୍ତ ଚକ୍ରବର୍ତ୍ତୀ, ଦେବବ୍ରତ ସାମଲ, ବିଚିତ୍ର ଜେନା, ଜିତେନ୍ଦ୍ର ପାତ୍ର, ପ୍ରଶାନ୍ତ ପାଳ, ଅମୂଲ୍ୟ ସାମଲ, କାଳିଆ ମହାନ୍ତି, ନିମାଇ ଜେନା, ବିଂଶିକେଶନ ଜେନା ପ୍ରମୁଖ ଯୋଗଦାନ କରିଥିଲେ ଏବଂ ଏହି ଯଜ୍ଞ ସ୍ଥଳରେ ବ୍ରାହ୍ମଣ ଧନେଶ୍ୱର ପଣ୍ଡା, ଗୌରାଙ୍ଗ ଚରଣ ପାଢ଼ୀ (ମୁକୁନ୍ଦପୁର), ଶିବ ପ୍ରସାଦ ପଣ୍ଡା, କ୍ଷେତ୍ରବାସୀ ମିଶ୍ର, ଶେଷଦେବ ପଣ୍ଡା, ନୃସିଂହ ଚରଣ ପଣ୍ଡା ଯୋଗଦାନ କରିଥିଲେ।



ସନ୍ଧ୍ୟା ରେ ସ୍ଥାନୀୟ ସୁକିନ୍ଦା ର ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରଦୀପ ବଳ ସାମନ୍ତ ଯୋଗଦେଇ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ କୁ ଆଗକୁ ବଢେଇବା ପାଇଁ ଗ୍ରାମ ବସୀ ଙ୍କୁ ପ୍ରୋତ୍ସାହନ କରିଥିଲେ। ବିଶିଷ୍ଟ କଣ୍ଠଶିଳ୍ପୀ ସୌରଭ ଭରଦ୍ୱାଜ, ପ୍ରବୋଧ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଏବଂ ତୃତୀୟ ଦିନ ରେ ଠାକୁର ଙ୍କୁ ନଦିଆ ପରିଭ୍ରମଣ କରାଇ କୀର୍ତ୍ତନ ଓ ବାଦ୍ୟ ଯନ୍ତ୍ର ମାଧ୍ୟମ ରେ ଅଘୋରୀ ନୃତ୍ୟ ପରିବେଷଣ କରିବାର ଦେଖିବାକୁ ମିଳିଥିଲା ।ଶେଷ ରେ ସନ୍ଧ୍ୟା ରେ ଭକ୍ତ ମନେ ମେଳା କୁ ଉପଭୋଗ କରିବା ସହିତ ମହାପ୍ରସାଦ ସେବନ କରି ଘରକୁ ଫେରିଥିଲେ।

# ଗ୍ରାମବାସୀଙ୍କ ନିଆରା ପ୍ରୟାସ,ଜଙ୍ଗଲରେ ରହୁଥିବା ପଶୁପକ୍ଷୀଙ୍କ ନିମନ୍ତେ ନିର୍ମାଣ କଲେ ପାଣି କୁଣ୍ଡ

ମାଲକାନଗିରି,୮/୪(ନି.ପ୍ର): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡ ବ୍ଲକ ଡୁଡ଼ାମେଟା ଗ୍ରାମପଞ୍ଚାୟତର ଡୁଟେଲ ଗୁଡା ଗ୍ରାମରେ ଗ୍ରାମ ବାସି ମସି ଏକ ବୈଠକ କରିଥିଲେ ।ଉକ୍ତ ବୈଠକରେ ଜଙ୍ଗଲ ଅଧିକାର କମିଟି ସମ୍ପାଦକ ଈଶ୍ୱର ପାଙ୍ଗି ଅଧକ୍ଷତା କରିଥିବା ବେଳେ ଭୀଷ୍ମ ପାଙ୍ଗି (ସି ଏସ ଡି)ଓଡିଶା ସଭ୍ୟ ଉପସ୍ଥିତିରେ ଗୋଷ୍ଠି ଜଙ୍ଗଲ ପରିଚାଳନା ଜଙ୍ଗଲ ଅଧିକାର ଆଇନ ୨୦୦୬ ନିୟମାବଳୀ ୨୦୦୭ ଓ ସଂଶୋଧନ ନିୟମବଳୀ ୨୦୧୨ର ଧାରା ୫ ଅନୁସାରେ ଗୋଷ୍ଠି ଜଙ୍ଗଲକୁ ପରିଚାଳନା କରିବା ନିମ୍ତେନ୍ତେ ଏବଂ ଗୋଷ୍ଠି ଜଙ୍ଗଲରେ ପଶୁ,ପକ୍ଷୀଙ୍କ ପାନୀୟ ଜଳ ସମସ୍ୟା ଦୂର କରିବା ପାଇଁ ଆଲୋଚନା କରିଥିଲେ। ସମସ୍ତଙ୍କ ନିଷ୍ପତି କ୍ରମେ ଆଗକୁ ଗ୍ରୀଷ୍ମ ପ୍ରବାହ ଜାରୀ ରହୁଥିବାରୁ ଜଙ୍ଗଲରେ ରହୁଥିବା ଜୀବ ଜନ୍ତୁଙ୍କ ପାନୀୟ ଜଳ ପାଇଁ ଜଙ୍ଗଲରେ ୧୦ଟି ଜଳ କୁଣ୍ଡ ନିର୍ମାଣ କରିବା ସହ ଆବଶ୍ୟକ ସ୍ତଳରେ ଫାୟାର



ଲାଇନ କରାଯାଇଥିଲା। ଏହି କାର୍ଯ୍ୟକୁ ଗ୍ରାମର ଧବୁଲୁ ପାଙ୍ଗି,ମାଧୁରୀ ଗୋଲାରି, ସୋମନାଥ ପାଙ୍ଗି,ବସନ୍ତ ହନ୍ତାଳ, ସରସ୍ୱତୀ ଖରା, ରାମଚନ୍ଦ୍ର ପାଙ୍ଗି,ସୁଶାନ୍ତ ଖିଲ, ରଘୁ ଖିଲ, ସମିତା ଖିଲ,ଅନିତା ପାଙ୍ଗି, ତ୍ରିଲଚନ ହନ୍ତାଳ,ପବିତ୍ର ଖିଲ, ସ୍ୱର୍ଣ୍ଣଲତା ହନ୍ତାଳ,ସବିତା ଖିଲ,କୃଷ୍ଣ ହନ୍ତାଳ ସହଯୋଗ କରିଥିଲେ। ଗ୍ରାମ ବାସୀଙ୍କ ଏପରି ପ୍ରୟାସଙ୍କୁ ଅଞ୍ଚଳ ବାସି ଭୁରି ଭୁରି ପ୍ରଶଂସା କରିଛନ୍ତି।

# ଜିଲ୍ଲାପାଳ ଓ ଆରକ୍ଷୀ ଅଧିକାରୀଙ୍କ ଜଣ ଶୁଣାଣି କାର୍ଯ୍ୟକ୍ରମ

ତୁଷୁରା, ୮/୪(ନି.ପ୍ର):ଶମ୍ଭୁ ପ୍ରସାଦ ସାହୁ: ବଲାଙ୍ଗୀର ଜିଲ୍ଲା ସଇଁତଲା ବ୍ଲକ ପରିସର ସଭାଗୃହ ଠାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକାରୀ ଙ୍କ ଜନଶୁଣାଣି କାର୍ଯ୍ୟକ୍ରମ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାଖାପାଖି ମାତ୍ର ୬୦ ଜଣ ବିଭିନ୍ନ ଅଭିଯୋଗ କରିଥିବା ବେଳେ ପାଣି ସମସ୍ୟା, ମନରେଗା ଯୋଜନା,ବିଭିନ୍ନ ରାସ୍ତା, ଭତା,ପାନୀୟ ଜଳ,ସାମାଜିକ ସୁରକ୍ଷା ସହ ଅନ୍ୟ କାମ ସମ୍ପର୍କରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଶୁଣାଣି ରେ ଜିଲ୍ଲାର ବିଭିନ୍ନ ବିଭାଗ ର ଅଧିକାରୀ ଉପସ୍ଥିତ ଥିଲେ। ଅନ୍ୟ ପଟେ କନ୍ଦକେଲଗାଁ ପଞ୍ଚାୟତରେ ମନରେଗା ଯୋଜନା ରେ ଶ୍ରମିକ ମାନେ କାମ କରିଥିବା ବେଳେ ଦୀର୍ଘ ମାସରୁ ଟଙ୍କା ମିଳିନ ଥିବା ଜିଲ୍ଲାପାଳ ଙ୍କ ନିକଟରେ ଅଭିଯୋଗ କରିଥିଲେ।

# ସାମ୍ବାଦିକ ଏକାଦଶ ଓ ପୋଲିସ ଏକାଦଶ ମଧ୍ୟରେ ପ୍ରଦର୍ଶନୀ କ୍ରିକେଟ ମ୍ୟାଚ : ଶେଷ ବଲରେ ଜିତିଲା ପୋଲିସ ଏକାଦଶ

କଟକ: ୮/୪(ନି.ପ୍ର): ଚୌଦ୍ୱାର ପୋଲିସ ଓ୍ ସାମ୍ବାଦିକ ମାନଙ୍କ ମଧ୍ୟରେ ଅନୁଷ୍ଠିତ ଏକ ପ୍ରଦର୍ଶନୀ ରାତ୍ରି କ୍ରିକେଟ ମ୍ୟାଚ ରେ ଶେଷ ବଲରେ ରୋମାଞ୍ଚକର ଭାବେ ବିଜୟୀ ହୋଇଛି ପୋଲିସ । ସ୍ଥାନୀୟ ଓଟିଏମ କଲୋନୀ ସ୍ଥିତ ଖେଳ ପଡିଆରେ ଚାଲିଥିବା ଗୋପବନ୍ଧୁ ପ୍ରିମିୟର ଲିଗ(ଏଚଖ )କ୍ରିକେଟ ଅବସରରେ ଅନୁଷ୍ଠିତ ଏହି ପ୍ରଦର୍ଶନୀ ମ୍ୟାଚରେ ସାମ୍ବାଦିକ ଏକାଦଶ ଅଧିନାୟକ ସତ୍ୟବ୍ରତ ଦାସ ଟସ ଜିତି ପ୍ରଥମେ ବ୍ୟାଟିଙ୍ଗ ନିଷ୍ପତି ନେଇଥିଲେ । ଦଳର ସୁଶୀଲ ରାଉତଙ୍କ ବିସ୍ଫୋରକ ୫୨ ରନ ସହାୟତାରେ ଦଳ ନିର୍ଦ୍ଧାରିତ ୬ ଓଭର ରେ ୩ ୱିକେଟ ହରାଇ ୯୧ ରନ ସଂଗ୍ରହ କରିଥିଲା । ମାନସ ପରିଡା ୧୭ ଓ୍ ବଳରାମ ଲେଙ୍କା ୧୫ ରନ ର ଯୋଗଦାନ ଦେଇଥିଲେ । ୯୧ ରନ ବିଜୟ ଲକ୍ଷର ପିଛା କରି ପୋଲିସ ଦଳ ଧିମା ଗତିରେ ଖେଳ ଆରମ୍ଭ କରିଥିଲେ ମଧ୍ୟ ଶେଷ ଦୁଇ ଓଭରରେ ରୀତିକ ସାହୁଙ୍କ ତୁଫାନୀ ବ୍ୟାଟିଙ୍ଗ ବଳରେ ପୋଲିସ ଦଳ ଶେଷ ବଲରେ ରୋମାଞ୍ଚକର ଭାବେ ବିଜୟୀ ହାସଲ କରିଥିଲା । ମ୍ୟାଚ ବିଜୟୀ ଇନିଂସ ପାଇଁ ରୀତିକ ଶ୍ରେଷ୍ଠ ଖେଳାଳି ଓ୍ ସାମ୍ବାଦିକ ଟିମର ସୁଶୀଲ ଶ୍ରେଷ୍ଠ ଅଲରାଉଣ୍ଡର ଭାବେ ଚୌଦ୍ୱାର ଥାନା ଆଇଆଇସି ବିଶ୍ୱରଂଜନ ସାହୁ ଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥଲେ କ୍ଷ ପୋଲିସ ଟିମର ଅଧିନାୟକ ସୋମ୍ୟ ପାଣି ବିଜୟୀ ଟ୍ରଫି ଓ୍ ସତ୍ୟବ୍ରତ ଦାସ ଉପ ବିଜେତା ଟ୍ରଫି ଗ୍ରହଣ କରିଥିଲେ । ଏହି ମ୍ୟାଚ ପୂର୍ବରୁ ଚୌଦ୍ୱାର କଟକ ବିଧାୟକ ସୌଭକ ବିଶ୍ୱାଳ, ଚୌଦ୍ୱାର ପୌରପାଳିକାର ଉପାଧକ୍ଷ ଶୁଭେନ୍ଦୁ ସାମଲ ଉଭୟ ଦଳ ଖେଳାଳି ମାନଙ୍କ ସହ ପରିଚିତ ହୋଇ ଖେଳାଳି ମାନଙ୍କ କ୍ରିକେଟ ମନୋଭାବକୁ ଦ୍ୱିଗୁଣିତ କରିଥିଲେ । ଅନ୍ୟପଟେ ଏହି ବନ୍ଧୁତ୍ୱ ପୂର୍ଣ୍ଣ ମ୍ୟାଚ୍ କୁ ଚୌଦ୍ୱାର ଥାନା ଭାରପ୍ରାପ୍ତ ଅଧିକାରୀ ବିଶ୍ୱରଂଜନ ସାହୁ, ଏସ:ଆଇ ସରସ୍ୱତୀ ସାହୁ ଓ ଏସ:ଆଇ ଅବିନାଶ ରାଉତ ଙ୍କ ସହ ଅନ୍ୟ ପୋଲିସ କର୍ମଚାରୀ ଓ ସାମ୍ବାଦିକ ବନ୍ଧୁ ମାନେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପଡ଼ିଆର ପାର୍ଶ୍ୱରେ ରହି ଉଭୟ ଦଳକୁ ଉତ୍ସାହିତ କରିବା ସହ କ୍ରିକେଟ କୁ ଖୁବ୍ ଉପଭୋଗ କରିଥିଲେ।





## ସଂପାଦକୀୟ

# ମାଗଣା ଯୋଜନା

ଆମ ଦେଶର ଭୋଟରମାନଙ୍କୁ ସନ୍ତୁଷ୍ଟ କରି ସେମାନଙ୍କ ସମର୍ଥନ ହାସଲ କରିବାକୁ ବିଭିନ୍ନ ଦଳର ରାଜ୍ୟ ସରକାରମାନେ ଅନେକ ମାଗଣା ଯୋଜନା କାର୍ଯ୍ୟକାରୀ କରିଥାନ୍ତି । ନିର୍ବାଚନ ସମୟରେ ହେଉ କିମ୍ବା ତା'ପୂର୍ବରୁ ବହୁ ଲୋଭନୀୟ ପ୍ରତିଶ୍ରୁତ ଦିଆଯାଇଥାଏ ଏବଂ ସରକାର ଗଠନ ପରେ ସେ ସବୁକୁ କାର୍ଯ୍ୟକାରୀ କରାଯାଏ । ମାଗଣାରେ ଛତା, ଜୋତା, ଲ୍ୟାପଟପ୍ ବାଣ୍ଟିବା ଠାରୁ ଆରମ୍ଭ କରି ଭୋଜନ ଯୋଗାଇ ଦିଆଯିବାର ଏକାଧିକ ଦୃଷ୍ଟାନ୍ତ ରହିଛି । କେହି କେହି ସରକାର ସମ୍ପୂର୍ଣ୍ଣ ମାଗଲା ନହେଲେ ବି ସବୁ ସବ୍‌ସିଡ଼ି ବା ରିହାତି ବ୍ୟବସ୍ଥା କରି ଲୋକଙ୍କ ମନ ଜିଣିବାକୁ ଉଦ୍ୟମ କରିଥାନ୍ତି । ଏହାଦ୍ୱାରା ସରକାରୀ ରାଜକୋଷ ଉପରେ ନିଶ୍ଚିତ ଭାବରେ ଚାପ ସୃଷ୍ଟି ହେବା ସଙ୍ଗେ ସଙ୍ଗେ ଦୀର୍ଘ ସ୍ଥାୟୀ ବିକାଶ ମୂଳକ ଯୋଜନାର କାର୍ଯ୍ୟକାରିତା ବାଧାପ୍ରାପ୍ତ ହୁଏ । ଏଭଳି ମାଗଣା ଯୋଜନା ଗୁଡ଼ିକ ସାମଗ୍ରିକ ଭାବରେ ଭାରତୀୟ ଅର୍ଥନୀତିକୁ କ୍ଷତିଗ୍ରସ୍ତ କରୁଥିବାରୁ ଏହାର ପ୍ରାସଙ୍ଗିକତା ନେଇ ବିତର୍କ ଆରମ୍ଭ ହୋଇଛି । ଦେଶର ସର୍ବୋଚ୍ଚ ନ୍ୟାୟାଳୟ ସୁପ୍ରିମ୍‌କୋର୍ଟରେଏଥିନେଇ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିବା ବେଳେ ପୂର୍ବତନ ପ୍ରଧାନ ବିଚାରପତି ଏନ୍.ଭି.ରମଣାଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଏହି ବ୍ୟବସ୍ଥାଉପରେ କଡ଼ା ଟିପପ୍ଣୀ ଦେଇଥିଲେ । ସୁପ୍ରିମକୋର୍ଟ ଦର୍ଶାଇଥିଲେ ଯେ, ରାଜନୈତିକ ଦଳଗୁଡ଼ିକର ବିଭିନ୍ନ ମାଗଣା ବ୍ୟବସ୍ଥା ଦେଶର ଅର୍ଥନୀତିକୁ ରସାତଳଗାମୀ କୁରୁଛି । ତେଣୁ ଏଭଳି ମାଗଣା ସଂସ୍କୃତିକୁ ବନ୍ଦ କରାଯିବା ଦରକାର । ଲୋକଙ୍କ ପାଇଁ ଆବଶ୍ୟକତା ପଡୁଥିବା କଲ୍ୟାଣକାରୀ ଯୋଜନା ଓ ମାଗଣା ସଂସ୍କୃତି ମଧ୍ୟରେ ଯଥାର୍ଥ ସମନ୍ୱୟ ରହିବା ଏକାନ୍ତ ଜରୁରି । ଭିତ୍ତିଭୂମି ବିକାଶ କ୍ଷେତ୍ରରେ ସମସ୍ତ ଅର୍ଥ ଖର୍ଚ୍ଚ ହେବା ଉପରେ ନ୍ୟାୟାଳୟ ଗୁରୁତ୍ୱ ଆରୋପ କରିଥିଲେ । ନିଜେ ପ୍ରଧାନ ବିଚାରପତି କଡ଼ା ଭାଷାରେ କ୍ଷୋଭ ପ୍ରକାଶ କରି କହିଥିଲେ ଯେ, ମାଗଣା ସଂସ୍କୃତି ଏକ ବଡ଼ ସମସ୍ୟା ରୂପେ ମୁଣ୍ଡ ଟେକିଥିଲେ ହେଁ କେହି ଏହାକୁ ସମସ୍ୟା ବୋଲି ଭାବୁନାହାନ୍ତି । ଯେଉଁମାନେ ମାଗଣା ସମାଗ୍ରୀ ପାଉଛନ୍ତି, ସେମାନେ ନିଜ ରାଜ୍ୟକୁ ଏକ ଜନମମଙ୍ଗଳକାରୀ । ରାଜ୍ୟ ବୋଲି ଧରି ନେଉଛନ୍ତି । ଅନ୍ୟ ପକ୍ଷରେ ଯେଉଁମାନେ ସରକାରଙ୍କୁ ଟିକସ୍ ଦେଉଛନ୍ତି, ସେମାନେ ଦେଶର ଭିତ୍ତିଭୂମି ବିକାଶରେ ସେମାନଙ୍କ ଅର୍ଥ ଖର୍ଚ୍ଚ ହେବା ଚାହୁଁଛନ୍ତି । ତେଣୁ ଉଭୟ ପକ୍ଷର ମତାମତ ଶୁଣିବା ପାଇଁ ଏକ କମିଟି ଗଠିତ ହେବା ଆବଶ୍ୟକ ବୋଲି ପ୍ରଧାନ ବିଚାରପତି କହିଥିଲେ । ରାଜ୍ୟ ସରକାର ଗୁଡ଼ିକର ବିଭିନ୍ନ ମାଗଣା ଯୋଜନାକୁ କେନ୍ଦ୍ର ସରକାର ମଧ୍ୟ ପସନ୍ଦ କରୁନଥିବା ଜଣାପଡ଼ିଛି । ସୁପ୍ରିମ୍‌କୋର୍ଟରେ ଏହି ମାମଲାର ଶୁଣାଣି ଚାଲିଥିବା ବେଳେ ସଲିସିଟର ଜେନେରାଲ ସ୍ପଷ୍ଟ କରିଥିଲେ ଯେ, ରାଜନୈତିକ ଦଳ ଗୁଡ଼ିକ ପକ୍ଷରୁ ମାଗଣା ଯୋଜନା ଘୋଷଣା ଚାଲୁ ରହିଲେ ଦେଶର ଅର୍ଥନୀତି ଧ୍ୱଂସ ପାଇଯିବ । ସରକାର ଏ ପ୍ରସଙ୍ଗରେ ନୂଆ ନିୟମାବଳୀ ପ୍ରଣୟନ କରିବା ପର୍ଯ୍ୟନ୍ତ ନ୍ୟାୟାଳୟ ମାଗଣା ଯୋଜନା ଘୋଷଣା ଉପରେ ରୋକ୍ ଲଗାଇବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ସେ ଯୁକ୍ତି ଉପସ୍ଥାପନ କରିଥିଲେ । ରାଜନୈତିକ ସ୍ୱାର୍ଥ ସାଧନ ଉଦ୍ଦେଶ୍ୟରେ ସରକାରୀ ଅର୍ଥକୁ ପାଣିଭଳି ଖର୍ଚ୍ଚ କରିବା କୌଣସି ପରିସ୍ଥିତିରେ ଗ୍ରହଣୀୟ ମନେ ହେଉନାହିଁ । ଶିକ୍ଷା, ସ୍ୱାସ୍ଥ୍ୟ, ଶକ୍ତି, ଜଳସେଚନ, କୃଷି କ୍ଷେତ୍ରରେ ଭିତ୍ତିଭୂମିର ବିକାଶ ଘଟାଇଲେ ସାମଗ୍ରିକ ଭାବରେ ଦେଶର ବିକାଶ ତ୍ୱରାନ୍ୱିତ ହେବ । ଲୋକେ ଏଥିରୁ ସ୍ଥାୟୀ ଭାବରେ ସୁଫଳ ପାଇବେ । ସେହି ଦୃଷ୍ଟିରୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ମନ୍ତବ୍ୟର ଯଥାର୍ଥତା ଓ ପ୍ରାସଙ୍ଗିକତା ରହିଛି । ଏଥିନେଇ ସହମତିରେ ଯାହା କିଛି ନିଷ୍ପତ୍ତି ନିଆଯିବା ଉଚିତ୍ ।

# ବିପର୍ଯ୍ୟୟ ମୁହାଁ ପୃଥିବୀ

୧୨୨ ବର୍ଷ ପରେ ଚଳିତ ବର୍ଷ ମାର୍ଚ୍ଚ ମାସରେ ଗ୍ରୀଷ୍ମ ପ୍ରବାହ ରେକର୍ଡ ଭଙ୍ଗ କରିଥିବାବେଳେ ଏବେ ଏପ୍ରିଲ ମାସରେ ଅସହ୍ୟ ହୋଇପଡିଛି । ଆମ ରାଜ୍ୟରେ ୨୨ ସହରର ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ୍ ଅତିକ୍ରମ କରିଥିବାବେଳେ ୯ଟି ସ୍ଥାନରେ ତାପମାତ୍ରା ୪୩ ଡିଗ୍ରୀ ଟପିଛି । କେବଳ ଏତିକି ନୁହେଁ, ଆଗକୁ ରୌଦ୍ରତାପ ଆହୁରି ଦୁଇରୁ ତିନି ଡିଗ୍ରୀ ବଢିବା ନେଇ ପାଣିପାଗ ବିଭାଗ ସତର୍କ ସୂଚନା ଦେଇଛି । ତେବେ ଏହି ଅସ୍ୱାଭାବିକ ତାପମାତ୍ରା ବୃଦ୍ଧି ବିଶ୍ୱ ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱ ତାପମାତ୍ରା ବୃଦ୍ଧିର କାରଣ ବୋଲି କୁହାଯାଏ । ତେବେ ବିଶ୍ୱ ଜଳବାୟୁ ପରିବର୍ତ୍ତନ ନେଇ ସଦ୍ୟ ପ୍ରକାଶିତ ଜାତିସଂଘ ରିପୋର୍ଟରେ ଯାହା କୁହାଯାଇଛି, ତାହା ଯେତିକି ଚିନ୍ତାଜନକ, ସେତିକି ଉଦ୍‌ବେଗଜନକ । ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ଗ୍ରୀଷ୍ମପ୍ରବାହ ବଢିବା ସହ ପ୍ରାକୃତିକ ବିପର୍ଯ୍ୟାୟ ବୃଦ୍ଧି ପାଇବ ବୋଲି ରିପୋର୍ଟରେ କୁହାଯାଇଛି । ୨୦୩୦ ସୁଦ୍ଧା ବର୍ଷକୁ ଅତି କମରେ ୫୬୦ଟି ପ୍ରାକୃତିକ ବିପର୍ଯ୍ୟାୟ ଘଟିବ । ଏହା ଦ୍ୱାରା ମାନବ ସମାଜର ଉଭୟ ଜୀବନ-ଜୀବିକା ଗୁରୁତର ଭାବେ ପ୍ରଭାବିତ ହେବ । ଉଲ୍ଲେଖଯୋଗ୍ୟ ୨୦୧୫ ମସିହାରେ ବିଶ୍ୱ ସର୍ବାଧିକ ୪୦୦ ପ୍ରାକୃତିକ ବିପର୍ଯ୍ୟାୟ ସମ୍ମୁଖୀନ ହୋଇଥିବାବେଳେ ୧୯୭୦ ରୁ ୨୦୦୦ ମସିହା ମଧ୍ୟରେ ବିଶ୍ୱରେ ପ୍ରତିବର୍ଷ ୯୦ ରୁ ୧୦୦ଟି ପ୍ରାକୃତିକ ବିପର୍ଯ୍ୟାୟ ଘଟିଥିଲା । ଜଳବାୟୁ ପରିବର୍ତ୍ତନ ଦ୍ୱାରା ଅସହ୍ୟ ଗ୍ରୀଷ୍ମ ପ୍ରବାହ, ଅନାବୃଷ୍ଟି, ଅତିବୃଷ୍ଟି, ସାମୁଦ୍ରିକ ଝଡ ବାତ୍ୟା ସଂଖ୍ୟା ମଧ୍ୟ ପ୍ରତିବର୍ଷ ବଢିବାରେ ଲାଗିଛି । ଏ ନେଇ ଆମ ରାଜ୍ୟ ଗତ ଦୁଇ ଦଶନ୍ଧି ମଧ୍ୟରେ ସମ୍ମୁଖୀନ ହୋଇ ସାମୁଦ୍ରିକ ଝଡ ବାତ୍ୟାର ଉଦାହରଣ ଦେଲେ ଯଥେଷ୍ଟ ହେବ । କହିବା ବାହୁଲ୍ୟ ଯେ, ୧୯୯୯ ମସିହାରେ ଓଡ଼ିଶା ମହାବାତ୍ୟାର ସମ୍ମୁଖୀନ ହୋଇଥିବାବେଳେ ଏହାର ୧୨ବର୍ଷ ପରେ ଅର୍ଥାତ ୨୦୧୨ରେ ଫାଇଲିନ ପରି ବାତ୍ୟାରେ ବିପର୍ଯ୍ୟାୟର ସମ୍ମୁଖୀନ ହୋଇଥିଲା । ସେହି ବର୍ଷ ଠାରୁ ପ୍ରତିବର୍ଷ ରାଜ୍ୟରେ ସାମୁଦ୍ରିକ ଝଡ ବିପର୍ଯ୍ୟାୟର କାରଣ ହୋଇଥିବାବେଳେ ଏବେ ୨୦୧୮ ମସିହାରୁ ପ୍ରତିବର୍ଷ ଗ୍ରୀଷ୍ମ ଋତୁରେ ମଧ୍ୟ ସାମୁଦ୍ରିକ ବାତ୍ୟା ଦ୍ୱାରା ରାଜ୍ୟର ଉପକୂଳ ଅଞ୍ଚଳ କ୍ଷତିଗ୍ରସ୍ତ ହେଉଛି । କେବଳ ଆମ ରାଜ୍ୟ ନୁହେଁ, ପଶ୍ଚିମ ଉପକୂଳ ଅଞ୍ଚଳ ମଧ୍ୟ ବର୍ଷା ଓ ଗ୍ରୀଷ୍ମ ଋତୁରେ ସାମୁଦ୍ରିକ ଝଡବାତ୍ୟା ସଙ୍ଗଠିତ ହେଉଛି । ସେହିପରି ବିଶ୍ୱର ସମସ୍ତ ମହାଦେଶ ଏବଂ ସୁମଦ୍ର କୂଳରେ ଅବସ୍ଥିତ ଦେଶଗୁଡିକରେ ପ୍ରତିବର୍ଷ ଝଡବାତ୍ୟା ସୃଷ୍ଟି ହେଉଛି । ଯାହାର ସଂଖ୍ୟା ବର୍ଷକୁ ବର୍ଷ ବଢିଚାଲିଛି । ସେହିପରି ଗ୍ରୀଷ୍ମପ୍ରବାହ ଯୋଗୁଁ ୧୯୯୮ର ଅଂଶୁଘାତ ମୃତ୍ୟୁ ଏ ପର୍ଯ୍ୟନ୍ତ ମନରୁ ଲିଭିନାହିଁ । ସେହିପରି ଜଳବାୟୁ ପରିବର୍ତ୍ତନ ଯୋଗୁଁ ଗ୍ରୀଷ୍ମପ୍ରବାହ ମଧ୍ୟ କିଛି କମ ନୁହେଁ । ଅଷ୍ଟ୍ରେଲିଆ, ୟୁରୋପ ମହାଦେଶରେ ଅଭୁତପୂର୍ବ ଗ୍ରୀଷ୍ମ ପ୍ରବାହ ହେଉଛି ଏହାର ଜ୍ୱଳନ୍ତ ଉଦାହରଣ । ଅନ୍ୟପକ୍ଷରେ ଜଳବାୟୁ ପରବର୍ତ୍ତନ ଯୋଗୁଁ ଦୁଇ ମେରୁରେ ବରଫ ତରଳିବା ସହ ସମୁଦ୍ର ଜଳ ପତ୍ତନ ବଢିବାରେ ଲାଗିଛି । ଗତ କିଛି ବର୍ଷ ମଧ୍ୟରେ ସମୁଦ୍ର ଜଳପତନ ବୃଦ୍ଧି ପାଉଥିବାବେଳେ ଆଗକୁ ଆହୁରି ବଢିବ ବୋଲି ପାଣିପାଗ ବିଶାରଦମାନେ ଚେତାବନୀ ଦେଇଛନ୍ତି । ଆହୁରି ମଧ୍ୟ ସମୁଦ୍ର ଜଳପତନ ବୃଦ୍ଧି ଯୋଗୁଁ ଭାରତ ସମେତ ବିଶ୍ୱର ବହୁ ଉପକୂଳ ଅଞ୍ଚଳ ସମୁଦ୍ର ଗର୍ଭରେ ଲୀନ ହୋଇଯିବ ବୋଲି ବୈଜ୍ଞାନିକମାନେ ସତର୍କବାଣୀ ଶୁଣାଇ ସାରିଲେଣି । ଅନ୍ୟପକ୍ଷରେ ସମୁଦ୍ରରେ ଏବେ ଉଚ୍ଚ ଢେଉ ସୃଷ୍ଟି ହେବା କୂଳ ଲଂଘନ କରୁଥିବା ମଧ୍ୟ ଦେଖାଯାଏ । ଅନ୍ୟପକ୍ଷରେ ବିଶ୍ୱ ଜଳବାୟୁ ପରିବର୍ତ୍ତନ ଓ ତାପମାତ୍ରା ବୃଦ୍ଧି ଯୋଗୁଁ ଯେଉଁ ଯେଉଁ ଚିନ୍ତାଜନକ ପରିସ୍ଥିତି ଉପୁଜିଛି, ତାହା ହେଉଛି ହିମାଳୟରେ ବରଫ ତରଳିବା । କୁହାଯାଇଛି ଯେ, ହିମାଳୟରେ ବରଫ ତରଳିବା ଯୋଗୁଁ ୪୦ ପ୍ରତିଶତ କ୍ଷୟ ଘଟି ସାରିଲାଣି । ଦୁଇବର୍ଷ ତଳେ ହିମାଳୟରେ ବରଫ ଖଣ୍ଡ ତରଳି ଅଚାନକ ବନ୍ୟା ପରିସ୍ଥିତି ଉପୁଜିଥିଲା, ଯେଉଁଥିରେ ବ୍ୟାପକ ଧନଜୀବନ କ୍ଷତି ଘଟିଥିଲା । ଆହୁରି ମଧ୍ୟ ବରଫ ଖଣ୍ଡ (ଗ୍ଲେସିୟର) ତରଳି ପେଙ୍ଗାଙ୍ଗ ହ୍ରଦ ପାଣିରେ ଲଦାଖ ଭୂଖଣ୍ଡ ଦିନେ ପାଣିରେ ବୁଡିବ ବୋଲି ପାଣିପାଗ ବିଶେଷଜ୍ଞମାନେ ସତର୍କ କରାଇ ସାରିଲେଣି । ଏବେ ବରଫ ଖଣ୍ଡ ତରଳିବା ଯୋଗୁଁ ପ୍ରତିବର୍ଷ ପେଙ୍ଗୋଙ୍ଗ ହ୍ରଦର ଜଳପତ୍ତନ ବୃଦ୍ଧି ପାଇବାରେ ଲାଗିଛି । ଗବେଷକମାନଙ୍କ ରିପୋର୍ଟ ଅନୁଯାୟୀ ୧୯୯୦ ରୁ ୨୦୨୦ ମସିହା ମଧ୍ୟରେ ୬.୭ ପ୍ରତିଶତ ଗ୍ଲେସିୟର ତରଳିଛି । ପ୍ରତିବର୍ଷ ୦.୨୩ ପ୍ରତିଶିତ ଗ୍ଲେସିୟର ତରଳୁଛି । ଜଳବାୟୁରେ ଅଙ୍ଗାରକାମ୍ଳ ମାତ୍ରା ବୃଦ୍ଧି ପାଇବା ଯୋଗୁଁ ବାୟୁମଣ୍ଡଳ ଉତ୍ତପ୍ତ ହେବା ପ୍ରାକୃତିକ ବିପର୍ଯ୍ୟାୟର କାରଣ ହୋଇଛି । ଉଲ୍ଲେଖଯୋଗ୍ୟ ଯେ, ଶିଳବିକାଶ, ବନାଗ୍ନି, ଆଖିବୁଜା ଗଛ କଟା, ଯାନାବହାନରୁ ନିର୍ଗତ ଧୂଆଁ ଯୋଗୁଁ ୧୭୫୦ ମସିହା ଠାରୁ ବିଶ୍ୱରେ ଅଙ୍ଗାରକାମ୍ଳ ଗ୍ୟାସ ବୃଦ୍ଧି ପାଇଥିବାବେଳେ ୧୯୭୦ ମସିହା ପରଠାରୁ ବିଶ୍ୱ ତାପମାତ୍ରା ବୃଦ୍ଧି ପରିଲକ୍ଷିତ ହୋଇଛି । ଗତ ୫୦ବର୍ଷ ମଧ୍ୟରେ ବିଶ୍ୱ ତାପମାତ୍ରା ଯେତିକି ବୃଦ୍ଧି ପାଇଛି, ଗତ ଦୁଇ ହଜାର ବର୍ଷ ମଧ୍ୟରେ ସେତିକି ବୃଦ୍ଧି ପାଇନଥିଲା ।

**ସୌଭାଗ୍ୟ ରଂଜନ ମହାନ୍ତି**

# ଭୟ, କ୍ରୋଧ ଓ ଚିନ୍ତାମୁକ୍ତ ଜୀବନ ଏବଂ ଶାନ୍ତି, ମନୁଷ୍ୟପକ୍ଷେ ସମ୍ଭବ !

## ପୁସ୍ତକ ଲୋକାର୍ପଣ କାର୍ଯ୍ୟକ୍ରମ ପୂର୍ବରୁ ଏକ ବିଜ୍ଞପ୍ତି



-ପ୍ରେମ୍ ରାୱତ

ବିଶ୍ୱବିଖ୍ୟାତ ଶିକ୍ଷଣୀୟ ପୁସ୍ତକ 'ସ୍ୱୟଂ କି ଆୱାଜ' (କୋଳାହଳପୂର୍ଣ୍ଣ ଏହି ସଂସାରରେ ଶାନ୍ତି ମିଳିବ କିପରି)ର ଲେଖକ ଏବଂ ମାନବତାବାଦୀ ଶ୍ରୀ ପ୍ରେମ ରାୱତଙ୍କ କହିବା ଅନୁଯାୟୀ " ମନୁଷ୍ୟ କୁ ଭୟ, କ୍ରୋଧ ଏବଂ ଚିନ୍ତା ମୁକ୍ତ ଜୀବନ ବଞ୍ଚିବା ଦରକାର ।" ସେ, ସାରା ଦୁନିଆରେ ଥିବା ନିଜ ଶ୍ରୋତା ମାନଙ୍କୁ ପ୍ରେରିତ କରି କହୁଛନ୍ତି ଯେ, ' ସମସ୍ତେ ନିଜ ଜୀବନରେ ଉପସ୍ଥିତ କୋଳାହରକୁ ଶାନ୍ତ କରି ହୃଦୟରେ ସତ୍ୟ ଓ ଭିନ୍ନ ସ୍ୱର ଶୁଣି ପାରିବେ, ଯାହା ନିଜ ଭିତରେ ବିଦ୍ୟମାନ ଶାନ୍ତିର ସ୍ରୋତ ଅଟେ ।' ସେ ଏହା ପୂର୍ବରୁ ଏହି ପୁସ୍ତକର ଇଂରାଜୀ ସଂସ୍କରଣ 'ହିୟର ୟୋରସେଲ୍ଫ' (Hear your self) ନାମକ ପୁସ୍ତକ ଲେଖିଥିଲେ ଯାହା ଆମେରିକାରେ ମୁକ୍ତିଲାଭ କରି ନ୍ୟୁୟର୍କ ଟାଇମ୍ସର ଉତ୍ତମ ବିକ୍ରେତା (Best Seller) ଶ୍ରେଣୀରେ ସ୍ଥାନ ପାଇଥିଲା । ଏହାର ହିନ୍ଦୀ ରୂପାନ୍ତରକୁ ଶ୍ରୀ ପ୍ରେମ୍ ରାୱତ ଲକ୍ଷ୍ନୌ ଠାରେ ୨ ଏପ୍ରିଲ୍ ୨୦୨୩ରେ ପୁସ୍ତକ ପ୍ରେମୀ ଓ ନିଜର ହଜାର ହଜାର ଶ୍ରୋତାମାନଙ୍କ ସମ୍ମୁଖରେ ଉନ୍ମୋଚନ କରିବେ ।

'ସ୍ୱୟଂ କି ଆୱାଜ' ପୁସ୍ତକ ପାଠକମାନଙ୍କୁ ଆତ୍ମଜ୍ଞାନ ଓ ଶାନ୍ତି ବିଷୟରେ ପ୍ରେରିତ କରିଥାଏ । ଏହି ପୁସ୍ତକରେ କାହାଣୀ ଓ ଦୁନିଆ ସାରା କରିଥିବା ନିଜର ଯାତ୍ରାର ଅନୁଭବକୁ ପ୍ରେମ୍ ରାୱତ ବହୁତ କୌତୁହଳପୂର୍ଣ୍ଣ ଭାବରେ ଉପସ୍ଥାପନା କରିଛନ୍ତି । ସେ କୁହନ୍ତି ଯେ, " କିଏ ଜାଣିଛି ଯେ, ଆମ ପାଖରେ କେତେ ସମୟ ଅଛି ? ପ୍ରତ୍ୟେକ 'ଦିନ' ଆମ ଜୀବନର ଏକ ମୂଲ୍ୟବାନ ଉପହାର । ଏହା ବହୁତ ଜରୁରୀ ଅଟେ କି, ଯେତେ ସମ୍ଭବ, ଆମେ ଆମ ଜୀବନର ସବୁ ସମୟକୁ ସୁନ୍ଦର ଭାବରେ ବଞ୍ଚିପାରିବା । ଯେବେ ଏହିପରି ହୁଏ ତେବେ ସତରେ ଆମ ଜୀବନ ବହୁତ ସୁନ୍ଦର ଭାବରେ ପ୍ରସ୍ଫୁଟିତ ହୋଇଥାଏ ।

ପ୍ରେମ ରାୱତଙ୍କ ପୁସ୍ତକ 'ସ୍ୱୟଂ କି ଆୱାଜ' ହାର୍ପର କଲିନ୍ସ ଦ୍ୱାରା ପ୍ରକାଶିତ କରାଯାଇଛି ।

### ଲେଖକଙ୍କ ବିଷୟରେ :

୧୯୫୭ ମସିହାରେ ଭାରତରେ ଜନ୍ମ ନେଇଥିବା ପ୍ରେମ୍ ରାୱତ ଜଣେ ଲୋକପ୍ରିୟ ଶିକ୍ଷକ, ବେଷ୍ଟସେଲିଙ୍ଗ ଲେଖକ ଏବଂ ମାନବତାବାଦୀ ଅଟନ୍ତି । ଗତ ୫୦ ବର୍ଷରୁ ଅଧିକ ସମୟରୁ ସେ ସମ୍ପୂର୍ଣ୍ଣ ବିଶ୍ୱର ଲୋକଙ୍କୁ ନିଜ ହୃଦୟ ସହ ସମ୍ପର୍କ ରଖି ଏକ ସର୍ବଶ୍ରେଷ୍ଠ ଜୀବନ ବଞ୍ଚିବାକୁ ପ୍ରେରଣା ଦେଉଛନ୍ତି । କେତେବେଳେ ଏକ ବିଲକ୍ଷଣ ଯୁବକ ତ କେବେବେଳେ ୭୦ ଦଶକର ଶିଶୁ ପ୍ରତିଭା ଠାରୁ ଆରମ୍ଭ କରି ବିଶ୍ୱ ଶାନ୍ତିଦୂତ ପର୍ଯ୍ୟନ୍ତ, ପ୍ରେମ୍ ରାୱତ ଲକ୍ଷଲକ୍ଷ ଲୋକଙ୍କ ଜୀବନକୁ ସ୍ୱଷ୍ଟତା, ପ୍ରେରଣା ଏବଂ ଗଭୀର ବୁଝାମଣା ପ୍ରଦାନ କରିଛନ୍ତି ।

ବର୍ତ୍ତମାନ ପ୍ରେମ ରାୱତ ଆମେରିକାରେ ରହୁଛନ୍ତି ଏବଂ ପ୍ରେମ୍ ରାୱତ ଫାଉଣ୍ଡେସନର ପ୍ରତିଷ୍ଠାତା ଅଟନ୍ତି । ଯାହା ସାରା ବିଶ୍ୱରେ ପ୍ରାକୃତିକ ବିପର୍ଯ୍ୟୟ ଏବଂ ମନୁଷ୍ୟର ମୁଖ୍ୟ ଆବଶ୍ୟକତାରେ ସାହାର୍ଯ୍ୟ ନିମନ୍ତେ ପ୍ରୟାସ କରୁଛି । ଯାହାଦ୍ୱାରା ମନୁଷ୍ୟ ଶାନ୍ତି, ଆତ୍ମସମ୍ମାନ ଏବଂ ପୂର୍ଣ୍ଣତ୍ୱ ସହ ଜୀବନ ବଞ୍ଚିପାରିବେ ।

ପ୍ରେମ୍ ରାୱତ ସବୁ କ୍ଷେତ୍ରର ଲୋକମାନଙ୍କ ସହ ମିଶି କାର୍ଯ୍ୟ କରନ୍ତି ଏବଂ ତାଙ୍କୁ ବୁଝାନ୍ତି ଯେ, କିପରି ସେ ନିଜ ଭିତରେ ଥିବା ଶାନ୍ତିର ଅନୁଭବ କରିପାରିବେ । ତାଙ୍କ ବିଶ୍ୱସ୍ତରୀୟ ପ୍ରଚେଷ୍ଟା ୧୦୦ ରୁ ଅଧିକ ଦେଶରେ ବିସ୍ତାରିତ ହୋଇଛି । ଯାହା ସମସ୍ତଙ୍କୁ ଆଶା, ଆନନ୍ଦ ଏବଂ ଶାନ୍ତିର ସୁନ୍ଦର ବାର୍ତ୍ତା ପ୍ରଦାନ କରିଥାଏ । ତାଙ୍କ କହିବା ଅନୁଯାୟୀ, " ଏହା ଠିକ୍ ଅଟେ ଯେ, କୋଟିଏ ଲୋକଙ୍କୁ ଶାନ୍ତିର ଦିଗକୁ ପ୍ରେରିତ କରିବା ଏକ ବଡ କାର୍ଯ୍ୟ ଅଟେ ।, କିନ୍ତୁ ଏହାକୁ ଆରମ୍ଭ କରିବାର ଏକ ସରଳ ଉପାୟ ହେଉଛି ; ଗୋଟିଏ ଥରରେ ଗୋଟିଏ ବ୍ୟକ୍ତି, ଏବଂ ସେ ବ୍ୟକ୍ତି କିଏ, ଯାହା ଠାରୁ ଆମକୁ ଆରମ୍ଭ କରିବାକୁ ପଡିବ ? ସେ ହେଉଛି, ଆମେ ନିଜେ !

ପ୍ରେମ୍ ରାୱତ ଆର୍ନ୍ତଜାତୀୟ ସ୍ତରରେ ସବୁଠାରୁ ଅଧିକ ପସନ୍ଦ କରାଯାଉଥିବା ଉତ୍ତମ ବିକ୍ରେତା ଲାଭ କରିଥିବା ପୁସ୍ତକର ଲେଖକ । ଯିଏ 'ଶାନ୍ତି ସମ୍ଭବ' (Peace is Possible) ଓ 'ତୀରର ଲକ୍ଷ୍ୟ'(Splitting the Arrow) ଭଳି ସୁନ୍ଦର ପୁସ୍ତକ ଲେଖିଛନ୍ତି । ପ୍ରେମ୍ ଜଣେ ପାଇଲଟ ଅଟନ୍ତି । ଯାହାଙ୍କର ୧୪,୫୦୦ ଘଣ୍ଟାରୁ ଅଧିକ ସମୟର ଉଡାଜାହାଜ ଉଡାଇବାର ଅନୁଭବ ଅଛି । ଏହା ବ୍ୟତୀତ ତାଙ୍କର ମଧ୍ୟ ଏକ ପରିବାର ଅଛି । ତାଙ୍କର ୪ଟି ପିଲା ଏବଂ ୪ଟି ନାତି ନାତୁଣୀ ମଧ୍ୟ ଅଛନ୍ତି ।

### ଟାଇମ୍‌ଲେସ୍ ଟୁଡେ ବିଷୟରେ (Timeless Today)

ଟାଇମଲେସ୍ ଟୁଡେ ଗୋଟେ ମଲ୍ଟି ମିଡିଆ କମ୍ପାନୀ ଅଟେ । ଏହା ମୋବାଇଲ୍ ଦ୍ୱାରା ସବ୍‌ସ୍କ୍ରିପସନ୍ ଆପ୍ ମାଧ୍ୟମରେ, ସମୟ ସୀମା ବାହାରେ, ଏକ ସୁନ୍ଦର ବାର୍ତ୍ତା ଲୋକଙ୍କ ପର୍ଯ୍ୟନ୍ତ ପଠାଇଥାଏ । ଏହା ଏଭଳି ଉତ୍କୃଷ୍ଟ ସାମଗ୍ରୀ ଉପଲବ୍ଧ କରାଉଛି ଯାହା ନିଜକୁ ଜାଣିବା ଏବଂ ବ୍ୟକ୍ତିଗତ ଶାନ୍ତିକୁ ଖୋଜିବାରେ ଆଗ୍ରହ ରଖୁଥିବା ବ୍ୟକ୍ତି ମାନଙ୍କୁ ପ୍ରେରିତ ଓ ମାର୍ଗଦର୍ଶନ କରିଥାଏ ।

# ଦେଶରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ମଜଭୁତ ହେବାର ବେଳ

ଆମ ଦେଶରେ ଜନ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ଅବସ୍ଥା ଅତି ଖରାପ ରହିଛି । ଏପରିକି ଅବସ୍ଥା ଦିନକୁ ଦିନ ଖରାପ ହୋଇ ଚାଲିଛି । ଜଣା ପଡ଼ିଛି ଯେ, ୨୦୪୬ ଲୋକ ସଂଖ୍ୟାରେ ହସ୍ପିଟାଲରେ କେବଳ ଗୋଟିଏ ବେଡ୍ ମିଳିପାରୁଛି । ସେହିପରି ୯୦,୩୪୩ ଲୋକ ସଂଖ୍ୟାରେ ମାତ୍ର ଗୋଟିଏ ହସ୍ପିଟାଲ ଉପଲବ୍ଧ ହୋଇଥାଏ । ସେହିପରି ଦେଶର ୧୦ ଲକ୍ଷ ଡ଼ାକ୍ତରରେ ମାତ୍ର ୧୦ ଶତକଡ଼ା ସରକାରୀ ସ୍ୱାସ୍ଥ୍ୟସେବାରେ ଅଛନ୍ତି । ଆମ ହସ୍ପିଟାଲ ଗୁଡ଼ିକର ଅବସ୍ଥା କେତେ ଯେ, ଖରାପ, ତାହା ବର୍ଣ୍ଣନା କରିବାର ଆବଶ୍ୟକତା ନାହିଁ । ବାସ୍ତବତା ହେଲା, ଆମ ସରକାରୀ ଡ଼ାକ୍ତରଖାନାରେ ମଜଭୁତ ଭିତ୍ତିଭୂମି, ଉପଯୁକ୍ତ ପରିଚାଳନା, ଆବଶ୍ୟକ ଦକ୍ଷ କର୍ମଚାରୀ ଓ ସଫା ସୁତୁରାରେ ବହୁ ପଛରେ ରହିଛି । ଆମ ଦେଶର ଲୋକସଂଖ୍ୟାର ୨୨.୪ ଶତକଡ଼ା ଏବେ ବି ଗରୀବୀ ରେଖା ତଳେ ରହିଛନ୍ତି, ଯେଉଁମାନେ ସ୍ୱାସ୍ଥ୍ୟସେବା ପାଇଁ ସଂପୂର୍ଣ୍ଣଭାବେରେ ସରକାରଙ୍କ ଉପରେ ନିର୍ଭରଶୀଳ । ମାତ୍ର ସେମାନେ ସରକାରୀ ହସ୍ପିଟାଲରେ ଘୋର ଅବ୍ୟବସ୍ଥା ମଧ୍ୟରେ ରହୁଛନ୍ତି । ରୋଗୀମାନଙ୍କର ଉପଯୁକ୍ତ ଚିକିତ୍ସା ଓ ସେବା ପାଇଁ କାହାର ଦୃଷ୍ଟି ପଡୁନାହିଁ । ୨୦୧୭-୧୮ରେ ଭାରତ ନିଜ ଜିଡ଼ିପିର ୧.୨୮ ଶତକଡ଼ା ଖର୍ଚ୍ଚ କରିଥିବା ବେଳେ ୨୦୧୬-୧୭ରେ ୧.୦୨ ଶତକଡ଼ା ଥିଲା । ତେବେ ଅନ୍ୟାନ୍ୟ ଦେଶ ତୁଳନାରେ ଆମେ ସ୍ୱାସ୍ଥ୍ୟସେବା ବାବଦରେ ବହୁ କମ୍ ଖର୍ଚ୍ଚ କରୁଛେ । ଆମେରିକା ତା'ର ଜିଡ଼ିପିର ୧୮ଶତକଡ଼ା ଜନସାଧାରଣଙ୍କ ସ୍ୱାସ୍ଥ୍ୟସେବା ପାଇଁ ଖର୍ଚ୍ଚ କରୁଛି, ଯାହା ବାର୍ଷିକ ମୁଣ୍ଡପିଛା ୧୦,୦୦୦ ଡ଼ଲାର ଅଟେ । ଭାରତର ସ୍ୱାସ୍ଥ୍ୟ ବାବଦରେ ଖର୍ଚ୍ଚ ବ୍ରିକ୍ସ ଦେଶମାନଙ୍କ ଠାରୁ ମଧ୍ୟ କମ୍ ରହିଛି । ତେବେ ଭାରତର ବର୍ତ୍ତମାନ ସରକାର ପ୍ରତିଶ୍ରୁତି ଦେଇଛନ୍ତି ଯେ, ଜନସାଧାରଣଙ୍କ ସ୍ୱାସ୍ଥ୍ୟସେବା ପାଇଁ ୨୦୨୫ ମଧ୍ୟରେ ଦେଶର ଜିଡ଼ିପିର ୨.୫ ପ୍ରତିଶତ ଖର୍ଚ୍ଚ କରାଯିବ । ମାତ୍ର ଏହା ମଧ୍ୟ ଅଧିକ କିଛି ନୁହେଁ । ୨୦୧୩-୧୪ ରେ କରାଯାଇଥିବା ସର୍ଭେ(ଏନ୍ ଏସ୍ଏସ୍ଓ) ଅନୁଯାୟୀ ଭାରତରେ ୩୬ ମିଲିୟନ ପରିବାର ସବୁଠୁ ମାରାତ୍ମକ ରୋଗ ପାଇଁ ଖର୍ଚ୍ଚ କରନ୍ତି । ଏମାନଙ୍କ ମଧ୍ୟରେ ୨୫ ମିଲିୟନ ପରିବାର ଗ୍ରାମାଞ୍ଚଳର ଏବଂ ୧୧ ମିଲିୟନ ସହରାଞ୍ଚଳର । ଆମ ଆଶ୍ଚର୍ଯ୍ୟର କଥା ଯେ, ଆମ ଦେଶର ୩୯ ଶତକଡ଼ା ଗରୀବ ଲୋକଙ୍କୁ କୌଣସି ପ୍ରକାର ଡ଼ାକ୍ତରଖାନାର ସୁବିଧା ମିଳେନାହିଁ । ଏହାର ଅର୍ଥ ଆମ ଦେଶର ଏକ-ତୃତୀୟାଂଶ ଲୋକେ ସରକାରୀ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ରହୁଛନ୍ତି । ଅବଶ୍ୟ ଆମ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ମଜ୍‌ଭୁତ କରାଗଲେ, ଏଭଳି ଅବସ୍ଥାକୁ ଏଡ଼ାଇ ଦିଆଯାଇ ପାରିବ । ତେବେ ମଜ୍‌ଭୁତ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ହୋଇପାରୁ ନଥିବାରୁ ଲୋକମାନଙ୍କୁ ଘରୋଇ ହସ୍ପିଟାଲର ସାହାରା ନେବାକୁ ପଡୁଛି, ଯାହା ଏତେ ମହଙ୍ଗା ଯେ, ଲୋକେ ସର୍ବସ୍ୱାନ୍ତ ହୋଇ ଯାଉଛନ୍ତି । ଏହି ସମସ୍ୟାର ସମାଧାନ ପାଇଁ ମୁଖ୍ୟତଃ ସରକାର ଏ ବାବଦରେ ଅଧିକ ବ୍ୟୟବରାଦ କରିବାର ଆବଶ୍ୟକତା ରହିଛି । ସରକାରୀ ସ୍ୱାସ୍ଥ୍ୟ ଭିତ୍ତିଭୂମିରେ ଏଭଳି ପରିବର୍ତ୍ତନ କରାଯିବା ଉଚିତ, ଯେମିତି ସ୍ୱାସ୍ଥ୍ୟସେବା ଉଚ୍ଚ ଗୁଣମାନର ହୋଇପାରିବ । ଏଥି ସହିତ ସରକାର ଘରୋଇ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଉପରେ ମଧ୍ୟ ଲକ୍ଷ୍ୟ ରଖିବା ଉଚିତ ଓ ମନଇଚ୍ଛା ରୋଗୀମାନଙ୍କୁ ଶୋଷଣ କରୁଥିବା ଘରୋଇ ଡ଼ାକ୍ତରଖାନା ଗୁଡ଼ିକ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ । ଏପରିକି କେଉଁ ଚିକିତ୍ସା ପାଇଁ କେତେ ଟଙ୍କା ରୋଗୀଙ୍କୁ ଦେବାକୁ ପଡ଼ିବ, ତାହା ସରକାର ନିର୍ଦ୍ଧାରଣ କରିବା ଉଚିତ । ଅନ୍ୟଥା ସଂପୃକ୍ତ ଘରୋଇ ହସ୍ପିଟାଲ୍ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ । ମୁଖ୍ୟତଃ ଘରୋଇ ହସ୍ପିଟାଲ୍‌ରେ ଦିଆଯାଉଥିବା ସୁବିଧା ଓ ଚିକିତ୍ସା ପାଇଁ ନିଆଯାଉଥିବା ଫିସ୍ ତୁରନ୍ତ ନିୟନ୍ତ୍ରଣ ହେବା ଉଚିତ । କୁହାଯାଏ, ସ୍ୱାସ୍ଥ୍ୟ ହିଁ ସମ୍ପଦ । କୌଣସି ଦେଶ ସେ ପର୍ଯ୍ୟନ୍ତ ସମୃଦ୍ଧ ଓ ସୁଖି ହେବନାହିଁ, ଯେପର୍ଯ୍ୟନ୍ତ ନାଗରିକମାନଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ନମିଳିବ । ବିଶ୍ୱର କେତେକ ଉନ୍ନତ ଦେଶରେ ଜନସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ବେଶ ଉଚ୍ଚ ମାନର । ଲଣ୍ଡନର ସାର୍ବଜନିକ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଅତି ଉନ୍ନତ । ସେଠାକାର ସରକାରୀ ଡ଼ାକ୍ତରଖାନା ୮୦ ଶତକଡ଼ାରୁ ଅଧିକ ଲୋକଙ୍କୁ ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇଥାଏ । ଡ଼ାକ୍ତର, ନର୍ସ ଓ ଅନ୍ୟାନ୍ୟ ପାରାମେଡ଼ିକାଲ୍ କର୍ମଚାରୀଙ୍କ ବେତନ ସରକାର ନିର୍ଦ୍ଧାରଣ କରିଥାନ୍ତି । ଜାପାନରେ ସେଠାକାର ସରକାର ଘରୋଇ ଡ଼ାକ୍ତରଙ୍କ ସେବା ପାଇଁ ଫିସ୍ ନିର୍ଦ୍ଧାରିତ କରିଥାନ୍ତି । ଏହାଦ୍ୱାରା ସେଠାରେ ଡ଼ାକ୍ତରମାନେ ରୋଗୀଙ୍କ ଠାରୁ ଅଧିକ ଫିସ୍ ନେଇ ପାରନ୍ତି ନାହିଁ । ଆଉ ଏଥିରେ ଖିଲାପ କରୁଥିବା ଡ଼ାକ୍ତରଙ୍କ ଠାରୁ ବହୁ ଅଧିକ ଅର୍ଥ ଆଦାୟ କରାଯାଏ । ଫ୍ରାନ୍ସରେ ସେଠାକାର ସ୍ୱାସ୍ଥ୍ୟବ୍ୟବସ୍ଥା ଟିକେ ଭିନ୍ନ । ସେଠାରେ ପ୍ରତି ଲୋକଙ୍କ ପାଇଁ ସ୍ୱାସ୍ଥ୍ୟ ଇନ୍ସୁରାନ୍ସ କରାଯିବା ଜରୁରୀ । ଏହି ବ୍ୟବସ୍ଥା କୌଣସି ଲାଭ ପାଇଁ ନୁହେଁ ଓ ଏଥିପାଇଁ ସରକାରୀ ଟାକ୍ସରୁ ଫଣ୍ଡ ଦିଆଯାଏ । ଏହି ଇନ୍ସୁରାନ୍ସ ୭୦ରୁ ୮୦ ଶତକଡ଼ା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ପାଇଁ ହେଉଥିବା ଖର୍ଚ୍ଚକୁ ଭରଣା କରିଥାଏ ଓ ବାକି ଖର୍ଚ୍ଚ ଭଲୁଂଟାରୀ ଇନ୍ସୁରାନ୍ସ ମାଧ୍ୟମରେ ପୁରା କରା ଯାଇଥାଏ । ଏଥିଯୋଗୁ ଲୋକ ମାନେ ଚିକିତ୍ସା ପାଇଁ ନିଜ ପକେଟରୁ ଖର୍ଚ୍ଚ କରିବାକୁ ପଡ଼େନାହିଁ । ବାସ୍ତବରେ ୯୫ ଭାଗ ଲୋକେ ଭଲୁଂଟାରୀ ଇନ୍ସୁରାନ୍ସ ମାଧ୍ୟମରେ ସ୍ୱାସ୍ଥ୍ୟ ସୁବିଧା ହାସଲ କରନ୍ତି । ସେଠାରେ ସରକାର ଔଷଧ ଓ ଅନ୍ୟ ମେଡ଼ିକାଲ ଖର୍ଚ୍ଚର ମୂଲ୍ୟ ନିର୍ଦ୍ଧାରିତ କରନ୍ତି । ଏଥିପାଇଁ ସରକାର ନିଜ ଜିଡ଼ିପୀ ର୧୧.୮ ପ୍ରତିଶତ ଖର୍ଚ୍ଚ କରିଥାନ୍ତି । ସେହିପରି ସୁଇଜରଲାଣ୍ଡରେ ଉନ୍ନତ ସ୍ୱାସ୍ଥ୍ୟବ୍ୟବସ୍ଥା ଦେଖିବାକୁ ମିଳେ । ଏପରିକି ସେଠାରେ ଆମେରିକା ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଭଳି ଲାଗେ । ସେଠାରେ ପ୍ରାଇଭେଟ କମ୍ପାନୀମାନେ ଇନ୍ସୁରାନ୍ସ ଯୋଗାଇ ଦିଅନ୍ତି, ଯାହାକୁ ନେବା ସମସ୍ତଙ୍କ ପାଇଁ ଅନିର୍ବାର୍ଯ୍ୟ ଅଟେ । ତେବେ ଏହା ଲାଭ ସହ ଆଦୌ ସଂପୃକ୍ତ ନୁହେଁ । କିନ୍ତୁ କେତେକ ଜରୁରୀ ସେବା ଓ ହସ୍ପିଟାଲ ପାଇଁ କମ୍ପାନୀମାନେ ଲାଭ ନିଅନ୍ତି । ତେବେ ବିଭିନ୍ନ ଦେଶର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଦେଖାଗଲେ, ବାସ୍ତବରେ ଆଶ୍ଚର୍ଯ୍ୟ ଲାଗିବ । କାରଣ ଭାରତରେ ୧.୩ ବିଲିୟନ ଲୋକଙ୍କ ପାଇଁ ମାତ୍ର ୧୦ ଲକ୍ଷ ପଞ୍ଜିକୃତ ଡ଼ାକ୍ତର ଅଛନ୍ତି । ଆମର ଏଠାରେ ୧୦,୧୮୯ ଲୋକ ସଂଖ୍ୟାରେ ଜଣେ ମାତ୍ର ସରକାରୀ ଏଲୋପାଥିକ ଡ଼ାକ୍ତର ଅଛନ୍ତି, ଆଉ ଯଦିଓ ମେଡ଼ିକାଲ୍ କାଉନସିଲ୍ ଅଫ ଇଣ୍ଡିଆର କଥାକୁ ସତ୍ୟ ଧରାଯାଏ, ତେବେ ଭାରତରେ ଅଧାରୁ ଅଧିକ ଡ଼ାକ୍ତର ପଞ୍ଜିକୃତ ନୁହନ୍ତି ଓ ଏଲୋପାଥିରେ ସେମାନଙ୍କ ପାଖରେ କୌଣସି ଡ଼ିଗ୍ରୀ ନାହିଁ । ଅବଶ୍ୟ ବଡ଼ ସହର ମାନଙ୍କରେ ଅବସ୍ଥା ଭଲ ଅଛି । ପ୍ରାୟତଃ ସହର ଗୁଡ଼ିକରେ ୫୮ ଶତକଡ଼ା ପ୍ରଶିକ୍ଷିତ ଡ଼ାକ୍ତର ଥିବାବେଳେ ଗ୍ରାମାଞ୍ଚଳରେ ମାତ୍ର ୧୮ଶତକଡ଼ା ପ୍ରଶିକ୍ଷିତ ଡ଼ାକ୍ତର ପଞ୍ଜିକୃତ ଅଟନ୍ତି । ତେବେ ଭାରତ ସ୍ୱାସ୍ଥ୍ୟସେବା ପାଇଁ ନିଜ ଜିଡ଼ିପିର ୧.୨ ଶତକଡ଼ା ଖର୍ଚ୍ଚ କରୁଛି, ଯାହା, ମ୍ୟାଂମାର, ପାକିସ୍ତାନ ଓ କମ୍ବୋଡ଼ିଆ ଠାରୁ ସାମାନ୍ୟ ଅଧିକ । ଆମ ଦେଶରେ ସ୍ୱାସ୍ଥ୍ୟ ଭିତିଭୂମି ସଂପର୍କରେ ଆଲୋଚନା କରାଗଲେ ଅତି ଦୁଃଖ ଲାଗିବ । ସାରା ଦେଶରେ ସ୍ୱାସ୍ଥ୍ୟ ଭିତ୍ତିଭୂମିର ଘୋର ଅଭାବ ରହିଥିବା ଜଳଜଳ ଦେଖାଯାଉଛି । ଭିତ୍ତିଭୂମିର ଅର୍ଥ ଆବଶ୍ୟକୀୟ ଚିକିତ୍ସା ଉପକରଣ, ଆଇସିୟୁ ଭଳି ଅତ୍ୟାଧୁନିକ ଯନ୍ତ୍ରପାତି, ରୋଗୀ ସଂଖ୍ୟାନୁଯାୟୀ ଶଯ୍ୟା, ଲାବୋରେଟାରୀ, ଔଷଧପତ୍ର, ଡ଼ାକ୍ତରଖାନା ଗୃହ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ଉପଜିଲ୍ଲା ଓ ଜିଲ୍ଲା ହସ୍ପିଟାଲ୍ ମାନଙ୍କରେ ବ୍ଲଡ୍ ବ୍ୟାଙ୍କ୍ ପ୍ରତିଷ୍ଠା, ଜୀବନ ରକ୍ଷାକାରୀ ଅକ୍ସିଜେନ୍‌ର ବ୍ୟବସ୍ଥା, ଆବଶ୍ୟକତା ଅନୁଯାୟୀ ଡ଼ାକ୍ତର, ନର୍ସ ଓ ଅନ୍ୟାନ୍ୟ ପାରାମେଡ଼ିକ୍ କର୍ମଚାରୀ ଆଦିଙ୍କୁ ବୁଝାଏ । ମାତ୍ର ଉପରୋକ୍ତ ଭିତିଭୂମିର ବିକାଶ ପାଇଁ ଆମ ସ୍ୱାସ୍ଥ୍ୟ ପ୍ରଶାସନ ବିଶେଷ ଦୃଷ୍ଟି ଦେଉନାହିଁ । ସାରା ଦେଶରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରୀୟ ଅନେକ ଯୋଜନା କାର୍ଯ୍ୟକାରୀ ହେଉଛି । ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ଶହଶହ କୋଟି ଟଙ୍କା ପାଣି ଭଳି ଖର୍ଚ୍ଚ ହେଉଛି । ହେଲେ ଦେଶରେ ସ୍ୱାସ୍ଥ୍ୟ ସେବାର ସେମିତି କିଛି ଉନ୍ନତି ପରିଲକ୍ଷିତ ହେଉନାହିଁ । ଯୋଜନା ଗୁଡ଼ିକ ଚାଲିଛି କିପରି, କେଉଁଠି ଓ କାହାପାଇଁ, କେହି କିଛି ଜାଣିପାରୁ ନାହାଁନ୍ତି । କେବଳ ଜଳଜଳ ଦେଖାଯାଉଛି, ସାରା ଦେଶରେ ଭୁଷୁଡ଼ି ପଡ଼ିଛି ସ୍ୱାସ୍ଥ୍ୟସେବା ବ୍ୟବସ୍ଥା । ରୋଗୀମାନେ ଚିକିତ୍ସା ସେବା ନପାଇ ହଇରାଣ ହେଉଛନ୍ତି । ତେବେ ଭାରତୀଙ୍କ ପାଇଁ ଏହି ମୌଳିକ ସମସ୍ୟା କେବେ ସମାଧାନ ହେବ, ତାହା ଭଗବାନଙ୍କ ଇଚ୍ଛା ।

**ଶରତ କୁମାର ରାଉତ**




# ଆବର୍ଜନା ସଫା କରନ୍ତି ନବଦମ୍ପତି

ପୂର୍ବରୁ କୌଣସି ବିବାହ କାର୍ଯ୍ୟ ଦୃଢ଼ ନିଶ୍ଚିତ କରିବା ପାଇଁ ନିର୍ବନ୍ଧ ପରି ପ୍ରାକ୍ ବୈବାହିକ ଉତ୍ସବର ଆୟୋଜନ ହେଉଥିଲା। ଅବଶ୍ୟ ଏଥିରେ ଭାବୀ ବର କି କନ୍ୟାଙ୍କର କୌଣସି ଭୂମିକା ନଥିଲା। ଭୋଜିଭାତର ଆସର ମଧ୍ୟରେ ବନ୍ଧୁବାନ୍ଧବମାନେ କେବଳ ପରସ୍ପରକୁ ଜାଣିବାର ଅବକାଶ ମିଳୁଥିଲା। ମାତ୍ର ଆଜିକାଲି ବିବାହ ପୂର୍ବରୁ ଭାବୀ ଦମ୍ପତିଙ୍କୁ ଏକାଠି କରିବା ଲାଗି ମୁଦିପିନ୍ଧା ପରି ଅଭିନବ ଉତ୍ସବର ଆୟୋଜନ କରାଯାଉଥିବା ଦେଖିବାକୁ ମିଳୁଛି। ଏଥିରେ ବାହାଘରଠୁ ବି ବଳିକି ଭୋଜିଭାତ ସହ ବରକନ୍ୟାଙ୍କୁ ମିଶିବାର ଅଲିଖିତ ସ୍ୱୀକୃତି ଦିଆଯାଉଛି। ମାତ୍ର ଜର୍ମାନୀ ପରମ୍ପରାରେ ଏଭଳି ଭାବୀ ଦମ୍ପତିଙ୍କ ଉଦ୍ଦେଶ୍ୟରେ ପ୍ରାକ୍ ପରିଣୟ ଉତ୍ସବର ଆୟୋଜିତ ହେଉଥିଲେ ହେଁ ତାହା ନିଆରା ଓ ତାହା ପଛରେ ଏକ ମହତ୍ କାରଣ ରହିଛି। ସେଠାରେ ବିବାହ ପୂର୍ବରୁ ଭାବୀ ବରକନ୍ୟାଙ୍କ ବନ୍ଧୁବାନ୍ଧବମାନେ ଏକତ୍ରିତ ହୋଇ ଭୋଜିଭାତରେ ମସଗୁଲ ହୋଇଥାନ୍ତି। ମାତ୍ର ସେମାନେ ସେଠାରେ ଭୋଜିରେ ଆପ୍ୟାୟିତ ହୋଇସାରିଲା ପରେ ବାସନକୁସନ ସବୁ ଭାଙ୍ଗିରୁଜି ଫିଙ୍ଗାଫୋପଡ଼ା କରିଥାନ୍ତି। ଆଉ ନବଦମ୍ପତିଙ୍କୁ ସେସବୁ ଗୋଟାଇ ସଫା କରିବାକୁ ବାଧ କରାଯାଇଥାଏ। ସୁନ୍ଦର ଘରସଂସାରର ସ୍ୱପ୍ନରେ ବିଭୋର ଥିବା ଭାବୀ ଦମ୍ପତି ମଧ କୌଣସି ଦ୍ୱିଧା ନରଖି ଛିନ୍‌ଛତ୍ର ହୋଇ ପଡ଼ିଥିବା ଭଙ୍ଗାରୁଜା ବାସନ ଓ ଅଳିଆ ଆବର୍ଜନା ସବୁ ନିଜ ହାତରେ ଗୋଟାଇ ଉତ୍ସବସ୍ଥଳକୁ ପରିଷ୍କାର କରିଥାନ୍ତି। ଏପରି କରିବା ଦ୍ୱାରା ସେମାନଙ୍କ ମନରେ କଠିନ ସମୟରେ ଏକାଠି କାମ କରିବାର ସ୍ପୃହା ଜାଗ୍ରତ କରାଯାଇପାରିବ ବୋଲି ସେ ଦେଶରେ ଏକ ବିଚିତ୍ର ବିଧି ରହିଛି। ଏହା ସେମାନଙ୍କ ଦାମ୍ପତ୍ୟ ଜୀବନକୁ ଅଧିକ ମଜଭୁତ କରିପାରିବ

# ରୋଗକୁ ଆୟତ୍ତରେ ରଖେ କଲରା

କଥାରେ ଅଛି ଉତ୍ତମ ଖାଦ୍ୟ ଓ ସୁନିଦ୍ରାର କୌଣସି ବିକଳ୍ପ ନାହିଁ। ଭଲ କରି ଖାଇବା ଓ ଭଲ ଭାବେ ଶୋଇବା ଅଭ୍ୟାସ ରଖିଥିବା ବ୍ୟକ୍ତିମାନେ ପ୍ରାୟତଃ ସୁସ୍ଥ ରହିଥାନ୍ତି। ମାତ୍ର ଏପରି କିଛି ଖାଦ୍ୟ ଅଛି ଯାହାକୁ ଖାଇବା ଦ୍ୱାରା ଶରୀରରୁ ଅନେକ ରୋଗକୁ ଦୂରେଇ ଦେଇ ହୁଏ। ମଧୁମେହ ଆଜିକାଲି ଏକ ସାଧାରଣ ରୋଗ ପାଲଟି ଗଲାଣି। ପ୍ରାୟ ପ୍ରତି ଘରେ ଏହି ରୋଗୀ ଥିବାର ଦେଖିବାକୁ ମିଳୁଛି। ଏହି ରୋଗ ଥରେ ହେଲେ ଏହାର ସଂପୂର୍ଣ୍ଣ ନିରାକରଣ ଅସମ୍ଭବ, ମାତ୍ର ଉତ୍ତମ ଜୀବନ ଶୈଳୀ ଆପଣାଇଲେ ଏହି ରୋଗକୁ ଆୟତ୍ତରେ ରଖାଯାଇପାରେ। ଉପଯୁକ୍ତ ବ୍ୟାୟାମ, ଖାଦ୍ୟ ଓ ନିୟମିତ ଔଷଧ ସେବନ କଲେ ଏହି ରୋଗକୁ ହରାଯାଇପାରେ। ତେବେ ଆପଣ ଯଦି ଏହି ରୋଗକୁ ଆୟତ୍ତରେ ରଖିବାକୁ



ଚାହାନ୍ତି ତେବେ କଲରା ଖାଇବା ହେଉଛି ଉତ୍ତମ ଉପାୟ। ଜାଣିରଖନ୍ତୁ ଯେ ମାତ୍ରାଧିକ କଲରା ଖାଇବା ଦ୍ୱାରା ବା କଲରା ଜୁସ୍ ପିଇବା ଦ୍ୱାରା ରକ୍ତରେ ଶର୍କରା ପରିମାଣକୁ ଆଶାତୀତ ଭାବେ କମ କରାଯାଇପାରେ। ଏହି ପିତା ପରିବାରେ ରହିଛି ପ୍ଲାଣ୍ଟ୍ ଇନ୍‌ସୁଲିନ୍ ପୋଲିପେପ୍ଟାଇଡ୍-ପି ତତ୍ତ୍ୱ। ଏହି ପରିବା ଖାଇବା ଦ୍ୱାରା ହାଇପରଗ୍ଲିସେମିଆ କମ ହେବା ସହ ରକ୍ତରେ ଶର୍କରା ପରିମାଣକୁ ନିୟନ୍ତ୍ରଣରେ ରଖାଯାଇପାରେ। କଲରାକୁ ଭଜା ବା ତରକାରି କରି ଖାଇପାରିବେ। କଲରା ଜୁସ୍ ବନାଉ ତେବେ ସେଥିରୁ ମଞ୍ଜି ନିଶ୍ଚୟ କାଢ଼ି ଦିଅନ୍ତୁ। କଲରା ଖାଲି ମଧୁମେହ ନୁହେଁ, କର୍କଟ ରୋଗୀଙ୍କ ପାଇଁ ମଧ ଭଲ ହୋଇଥାଏ। ପ୍ରଚୁର ପରିମାଣର କଲରା ଖାଉଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ କର୍କଟ ରୋଗ ହେବାର ଖୁବ୍ କମ୍ ସମ୍ଭାବନା ଥାଏ। କେହି କେହି ଓଜନ ହ୍ରାସ ପାଇଁ ମଧ କଲରା ରସ ପିଇଥାନ୍ତି। କଲରା ରସ ପିଇବା ଦ୍ୱାରା ଓଜନ ନିୟନ୍ତ୍ରଣରେ ରହେ ବୋଲି ଖାଦ୍ୟ ବିଶେଷଜ୍ଞ ମତ ରଖନ୍ତି।



# ‘ଗଙ୍ଗୁବାଇ’

ଆଲିଆ ଭଟ୍ଟଙ୍କ ଚଳଚ୍ଚିତ୍ର ‘ଗଙ୍ଗୁବାଇ କାଠିଆୱାଡି’ ରିଲିଜ୍ ହେବାରେ ବକ୍ସ ଅଫିସରେ ଧୂମ୍ ମଚାଉଛି। ଏହି ଫିଲ୍ମର ଘୋଷଣାଠାରୁ ଆରମ୍ଭ କରି ବର୍ତ୍ତମାନ ପର୍ଯ୍ୟନ୍ତ ଜଡିତ କିଛି ବିବାଦ ଲାଗି ରହିଛି। ସଞ୍ଜୟ ଲୀଲା ଭନସାଲୀଙ୍କ ନିର୍ଦ୍ଦେଶିତ ଫିଲ୍ମ ସବୁବେଳେ ବିବାଦରେ ଥାଏ। ଏହାର କାରଣ ହେଉଛି ସେମାନେ ଐତିହାସିକ ବିଷୟ ଉପରେ ଅଧିକ ଚଳଚ୍ଚିତ୍ର ନିର୍ମାଣ କରନ୍ତି ଏବଂ ଯେଉଁଥିପାଇଁ ଏହା ବିବାଦ ଲାଗି ରହିବା ସ୍ୱାଭାବିକ। ତେବେ ନିକଟରେ ଏହି ଫିଲ୍ମକୁ ନେଇ ଆଉ ଏକ ବିବାଦ ଲାଗି ରହିଛି। ମହାରାଷ୍ଟ୍ର ବିଧାୟକ ଅମିନ ପଟେଲ ଏବଂ କମାଠିପୁରାର ବାସିନ୍ଦା ‘ଗଙ୍ଗୁବାଇ କାଠିଆୱାଡି’ ଫିଲ୍ମରେ କମାଠିପୁରାର ନାମ ବ୍ୟବହାର ବିରୋଧରେ ବମ୍ବେ ହାଇକୋର୍ଟଙ୍କ ନିକଟରେ ପହଞ୍ଚିଛନ୍ତି। ଏଥିସହିତ ଦାବି କରାଯାଇଛି କି ଫିଲ୍ମରୁ ଏହାକୁ ସେନ୍ସର କରାଯାଉ କିମ୍ବା ସେହି ନାମ ବଦଳରେ ଅନ୍ୟ ନାମ ବ୍ୟବହାର କରାଯିବା ଉଚିତ।



ବିଧାୟକ ଅମିନ ପଟେଲ

ବୋଲି
[illegible]
ବିଶ୍ୱସ
[illegible]

ରିପୋର୍ଟ ଅନୁଯାୟୀ, କମାଠିପୁରା ନିବାସୀଙ୍କ ଦ୍ୱାରା ଦାଖଲ ହୋଇଥିବା ଆବେଦନ ଅନୁଯାୟୀ ଏହା ପୂର୍ବରୁ ଏଠାରେ ବେଶ୍ୟାଳୟ ଚାଲୁଥିଲା। ମଙ୍ଗଳବାର ଦିନ ଏହି ଆବେଦନରେ ଜଷ୍ଟିସ ଗୌତମ ଆଉଟ ମାଧବ ଜାମଦାରଙ୍କ ସମ୍ମୁଖରେ ଉପସ୍ଥାପିତ ହୋଇଥିଲା ଏବଂ କୁହାଯାଇଥିଲା କି ଶୁକ୍ରବାର ଦିନ ଫିଲ୍ମ ରିଲିଜ ହେବ। ସଞ୍ଜୟ ଲୀଲା ଭନସାଲୀଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଲେଖକ ଏସ୍ ହୁସେନ୍ ଜାଇଡିଙ୍କ ପୁସ୍ତକ ମାଫିଆ କୁଇନ୍ସ ଅଫ୍ ମୁମ୍ବାଇର ଏକ ଅଧ୍ୟାୟ ଉପରେ ଆଧାରିତ। ଯେଉଁଥିରେ ଆଲିଆ ଭଟ୍ଟଙ୍କୁ ଗାଙ୍ଗୁବାଇ ଭାବରେ ଦର୍ଶାଯାଇଛି। କମାଠିପୁରାର ସବୁଠାରୁ ପ୍ରିୟ ତଥା ସମ୍ମାନିତ ମ୍ୟାଡାମ୍ମାଙ୍କ ମଧ୍ୟରୁ ଅନ୍ୟତମ ଥିଲେ। ଯଦି ଫିଲ୍ମ କମାଠିପୁରା ନାମରେ ମୁକ୍ତିଲାଭ କରିବାକୁ ଅନୁମତି ଦିଆଯାଏ, ତେବେ ଏହା ବାସିନ୍ଦାଙ୍କ ଉପରେ ବିଶେଷ କରି ମହିଳାମାନଙ୍କ ପ୍ରତି ଅପମାନ ଆଣିବ ବୋଲି ଆବେଦନପତ୍ରରେ କୁହାଯାଇଛି। ‘କମାଠିପୁରା’ ନାମର କୌଣସି ସନ୍ଦର୍ଭ ରହିବା ଉଚିତ୍ ନୁହେଁ।ନାମକୁ ଅନ୍ୟ କୌଣସି ସ୍ଥାନରେ ପରିବର୍ତ୍ତନ କରାଯିବା ଉଚିତ।



# ଖୁଚୁରା କଏନ୍ ଦେଇ କିଣିଲେ ସ୍କୁଟି






ନିଜ ସ୍ୱପ୍ନର ଖଣ୍ଡେ ଦି ଚକିଆ ଗାଡ଼ି କିଣିବା ପାଇଁ ଜଣେ ବ୍ୟକ୍ତି ଜୀବନଯାକର ସଂଚିତ ରଖିଥିବା ଚେଞ୍ଜ ପଇସା ଦେଇ ଘରକୁ ଆଣିଛନ୍ତି ଏକ ନୂଆ ସ୍କୁଟି। ଏହାକୁ ନେଇ ତାଙ୍କ ପରିବାର ଲୋକେ ବେଶ୍ ଖୁସି ଥିବାବେଳେ ସୋସିଆଲ ମିଡିଆରେ ଏହାର ଏକ ଭିଡିଓ ବେଶ୍ ଚର୍ଚ୍ଚା ସାଉଁଟିଛି। ନୂଆ ଜିନିଷ କିଣିବା ପାଇଁ ସମସ୍ତଙ୍କ ମନରେ ଆଗ୍ରହ ଥାଏ। କାହାର ଗାଡି କିଣିବା ପାଇଁ ସଉକ ଥାଏ ତ ଆଉ କାହାର ଘର। ତେବେ ପାଖରେ ଟଙ୍କା ନଥିଲେ ଏସବୁ କିଣିବା ମୁସ୍କିଲ୍।

ଏଥିପାଇଁ ଏକଜୁଟ୍ କରିବାକୁ ପଡେ ଟଙ୍କା। ନିକଟରେ ଏଭଳି ହିଁ କିଛି ଘଟଣା ଘଟିଛି। ନିଜ ସ୍ୱପ୍ନର ସ୍କୁଟି କିଣିବା ପାଇଁ ଜଣେ ବ୍ୟକ୍ତି ଏକଜୁଟ୍ କରିଥିବା ଟଙ୍କାକୁ ବସ୍ତାରେ ଭର୍ତ୍ତି କରି ଶୋ ରୁମ୍ ଯାଇଛନ୍ତି। ସେ ଖୁଚୁରା କଏନ୍ ଦେଇ କିଣିଛନ୍ତି ନିଜ ସ୍ୱପ୍ନର ସ୍କୁଟି।  ଆସାମର ଜଣେ ବ୍ୟକ୍ତି ସ୍କୁଟି କିଣିବା ପାଇଁ ଅଖା ଭିତରେ ଖୁଚୁରା ଟଙ୍କା ଭର୍ତ୍ତି କରି ଶୋ'ରୁମ୍‌ରେ ପହଞ୍ଚିଥିଲେ। ଏହାଦେଖି ସମସ୍ତେ ଚକିତ ହୋଇପଡିଥିଲେ। ଏହି ବସ୍ତା ଭିତରେ ଏକ ଟଙ୍କାରୁ ଆରମ୍ଭ କରି ୧୦ ଟଙ୍କା ଯାଏଁ କଏନ୍ ଥିଲା। ନିଜ ସ୍ୱପ୍ନର ସ୍କୁଟି କିଣିବା ପାଇଁ ପ୍ରାୟ ୭ରୁ ୮ ମାସ ଧରି ଏହି ଟଙ୍କାକୁ ସେ ସଞ୍ଚିତ କରି ରଖିଥିଲେ। ଯେତେବେଳେ ସେ ଟଙ୍କା ଭର୍ତ୍ତି ଅଖା ଧରି ଶୋ ରୁମ୍‌ରେ ପହଞ୍ଚୁଛନ୍ତି ସେତେବେଳେ ସମସ୍ତେ ତାଙ୍କୁ ଦେଖି ଚକିତ ହୋଇପଡୁଛନ୍ତି। ଏହି ଅଖାକୁ ଉଠାଇବା ପାଇଁ ସମସ୍ତେ ଚେଷ୍ଟା ମଧ କରୁଛନ୍ତି। ଏହାପରେ ସ୍କୁଟି କିଣିବା ପାଇଁ ବ୍ୟକ୍ତି ଜଣକ ଏହି ଖୁଚୁରା ଟଙ୍କାକୁ କାଢୁଛନ୍ତି। ପରେ ଖୁଚୁରା ଟଙ୍କାକୁ ଗଣିବା ପାଇଁ ଶୋ'ରୁମ୍‌ର ସମସ୍ତ ଷ୍ଟାଫ୍ ଲାଗି ପଡୁଛନ୍ତି। ଖୁଚୁରା କଏନ୍ ଦେଇ ସ୍କୁଟି କିଣିଥିବା ଏହି ବ୍ୟକ୍ତି ଜଣକ ହେଉଛନ୍ତି ଆସାମର। ସେ ପେଶାରେ ଜଣେ ଦୋକାନୀ। ସେ ଦୀର୍ଘ ଦିନ ହେଲା ନିଜ କାମ ପାଇଁ ଏକ ସ୍କୁଟି କିଣିବାକୁ ଚାହୁଁଥିଲେ। ଶେଷରେ ଖୁଚୁରା କଏନ୍ ଦେଇ ନିଜ ପାଇଁ ଏକ ସ୍କୁଟି କିଣିଛନ୍ତି।

# ବୀଭସ୍ସ ପରମ୍ପରା



ପପୁଆ ନିଉ ଗିନିରେ ବସବାସ କରୁଥିବା ‘କନିଙ୍ଗାରା’ ନାମକ ଆଦିବାସୀମାନଙ୍କ ମଧ୍ୟରେ ପ୍ରଚଳିତ ଏକ ବୀଭତ୍ସ ପରମ୍ପରା ସମ୍ପର୍କରେ ଜାଣିଲେ ଲୋମ ଟାଙ୍କୁରି ଉଠିବ। ସେଠାରେ ପ୍ରାପ୍ତବୟସ୍କ ଯୁବକମାନଙ୍କର ଚର୍ମକୁ ଚିରି ବିକୃତ କରିବାର ଏକ ପ୍ରଥା ରହିଛି ଯଦ୍ୱାରା ଜଣେ ପରିବେଶ ସହ ଆଧାତ୍ମିକ ସମ୍ପର୍କ ବଜାୟ ପୂର୍ବକ ପୁଲାଫାଙ୍କିଆ କିଶୋରାବସ୍ଥା ପରିହାର କରି ଦାୟିତ୍ୱସଂପନ୍ନ ଯୁବକାବସ୍ଥା ହାସଲ କରିଥାଏ ବୋଲି ସେମାନଙ୍କର ବିଶ୍ୱାସ ରହି ଆସିଛି। ଏ ପ୍ରକାର ରୀତିନୀତି ପାଳନ ପାଇଁ ସେମାନଙ୍କର ‘ହୌସ ତାମ୍ବାରାନ୍ ?’ ନାମରେ ଏକ ଆଧାତ୍ମିକ ଗୃହ ରହିଥାଏ। ସେହି ନିର୍ଜନ ଗୃହରେ ଜଣେ ପ୍ରାପ୍ତବୟସ୍କ କିଶୋରକୁ ଦୀର୍ଘ ଦୁଇ ମାସ କାଳ ଏକାକୀ ରହିବାକୁ ଦିଆଯାଏ। ଏହାପରେ ସଂପୃକ୍ତ କିଶୋରକୁ ଜଣେ ସ୍ୱୟଂସଂପୂର୍ଣ୍ଣ ମନୁଷ୍ୟରେ ପରିଣତ କରିବାର ରୂପାନ୍ତର ପ୍ରକ୍ରିୟା ଆରମ୍ଭ ହୋଇଥାଏ। ସେଥିପାଇଁ ଜଣେ ପ୍ରବୀଣ ଚର୍ମକଟାଳି ଏକ ଧାରୁଆ ବାଉଁଶ ପାତରେ ସଂପୃକ୍ତ ଯୁବକଙ୍କ ପିଠି ସାରା କାଟି ଦାଗ କରିଥା'ନ୍ତି। ସେ ଚର୍ମ କାଟିବାରେ ଏପରି କୌଶଳ ଅବଲମ୍ବନ କରିଥା'ନ୍ତି ଯେପରି ଶରୀରର କଟାହୋଇଥିବା ସ୍ଥାନ ଏକ କୁମ୍ଭୀରର ଚମଡ଼ା ପରି ଦେଖାଯାଇଥାଏ। ସେମାନଙ୍କର ଧାରଣା, କୁମ୍ଭୀର ହେଉଛି ମନୁଷ୍ୟର ସୃଷ୍ଟିକର୍ତ୍ତା। ସୁତରାଂ ପିଠି ସାରା ରହିଥିବା ଏପରି ଦାଗ ସତେ ଯେପରି ସଂପୃକ୍ତ ଶରୀରରେ କୁମ୍ଭୀରର ଆତ୍ମା ଯଥୋଚିତ ଆଘାତ କରି କିଶୋରାବସ୍ଥାର ଚଗଲାମିକୁ ନଷ୍ଟ କରି ଦେଇ ତାହାକୁ ଜଣେ ଦାୟିତ୍ୱବାନ ଯୁବକରେ ପରିଣତ କରିଛି। ଏହି ପରମ୍ପରା ପାଳନ ବେଳେ ପଡ଼ି ରହିଥିବା ଯୁବକ ଜଣକ ରକ୍ତ ଜୁଡୁବୁଡୁ ହୋଇ ଚିତ୍କାର କରୁଥିଲେ ହେଁ ଏପରି ପ୍ରଥାକୁ ଆପଣେଇବାରେ ଗର୍ବ ଅନୁଭବ କରିଥାଏ।

# ଦୋଛକିରେ କିଆରା



କିଆରା ଆଡଓ୍ୱାନୀ ଦୋଛକିରେ ପଡିଯାଇଛନ୍ତି। ତାଙ୍କ ପାଇଁ ପରିସ୍ଥିତି ଏଣୁ ମାରିଲେ ଗୋହତ୍ୟା ତେଣୁ ମାରିଲେ ବ୍ରହ୍ମ ହତ୍ୟା ପରି ହୋଇଛି। କଥା କଣ କି, ନିକଟରେ ଏକ ନୂଆ ସିନେମାରେ ଅଭିନୟ କରିବାକୁ ତାଙ୍କର ଅଫର ମିଳିଛି। ଏହାର କାହାଣି ପୁଣି ସେଥିରେ ନିଜ ଭୂମିକାକୁ ନେଇ ବେଶ୍ ଖୁସି ଅଛନ୍ତି କିଆରା। ହେଲେ ତା ଭିତରେ ଟିକେ କେଁ ରହିଯାଇଛି। ଏଥିରେ ତାଙ୍କୁ କେତୋଟି ବୋଲ୍ଡ ଶଟ୍ ଦେବାକୁ ପଡିବ। ବାସ୍ ସେଥିପାଇଁ ତାଙ୍କର ଟେନସନ୍ ବଢ଼ିଯାଇଛି। ଏ ନେଇ କିଆରା  କହନ୍ତି, ଏହି ନୂଆ ଫିଲ୍ମର କାହାଣୀ ଏବଂ ମୋ ଭୂମିକା କେହି କାହାକୁ କମ୍ ନୁହେଁ। ହେଲେ ଏଥିରେ ମୋତେ ଯେଉଁ ବୋଲ୍ଡ ଶଟ୍ ଦେବାକୁ କୁହାଯାଉଛି ତାହା ମୋ ପାଇଁ ଟେନସନ୍ ବଢ଼ାଇଦେଇଛି। ମୁଁ ଯେତିକି ବୁଝିଛି, ଏପରି ସିନ୍‌ର କାହାଣୀ ସହ ସେପରି ସଂଯୋଗ ନାହିଁ। ହେଲେ ଯଦି ମୁଁ ମନା କରିବି ତେବେ ଭଲ ସୁଯୋଗଟିଏ ହାତରୁ ଖସିଯିବ। ତେଣୁ ମୁଁ କଣ କରିବି କିଛି ଜାଣିପାରୁନାହିଁ। ତଥାପି ଏଥିପାଇଁ ମୁଁ କିଛି ଦିନ ସମୟ ଚାହିଁଛି ଓ ପ୍ରଯୋଜକ ସେ ନେଇ ରାଜି ଅଛନ୍ତି। ଯାହା ହେଲେ ବି ମୋତେ କିଛି ଫାଇନାଲ କରିବାକୁ ପଡିବ। ସେପଟେ ଶୁଣିବାକୁ ମିଳୁଛି ଏପରି ସିନ୍ ପାଇଁ କିଆରା

## ଷୋହଳ ପହର ନାମ ଯଜ୍ଞ ପାଇଁ ଶୁଭଖମ୍ବ ସ୍ଥାପନ



କର୍ଲାମୁଣ୍ଡା ୮/୪(ନି.ପ୍ର): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରିଷିଡା ସ୍ଥିତ ମାଁ ତାରିଣୀ ଅଷ୍ଟ ଚଣ୍ଡୀ ଶୈବ ଶକ୍ତି ପୀଠରେ ୧୪ ତମ ଝାମୁଯାତ୍ରା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ମାଁ ଙ୍କ ମନ୍ଦିର ସାମ୍ନାରେ ଷୋହଳ ପହର ବିଧିବଦ୍ଧ ଭାବେ ଭଜନ ସଂକୀର୍ତ୍ତନ ସହିତ ନାମ ଯଜ୍ଞ ପାଇଁ ସୋମବାର ଶୁଭଖମ୍ବ ସ୍ଥାପନ କରାଯାଇଛି। କାର୍ଯ୍ୟକ୍ରମରେ ଶକ୍ତି ମନ୍ଦିର ପରିଚାଳନା କମିଟି ସଭାପତି କୈଳାସ କୁମୁରା ସଂପାଦକ ସୁଶାନ୍ତ ମଲ୍ଲିକ, ସେବାୟତ ମହେନ୍ଦ୍ର ପ୍ରଧାନୀ, ଶେଷଦେବ ରଣା , ହୃଦାନନ୍ଦ ମଲ୍ଲିକ, ମହିମା ରଣା ପ୍ରଶନ୍ନ ରଣା, ରଞ୍ଜନ ରଣା,ହରି ବାରିକ, ରାଧେଶ୍ୟାମ ପଟ୍ଟନାୟକ, ବୃହସ୍ପତି ରଣା,ମଥୁରାମ ରଣା, ଫୋଟୋ ରଣା,ତାରା ଭୋଇ, କୁନି ଭୋଇ,ଲେଭା ଭୋଇ,ନାମ ଗ୍ରାମ କମିଟି ସଭାପତି ନନ୍ଦକିଶୋର ରଣା,ନାମଯଜ୍ଞ କର୍ତ୍ତା ଦାୟିତ୍ୱରେ କୈଶଲ୍ୟା ରଣା ଜନକ ରଣା, ପୂଜକ ରୁଦ୍ରମଣି ଦାସଙ୍କ ସମେତ ଗ୍ରାମର ବୁଦ୍ଧିଜୀବିମାନେ ଉପସ୍ଥିତ ରହି ଯାତ୍ରାର ବିଭାଗ ଶାନ୍ତିଶୃଙ୍ଖଳା ଏବଂ ଅନ୍ୟାନ୍ୟ ଦାୟିତ୍ୱ ନେଇଥିଲେ। ପ୍ରଥମ ଦିନ ଦେବୀଙ୍କ ନଗର ପରିକ୍ରମା ଛତରଯାତ୍ରା, ଦ୍ୱିତୀୟ ଦିବସରେ ଝାମୁଯାତ୍ରା, ତୃତୀୟ ଦିବସରେ ହନୁମାନ ଜୟନ୍ତି ଏବଂ ଚତୁର୍ଥ, ପଞ୍ଚମ ଷଷ୍ଠ ଦିବସରେ ନାମଯଜ୍ଞ ମହାସମାରୋହରେ ଉତ୍ସବ ଆସନ୍ତା ୧୦ ରୁ ୧୭ ତାରିଖ ପର୍ଯ୍ୟନ୍ତ ପାଳନ ହେବ। ଯାତ୍ରା ଆକର୍ଷଣୀୟ ପାଇଁ ମିନାବଜାର ରହିଥିବା ଜଣାଯାଇଛି।

## ଦଣ୍ଡଯାତ୍ରା ପାଇଁ ଚିକିଟୀ ଅଞ୍ଚଳ ଉତ୍ସବ ମୁଖର, ଚିକିଟୀ



ଚିକିଟୀ ୮/୪(ନି.ପ୍ର): ଗଞ୍ଜାମ ଜିଲ୍ଲା ର ଗଣ ପର୍ବ ପ୍ରସିଦ୍ଧ ଦଣ୍ଡ ନାଚ ଯୋଗୁଁ ଚିକିଟୀ ଅଞ୍ଚଳ ଉତ୍ସବ ମୁଖର ସହ ଚଳଚଞ୍ଚଳ ହୋଇଉଠିଛି । ଅଞ୍ଚଳର କେଉଁଠି ନା କେଉଁଠି ଦଣ୍ଡଯାତ୍ରା ଯୋଗୁଁ ବିଭିନ୍ନ ଦଣ୍ଡଦଳର ନଗର ଭ୍ରମଣ କାଳରେ ପ୍ରତ୍ୟେକ ଘର ସମ୍ମୁଖରେ କୁମ୍ଭ ସ୍ଥାପନ ସାଙ୍ଗକୁ ପାହାଡା ପକାଇ ମା ଦଣ୍ଡକାଳୀ ଙ୍କ ଆଶୀର୍ବାଦ ଝୁଣାର ମହକ ଏବଂ ଢୋଲ ବାଦ୍ୟର ଶବ୍ଦରେ ଗଗନ ପବନ ପ୍ରକମ୍ପିତ ହୋଇ ଏକ ଉତ୍ସବ ମୁଖର ପରିବେଶ ସୃଷ୍ଟି କରୁଛି । ଦଣ୍ଡୁଆଙ୍କ ଧୂଳିଦଣ୍ଡ, ଜଳଦଣ୍ଡ, ଅଗ୍ନିଦଣ୍ଡ ଓ ପରଭା ନୃତ୍ୟ ଶ୍ରଦ୍ଧାଳୁଙ୍କୁ ଏକ ଭାବବିହ୍ୱଳ ବାତାବରଣ ମଧ୍ୟକୁ ଟାଣି ନେଉଛି । ଏଥି ସହ ରାତ୍ରିକାଳୀନ ସାଂସ୍କୃତିକ କାର୍ଯ୍ୟକ୍ରମ ଲୋକଙ୍କୁ ମନୋରଞ୍ଜନର ଖୋରାକ ଯୋଗାଉଛି । ଏହି ପରିପେକ୍ଷୀ ରେ ଆଜି ଚିକିଟୀ ବଜ୍ଜି ବଜାର ଠାରେ ମୁକ୍ତେଶ୍ୱର ଯୁବକ ସଙ୍ଘ ପକ୍ଷରୁ ପାଟପୁର ସ୍ଥିତ ଦଣ୍ଡ ନାଚ ଅନୁଷ୍ଠିତ ହୋଇଥବା ବେଳେ ବ୍ରହ୍ମା ନଗର ଠାରେ ମାନସିକ ଧାରୀଙ୍କ ଦାଣ୍ଡରେ ଏହି ଦଣ୍ଡ ଯାତ୍ରା ଅନୁଷ୍ଠିତ ହୋଇଛି ।ସେହିପରି ଏନ ଏ ସି ମାର୍କେଟ ଠାରେ ସମରଝୋଳ ସ୍ଥିତ ପ୍ରାୟ ଛଅ ସହ ଦଣ୍ଡୁଆ ଙ୍କୁ ନେଇ ଅଞ୍ଚଳର ବଡ଼ ଦଣ୍ଡ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଅଞ୍ଚଳରେ ଆସନ୍ତା ୧୩ତାରିଖ ପର୍ଯ୍ୟନ୍ତ ଏହି ଦଣ୍ଡଯାତ୍ରା କାର୍ଯ୍ୟକ୍ରମ ରହିଥିବା ବେଳେ ପ୍ରତି ସାହି ଗଳି ସାଙ୍ଗକୁ ମୁଖ୍ୟ ରାସ୍ତାରେ ବାନା ବାଡି ତୋରଣ ପୋଷ୍ଟର ବନ୍ଧା ହୋଇଥିବା ଦେଖିବାକୁ ମିଳୁଛି ।ସନ୍ଧ୍ୟା ଆଳତି ଦର୍ଶନ ସକାଶେ ଅଞ୍ଚଳ ର ବହୁ ଭକ୍ତ ଙ୍କ ଜନ ସମାଗମ ସାଙ୍ଗକୁ ଜୟ ମା ରୁଦ୍ର କାଳୀ ଧ୍ୱନି ରେ ଅଞ୍ଚଳ ପ୍ରକମ୍ପିତ ହେବା ସାଙ୍ଗକୁ ସାରା ଅଞ୍ଚଳ ରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି ।ମାନସିକ ଧାରୀ ଦଣ୍ଡୁଆ ମାନେ ନିଷ୍ଠା ର ସହ ଏହି ଗଣ ପର୍ବ କୁ ପାଳନ କରିଥାନ୍ତି କାରଣ ନିଷ୍ଠାର ସହ ଏହାକୁ ପାଳନ କଲେ ମନସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି ବିଶ୍ୱାସ ରହିଛି । ତେବେ ଏହି ପାରମ୍ପରିକ ଦଣ୍ଡଯାତ୍ରା ଅବସରରେ ଅଞ୍ଚଳର ବିଭିନ୍ନ ଲୋକକଳାର ଛବି ପ୍ରତିଫଳିତ ହେଉଥିବା ଦେଖିବାକୁ ମିଳୁଛି ।

# ମୁନିଗୁଡାରେ ଶ୍ରୀରାମ ନବମୀ ଉପଲକ୍ଷେ ବଜରଙ୍ଗ ଦଳର ଶୋଭାଯାତ୍ରା

ମୁନିଗୁଡା ୮/୪(ନି.ପ୍ର): ଚୈତ୍ର ଶୁକ୍ଳପକ୍ଷ ନବମୀ ତିଥିର ଆଜିର ଦିନରେ ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମ ଚନ୍ଦ୍ର ଜନ୍ମ ଗ୍ରହଣ କରିଥିଲେ।ଏହି ପରିପ୍ରେକ୍ଷୀରେ ମୁନିଗୁଡାର ଶ୍ରୀରାମ ମନ୍ଦିର ସହ ବିଭିନ୍ନ ହନୁମାନ ମନ୍ଦିରରେ ଶ୍ରୀରାମ ନବମୀ ଉପଲକ୍ଷେ ବୈଦିକ ରୀତିନୀତି ଅନୁସାରେ ଦିନ ତମାମ ରାମନାମ ସଂକୀର୍ତନ,ହୋମଯଜ୍ଞ ସହ ପୂଜାର୍ଚ୍ଚନା କରାଯାଇଛି। ପ୍ରଭାତରେ ମୁନିଗୁଡାର ମୁଖ୍ୟ ରାସ୍ତା ସହ ବିଭିନ୍ନ ସାହି ମାନଙ୍କରେ ଶ୍ରୀରାମଙ୍କ ପବିତ୍ର ଧ୍ୱଜା ବାନ୍ଧିବା ସହ ମନ୍ଦିର ପରିସର ସଫେଇ କରାଯାଇଥିଲା। ପରେ ଅପରାହ୍ନରେ ସ୍ଥାନୀୟ ମୁନିଖୋଲସ୍ଥିତ ହନୁମାନ ବାଟିକାରେ ପୂଜାର୍ଚ୍ଚନା ସହ ସେଠାରୁ ଏକ ବଡ଼ ପଟୁଆରରେ ସଂକୀର୍ତନ ମଣ୍ଡଳୀ ମାନଙ୍କ ସହ ଶତାଧିକ ବାଜରଙ୍ଗୀ,ମାତୃଶକ୍ତି ଓ ଯୁବଗୋଷ୍ଠୀ ଭକ୍ତମାନେ ହାତରେ ଶ୍ରୀରାମ ଓ ହନୁମାନଙ୍କ ଧ୍ୱଜା ଧରି ଏକ ବିଶାଳ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରି ଗୋବର୍ଦ୍ଧନସ୍ଥିତ ହନୁମାନ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲେ ।ମୀନାଝୁଲାର ପ୍ରସିଦ୍ଧ ସାଧୁବାବା ଜାନକାନନ୍ଦ ଗିରି ଉପସ୍ଥିତ ରହି ଶୋଭାଯାତ୍ରାର ଶୁଭାରମ୍ଭ କରିବା ସହ ରାମନବମୀ ଉତ୍ସବ ଓ ଶୋଭାଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହିତ ପାଳନ କରିବାକୁ ବଜରଙ୍ଗ ଦଳ କର୍ମୀ ମାନଙ୍କୁ ଆର୍ଗ ଦର୍ଶନ ଦେଇଥିଲେ ।ସେଠାରେ ସମସ୍ତ ଭକ୍ତ ମାନଙ୍କ ନିମନ୍ତେ ପ୍ରସାଦ ସେବନର ଆୟୋଜନ କରାଯାଇଥିଲା ।ଏହି ଭବ୍ୟ କାର୍ଯ୍ୟକ୍ରମରେ ମୁନିଗୁଡାର ବଜରଙ୍ଗ ଦଳ ପ୍ରମୁଖ ଶ୍ୱେତ ଦାସ,ଉପ ପ୍ରମୁଖ ସୁନ୍ଦର ରାଜୁ,ପଦ୍ମ ବେହେରା,ଭୀମ ବେହେରା, ସୁବାସ ଗୌଡ଼,ବାବୁଲି ମାଝୀ, ମନୋରଞ୍ଜନ ଦଳାଇ,କେ.ସତ୍ୟନାରାୟଣ ରାଓ, ସନ୍ତୋଷ ଗୌଡ଼, ଜଗନ୍ନାଥ ନୁନ୍ଧୁକା,ରଞ୍ଜନ ପାତ୍ର,ମନୋଜ ପାତ୍ର,ଦୁଃଖିଶ୍ୟାମ୍ ସୁବୁଦ୍ଧି,କାଳିଆ ଜୈନ,ନନ୍ଦକିଶୋର ପଟ୍ଟନାୟକ,ଭି.ଭାନୁପ୍ରସାଦ, କାଳିଆ ସାହୁ,ଟୁନା ମାର୍ଥା,ସୁଧାକର ପାତ୍ର,ସୁଧାକର ମହାରଣା,ଗଣେଶ ସେଠୀ, ହାଡ଼ିପା ଗୌଡ଼,ଲାଡ଼ି ଶଙ୍କର,କ୍ଷମା ସାଗର ଦାସ,ଉତ୍ତମ ଦାସ,ଗୋବିନ୍ଦ ଦାସ,ଆନନ୍ଦ ଚୌଧୁରୀ,ଚିନ୍ତାମଣି ସାହୁ,ଅଶ୍ୱିନୀ ବାରିକ,ଧନୁ କୁଶୁଲିଆ,ସନ୍ତୋଷ ପେଦୀନା, କୁମାର ରାଜୁ, ରାମକୃଷ୍ଣ ପାଣିଗ୍ରାହୀ, ଗୌରୀ ପାତ୍ର, ବି.ଉମାଶଙ୍କର ପାତ୍ର,ପି.ରାମବାବୁ,ମହିଳା ଶକ୍ତି ବ୍ଲକ୍ ପ୍ରମୁଖ ସନ୍ଧ୍ୟା ରାଣୀ ମଲ୍ଲିକଙ୍କ ସହ ମାତୃଶକ୍ତି ପ୍ରମୁଖଙ୍କ ସମେତ ବିଭିନ୍ନ ଅନୁଷ୍ଠାନର ସଦସ୍ୟ ମାନେ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। ମୁନିଗୁଡ଼ା ଆଇଆଇସି ସୌଦାମିନୀ ବେହେରାଙ୍କ ନେତୃତ୍ୱରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୋଲିସ ମୁତୟନ ହୋଇଥିଲେ।

## ରାମନବମୀ ଉତ୍ସବ ମହା ଆଡମ୍ବର ରେ ପାଳିତ

ଆଠମଲ୍ଲିକ ୮/୪(ନି.ପ୍ର): ଆଠମଲ୍ଲିକ ସହର ରେ ପୂର୍ବ ବର୍ଷ ଭଳି ଚଳିତ ବର୍ଷ ମଧ ଆନନ୍ଦ ଉଲ୍ଲାସ ର ସହିତ ରାମ ନବମୀ ଉତ୍ସବ ପାଳିତ ହୋଇ ଯାଇ ଅଛି । ବସ ଷ୍ଟାଣ୍ଡ ସ୍ଥିତ ହନୁମାନ ମନ୍ଦିର ରେ ଦିନ ତମାମ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ସନ୍ଧ୍ୟା ରେ ପ୍ରଭୁ ଶ୍ରୀରାମ ଙ୍କୁ ବିମାନ ରେ ବସାଇ ଏକ ବିରାଟ ପଟୁଆର ବାହାରି ସହର ପରିକ୍ରମା କରିଥିଲା କ୍ଷସମସ୍ତ ଯୁବକ ବୀର ହନୁମାନ ଓ ପ୍ରଭୁ ଶ୍ରୀରାମ ଙ୍କ ଫୋଟ ଥିବା ଧ୍ୱଜା ଧରି ଜୟ ଶ୍ରୀରାମ ଧ୍ୱନି ଦେଇ ମସଗୁଲ ରେ ନାଚି ଥିଲେ କ୍ଷ ଏହି ପଟୁ ଆର ରେ ଚଳିତ ବର୍ଷ ମୁଖ୍ୟ ଆକର୍ଷଣ ଥିଲା ଅଘୋରୀ ବାବା ନୃତ୍ୟ ପ୍ରଦର୍ଶନ କ୍ଷ ଅଘୋରୀ ବାବା ବାବଦ ରେ ପୂର୍ବରୁ ଘୋଷଣା ହୋଇଥିବାରୁ ସାରା ସହର ରେ ଅଘୋରୀ ବାବା ଙ୍କ ନୃତ୍ୟ ଦେଖିବା ପାଇଁ ଭିଡ଼ ଦେଖିବାକୁ ମିଳିଥିଲା କ୍ଷ ସକାଳୁ ହନୁମାନ ମନ୍ଦିରରେ ରେ ସ୍ୱତନ୍ତ୍ର ଭାବରେ ହୋମ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ରାମ ନବମୀ ପୂଜା କମିଟି ର ସଭାପତି ଶିବାଶିଷ ରାଉତ, ସମ୍ପାଦକ ସତ୍ୟବ୍ରତ ନାଏକ, ଉପସଭାପତି ନୂତନ ବେହେରା, କୋଷାଧକ୍ଷ ଯୁବରାଜ ବେହେରା, ସଭ୍ୟ ରଜତ ଗୁରୁ, ରାଜେନ୍ଦ୍ର ସିଂ ସାମନ୍ତ, ବିଷ୍ଣୁ ପ୍ରସାଦ ଷଡ଼ଙ୍ଗୀ, ଶ୍ରୀଧର ସ୍ୱାଇଁ, ଜିତେନ ବେହେରା, ଅବନୀ କୁମାର ପ୍ରଧାନ, ଦିନେଶ ବେହେରା, ଉମେଶ ବାଘ ଙ୍କ ସମେତ ସମସ୍ତ ସଭ୍ୟ ଉପସ୍ଥିତ ରହି ପରିଚାଳନା ରେ ସହଯୋଗ କରିଥିଲେ।

# ଶ୍ରୀ ଗୁରୁକୁଳ ଶିଷ୍ୟାର ବାର୍ଷିକ ସମାରୋହ ପୂର୍ଣ୍ଣକୁମ୍ଭ ଉଦଯାପିତ




ପାଟଣା ୮/୪(ନି.ପ୍ର): ଘଟଗାଁ ବ୍ଲକ ଅଞ୍ଚଳ ଢେଙ୍କିକୋଟସ୍ଥିତ ଶ୍ରୀ ଗୁରୁକୁଳ ଶିଷ୍ୟାର ବାର୍ଷିକ ସମାରୋହ ପୂର୍ଣ୍ଣକୁମ୍ଭ ଆଜି ସନ୍ଧ୍ୟାରେ ରଙ୍ଗାରଙ୍ଗ ପରିବେଶରେ ଅନୁଷ୍ଠିତ ହୋଇଛି । ଶିକ୍ଷକ ଧବଳେଶ୍ୱର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯକ୍ରମ ରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ସାଂସଦ ଅନନ୍ତ ନାୟକ ଙ୍କ ଧର୍ମ ପତ୍ନୀ ତଥା ବିଜେପି କାର୍ଯ୍ୟକାରିଣୀ ସଦସ୍ୟା ଲବଙ୍ଗଲତା ନାୟକ, ସମ୍ମାନିତ ଅତିଥି ବକ୍ତା ଭାବେ ଘଟଗାଁ ଏସ ଡି ପି ଓ ବିଜୟକୃଷ୍ଣ ମହାପାତ୍ର,ଶ୍ରୀ ଗୁରୁକୂଳ ର ମ୍ୟାନେଜିଂ ଟ୍ରଷ୍ଟି ସରୋଜ କୁମାର ସାହୁ , ସେବା ଫାଉଣ୍ଡେସନ ଅଧକ୍ଷ ଡକ୍ଟର ସତ୍ୟବ୍ରତ ସାହୁ, ସାନ୍ତରାପୁର ମକ୍ତବ ଶିକ୍ଷକ ଏସ କେ ମହମ୍ମଦ ଆଶ୍ରଫ ଅଲ୍ଲୀ, ସେବା ଫାଉଣ୍ଡେସନ ଟ୍ରଷ୍ଟ ନିରଞ୍ଜନ ବେଜ ପ୍ରମୁଖ ଯୋଗ ଦେଇଥିଲେ । ଆଜିର ଏକବିଂଶ ଶତାବ୍ଦୀର ଶିଶୁ ସମୟ ସହିତ ଆଗକୁ ବଢ଼ିବାକୁ ସେମାନଙ୍କର ଶିକ୍ଷାର ପ୍ରାଥମିକ ସୋପାନକୁ ମଜବୁତ୍ ଓ ଆକର୍ଷଣୀୟ କରିବା ପାଇଁ ଶିଶ୍ୟାର ଉଦ୍ୟମକୁ ମୁଖ୍ୟଅତିଥି ଶ୍ରୀମତୀ ନାୟକ ପ୍ରଶଂସା କରିବା ସହ ଶିକ୍ଷାୟତନର କ୍ରୀଡା ଓ ମେଧା ଅନ୍ୱେଷଣ ପ୍ରତିଯୋଗିତାର କୃତିତ୍ୱ ଧାରୀ କୋମଳମତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରିଥିଲେ । ଏହାଛଡ଼ା ଢେଙ୍କିକୋଟ ପଞ୍ଚାୟତ ଅଞ୍ଚଳର ୧୦ଜଣ ବରିଷ୍ଠ ନାଗରିକ ଙ୍କୁ ପୁଷ୍ପଗୁଚ୍ଛ ଓ ଉପାୟନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥି ବକ୍ତା ଗଣ ଛାତ୍ରଛାତ୍ରୀ ଓ ଅଭିଭାବକ ମାନଙ୍କୁ ଉଦବୋଧନ ଦେଇଥିଲେ । ଅଧକ୍ଷା ନିରୁପମା ଦାସ ବାର୍ଷିକେ ବିବରଣୀ ପାଠ କରିଥିବା ବେଳେ କାର୍ଯକ୍ରମ ରେ ନିର୍ଦ୍ଦେଶିକା ସୁଶାନ୍ତି ସାହୁ ସଭାପତିତ୍ୱ କରିଥିଲେ । ଶେଷରେ ଶିଷ୍ୟାର ରୁବିନା ପରିଡ଼ା , ଶୁଭଶ୍ରୀ ଶତପଥୀ , ଭଗ୍ୟଶ୍ରୀ ଆପଟ ,ଲିପିକା ସାହୁ ଓ ସବିତା ନାୟକ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା ।

# ନିଆଁ ରେ ୩ ବଖରା ଘର ପୋଡି ଛାର ଖାର, ଅଗ୍ନି ବିପନ୍ନ ପରିବାର କୁ ପକ୍କା ଘର ଯୋଗାଇ ଦେବାକୁ ଦାବୀ

ଅନଗୁଳ ୮/୪(ନି.ପ୍ର): ଅନଗୁଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ପାଇକ ସାହି ଗ୍ରାମପଞ୍ଚାୟତ ର ନଖରା ସାହି ର ନିରଞ୍ଜନ ସାହୁ ଙ୍କ ତିନି ବଖରା ଘର ନିଆଁ ଲାଗି ପାଉଁଶ ହୋଇଯାଇଛି। ଘରେ ରୋଷେଇ କରୁଥିବା ଚୁଲି ରୁ ନିଆଁ ଲାଗି ସମ୍ପୂର୍ଣ୍ଣ ଭାବେ ପୋଡି ନଷ୍ଟ ହୋଇ ଯାଇଛି। ଆଠମଲ୍ଲିକ ଦମକଳ ବାହିନୀ ଘଟଣା ସ୍ଥଳ ରେ ପହଂଚି ନିଆଁ କୁ ଆୟତ୍ତ କରିଥିଲା ।ଘଟଣା ସ୍ଥଳ ରେ ପାଇକ ସାହି ରାଜସ୍ୱ ଅନୁଧ୍ୟାନ ଅଧିକାରୀ ପହଁଚୀ କ୍ଷୟ କ୍ଷତି ଆକଳନ କରି ଥିବା ବେଳେ ଲକ୍ଷା ଧିକ ଟଙ୍କା ର ସମ୍ପତ୍ତି ନଷ୍ଟ ହୋଇ ଛି ବୋଲି ଅନୁମାନ କରାଯାଉଛି। ଘଟଣା ସ୍ଥଳ ରେ ସ୍ଥାନୀୟ ସରପଞ୍ଚ ନିରୋଜ କାନ୍ତ ସାହୁ ପହଂଚି ଅଗ୍ନି ବିପନ୍ନ ପରିବାର କୁ ପଞ୍ଚାୟତ ତରଫରୁ ରନ୍ଧା ଖାଦ୍ୟ ଯୋଗାଇବା ସହ ସମବେଦନା ଜଣାଇଛନ୍ତି। ନିରଞ୍ଜନ କୁ ଏକ ପକ୍କା ଗୃହ ଯୋଗାଇ ଦେବାକୁ ଗ୍ରାମ ବାସି ଦାବୀ ଜଣାଇ ଛନ୍ତି।

## କିଶୋର ନଗର ବ୍ଲକ ଅଫିସ ସମ୍ମୁଖରେ ବିକ୍ଷୋଭ

ଅନଗୁଳ ୮/୪(ନି.ପ୍ର):ଅନଗୁଳ ଜିଲ୍ଲା କିଶୋର ନଗର ବ୍ଲକ ସାମ୍ନା ରେ ଆଜି ୭ଦଫା ନେଇ ବିକ୍ଷୋଭ କରିଥିବା ର ଦେଖା ଦେଇଛି। ଆଜି କିଶୋର ନଗର ବ୍ଲକ ରେ ଜନ ଶୁଣାଣି ଶିବିର ଚାଲୁ ରହିଥିବା ବେଳେ ବିଭିନ୍ନ ମୌଳିକ ସମସ୍ୟା ର ସମାଧାନ ନିମନ୍ତେ ଅଞ୍ଚଳ ବାସି ବ୍ଲକ ସମ୍ମୁଖରେ ରେ ବିକ୍ଷୋଭ କରିବା ସହ କିଶୋର ନଗର କୁ ସମ୍ପୂର୍ଣ୍ଣ ବନ୍ଦ କରିଥିଲେ। ଅଞ୍ଚଳ ବାସି ଙ୍କ ମୁଖ୍ୟ ଦାବୀ ଗୁଡିକ ହେଲା ସାମ୍ବାଦିକ ଙ୍କ ଆକ୍ରମଣ , ନିକଟ ଟୋଲ ଟିକସ ଆଦାୟ କୁ ବିରୋଧ, ବେପରୁଆ ଗାଡି ଚାଳନା, ମଦ୍ୟପ ଗାଡି ଚାଳ କ ଙ୍କ ପ୍ରାଦୁର୍ଭାବ ବୃଦ୍ଧି, ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ କୁ ନେଇ ଅଞ୍ଚଳ ବାସି ବିକ୍ଷୋଭ ପ୍ରଦର୍ଶନ କରିଥିବା ଦେଖାଦେଇଛି।

## ତୋରାଣୀ ପୋଖରୀ ୨ ଘର ଭାଙ୍ଗିଲା ଗୋଠ ଛଡା ଦନ୍ତା

ପାଟଣା ୮/୪(ନି.ପ୍ର): ଜଢେଙ୍କିକୋଟ ବନକ୍ଷେତ୍ର ଅନ୍ତର୍ଗତ ତୋରାଣୀ ପୋଖରୀ ଗ୍ରାମରେ ଗତକାଲି ଏକ ଗୋଠ ଛଡା ଦନ୍ତା ପଶି ୨ ଟି ଘର ଭାଙ୍ଗି ଘରେ ଥିବା ଧାନ ଚାଉଳ ଖାଇ ଯାଇଛି ।ଦନ୍ତା ଆକ୍ରମଣ ରେ ମଧୁସୂଦନ ମୁଣ୍ଡା ଓ ସୁଶାନ୍ତ ମୁଣ୍ଡା ଙ୍କ ଘର ଭାଙ୍ଗି ଥିବା ଜଣାପଡିଛି ।ରାତି ତୋରାଣୀ ପୋଖରୀ ଗ୍ରାମରେ ଉପଦ୍ରବ ଜାରି ରଖିବା ପରେ ଆଜି ସକାଳୁ ଦନ୍ତାଟି ନରଣପୁର ଅଞ୍ଚଳ ନିମଘର ଜଙ୍ଗଲକୁ ଚାଲି ଯାଇଥିବା ଜଣାପଡିଛି ।ଢେଙ୍କିକୋଟ ବନପାଳ ନଗେନ୍ଦ୍ର କୁମାର ଜେନା ତୋରଣୀପୋଖରୀ ଗ୍ରାମକୁ ଯାଇ କ୍ଷୟକ୍ଷତି ର ଆକଳନ କରିଛନ୍ତି।

## ବାଲିଗୁଡାରେ ବିଜେପିର ୪୫ ତମ ସ୍ଥାପନା ଦିବସ ପାଳିତ: ଶ୍ରୀରାମ ନବମୀରେ ପଣା ବଣ୍ଟନ

ବାଲିଗୁଡା ୮/୪(ନି.ପ୍ର):ରାଷ୍ଟ୍ରବାଦୀ ବିଚାରକୁ ଆଧାର କରି ୧୯୮୦ ମସିହାରେ ଗଠନ ହୋଇଥିବା ଭାରତୀୟ ଜନତା ପାର୍ଟି(ବିଜେପି) ବାଲିଗୁଡା ପକ୍ଷରୁ ସ୍ଥାନୀୟ ଗାନ୍ଧୀ ଛକ ଠାରେ ୪୫ ତମ ସ୍ଥାପନା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଏକ ସଭାରେ ପୂର୍ବତନ ଜିଲ୍ଲା ସଭାପତି ଜଗନ୍ନାଥ ସାହୁ, ବ୍ଲକ ସାଂସଦ ପ୍ରତିନିଧି ରଞ୍ଜିତ କୁମାର ସାହୁ, ଏନଏସି ସାଂସଦ ପ୍ରତିନିଧି ଆଦିକନ୍ଦ ପଟ୍ଟନାୟକ, ନଗର ମଣ୍ଡଳ ସଭାପତି ମନୋଜ କୁମାର ରଥ, ସଞ୍ଜୟ କୁମାର ଦାସ, ଶୁଭାଶିଷ ମିଶ୍ର, ରଞ୍ଜିତ ଚୌଧୁରୀ, ଦିବାକର ସାହୁ ପ୍ରମୁଖ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ରହି ଦଳୀୟ ପତାକା ଉତ୍ତୋଳନ କରିବା ସହ ପାର୍ଟିର ପ୍ରତିଷ୍ଠାତା ସଭାପତି ଡ.ଶ୍ୟାମାପ୍ରସାଦ ମୁଖାର୍ଜୀ ଏବଂ ସାଧାରଣ ସଂପାଦକ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରି ବର୍ତ୍ତମାନ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର କାର୍ଯ୍ୟ କରୁଛି । ଆମର ଲକ୍ଷ୍ୟ ହେଉଛି ସମୃଦ୍ଧ ଓଡ଼ିଶା ଏବଂ ବିକଶିତ ଓଡ଼ିଶା ଗଠନ । ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ୨୦୪୭ରେ ବିକଶିତ ଭାରତ ଗଠନ କରିବା ପାଇଁ ଯେଉଁ ଲକ୍ଷ୍ୟ ରଖିଛନ୍ତି, ସେଥିରେ ଓଡ଼ିଶା ପ୍ରମୁଖ ଭୂମିକା ଗ୍ରହଣ କରିବ । ସେଥିପାଇଁ ଓଡ଼ିଶା ପ୍ରଦେଶର ବିଜେପି ସରକାର ନିରନ୍ତର ଭାବେ କାର୍ଯ୍ୟ କରିଚାଲିଛି। ଆଜି ବିଜେପି ସରକାର ଚାଷୀ, ଶ୍ରମିକ, ମହିଳା, ଯୁବକ, ଗରିବ, ପଛୁଆ ବର୍ଗର ଲୋକଙ୍କ କାମ କରୁଛି ବୋଲି ନିଜ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ ।ଏତଦ ବ୍ୟତୀତ ଦଳୀୟ ପତାକାକୁ କର୍ମୀ ମାନେ ନିଜ ନିଜ ଘର ଉପରେ ଲଗାଇବାକୁ ପରାମର୍ଶ ଦେଇଥିଲେ। ଶ୍ରୀରାମ ନବମୀ ଓ ପ୍ରତିଷ୍ଠା ଦିବସ ଅବସରରେ ଦିନ ତମାମ ପଣା ବଣ୍ଟନ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା କ୍ଷ ଏଥିରେ ହଜାର ହଜାର ଶ୍ରଦ୍ଧାଳୁ ଉପସ୍ଥିତ ରହି ପଣା ସେବନ କରିଥିଲେ।

# ଓଡ଼ାପଡ଼ା ତହସିଲ ପକ୍ଷରୁ ବେଆଇନ ବାଲିଘାଟ ଉପରେ ଚଢ଼ାଉ ୬ ହାଇୱା ଓ ୨ ଟି ହିଟାଜି ମେସିନ ଜବତ

ଓଡ଼ାପଡ଼ା/ହିନ୍ଦୋଳ ୮/୪(ନି.ପ୍ର): ଗତକାଲି ବିଳମ୍ବିତ ରାତ୍ରରେ ଓଡ଼ାପଡ଼ା ତହସିଲଦାର ଙ୍କ ନେତୃତ୍ୱରେ ପୋଡାପଡା ବାଲିଘାଟ ଉପରେ ଚଢ଼ାଉ କରି ୬ ଗୋଟି ହାୱାଇ ଟ୍ରକ ସହିତ ୨ ଗୋଟି ହିଟାଜି ମେସିନ ଜବତ କରିଥିବା ଜଣାପଡିଛି। ଉପଜିଲ୍ଲାପାଳ ଢ଼େଙ୍କାନାଳ ବିଭୁଧ ଗଡ଼ନାୟକ ଙ୍କ ନିର୍ଦ୍ଦେଶ କ୍ରମେ ଓଡ଼ାପଡ଼ା ତହସିଲଦାର ମନୋଜ କୁମାର ମାଝୀ ଙ୍କ ନେତୃତ୍ୱରେ ମୋଟଙ୍ଗା ଥାନା ଆଇ ଆଇ ସି ଦିପକ କୁମାର ଲେଙ୍କା ଖଣି ବିଭାଗ ଅଧିକାରୀ ଡମ୍ବରୁଧର ମହନ୍ତ ପୋଲିସ ଫୋର୍ସ ନେଇ ବିଳମ୍ବିତ ରାତ୍ରୀରେ ପୋଡାପଡା ବାଲିଘାଟ ଉପରେ ଚଢ଼ାଉ କରି ୬ ଟି ହାୱାଇ ଟ୍ରକ ଓ ୨ ଟି ହିଟାଜି ମେସିନ ଜବତ କରି ଥିବା ଜଣାପଡିଛି। ଏହି ଚଢାଉ ରେ ଦୁଇ ଜଣ ଡ୍ରାଇଭର ଦଣ୍ଡଧର ନାଏକ ୪୫ବର୍ଷ ଓ ଦିପକ ସାହୁ ୨୫ ବର୍ଷ ନାମକ ବ୍ୟକ୍ତି ଙ୍କୁ ମୋଟଙ୍ଗା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି ।ମୋଟଙ୍ଗା ପୋଲିସ ଏକ ମାମଲା ନଂ ୧୪୧/୨୫ ତା ୫,୪,୨୫ ରୁଜୁ କରି ତଦନ୍ତ ଚଳାଇଥିବା ଜଣାପଡିଛି ।ଅନ୍ୟ ମାନେ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିବା ଜଣାପଡିଛି। ଓଡ଼ାପଡ଼ା ତହସିଲ ଅନ୍ତର୍ଗତ କମଳାଙ୍ଗ ଠାରୁ ରସାସିଂହ ପର୍ଯ୍ୟନ୍ତ ବ୍ରାହ୍ମଣୀ ନଦୀ ରୁ ପ୍ରତ୍ୟେକ ଦିନ ହଜାର ହଜାର ଟ୍ରିପ ବାଲି ଚୋରା ଚାଲାଣ ହେଉଥିବା ଦେଖିବାକୁ ମିଳିଥାଏ। ଏହି ବାଲିଘାଟ ମଧ୍ୟରୁ କିଛି ନିଲାମ ହୋଇ ଥିବା ବେଳେ ଅନେକ ବାଲିଘାଟ କୁ ନିଲାମ ହୋଇ ନଥିବା ଜଣାପଡ଼ିଛି । ପ୍ରତ୍ୟେକ ବାଲିଘାଟ ରେ ରେ ଥିବା ଭେଣ୍ଡର ମାନେ ପ୍ରତ୍ୟେକ ଟ୍ରକ ରୁ ରୟାଲଟି ଅର୍ଥ ନେଉଛନ୍ତି କିନ୍ତୁ? ରୟାୟାଲଟି ପେପର ଦିଅନ୍ତି ନାହିଁ। ଫଳରେ ବାଲି ବୋଝେଇ କରି ନେଇ ଯିବା ବେଳେ ରାସ୍ତାରେ ଧରାପଡ଼ି ଜୋରିମାନା ସହିତ ଦଣ୍ଡ ଭୋଗୁଥିବା ଜଣାପଡିଛି। ପ୍ରତ୍ୟେକ ଦିନ ହଜାର ହଜାର ଟ୍ରିପ ବାଲି ଚୋରା ଚାଲାଣ ହେଉଥିଲେ ମଧ ସରକାରୀ ଖାତାକୁ ରାଜସ୍ୱ ନଜାଇ କୋଟି କୋଟି ଟଙ୍କା ରାଜସ୍ୱ ବାଲି ମାଫିଆ ଓ ପ୍ରଶାସନ ଅଧିକାରୀ ଙ୍କ ପକେଟ୍ କୁ ଯାଉଥିବା ଜଣାପଡିଛି। ମଝିରେ ମଝିରେ ପୋଲିସ ପ୍ରଶାସନ ଚଢ଼ାଉ କରି ଚୋରା ଚାଲାଣ କୁ ରୋକି ପାରୁନଥିବା ଜଣାପଡିଛି।

## ମିଳିପାରୁ ନାହିଁ କୃଷି ଋଣ ରବି ଋତୁ ରେ ଧାନ ଚାଷ କରି ଚାଷୀ ହନ୍ତସନ୍ତ

ପାଟଣା ୮/୪(ନି.ପ୍ର): ସାହାରପଡା ବ୍ଲକ ମହ୍ଲାରପଦା ପଞ୍ଚାୟତ ଅନ୍ତର୍ଗତ ବିନିଦା ଗ୍ରାମରେ ଉଠା ଜଳ ସେଚନ ପଏଣ୍ଟ ହେବା ପରେ ଆଜକୁ ପାଞ୍ଚ ବର୍ଷ ରୁ ଅଧିକ ସମୟ ହେବ ଚାଷୀ ମାନେ ରବି ଋତୁ ରେ ଧାନ ସହିତ ପନିପରିବା ଚାଷ କରି ଉପକୃତ ହୋଇ ଆସୁଛନ୍ତି । ମାତ୍ର ଚାଷ ପାଇଁ ଅର୍ଥ ସାଜିଛି ବାଧକ । ଖଜିରାପାଟ ଲ୍ୟାମ୍ପ ରୁ ଚାଷ ଋଣ ଆବେଦନ କରିଛନ୍ତି କିଛି ଚାଷୀ ଓ ସେମାନଙ୍କ ର ଋଣ ମଧ ମଂଜୁର ହୋଇଛି। କିନ୍ତୁ ଏମ ଡି ବ୍ୟାଙ୍କ ଏକାଉଣ୍ଟ କୁ ଟଙ୍କା ଛାଡୁ ନାହାନ୍ତି ବୋଲି ଅଭିଯୋଗ କରିଛନ୍ତି ବିନିଦା ଗ୍ରାମ ର ମହିଳା ଚାଷୀ ତୁଳସୀ ନାଏକ । ଏମ ଡି ପାଞ୍ଚ ଟି ଲ୍ୟାମ୍ପ୍ସ ଦାୟିତ୍ୱ ରେ ଥିବାରୁ ଠିକ ସମୟରେ ଋଣ ହୋଇ ପାରୁନଥିବା ଯୋଗୁ ବାରମ୍ବାର ଚାଷୀ ଲ୍ୟାମ୍ପ୍ସ ରୁ ବ୍ୟାଙ୍କ, ବ୍ୟାଙ୍କ ରୁ ଲ୍ୟାମ୍ପ୍ସ ଦୌଡ଼ି ଦୌଡ଼ି ନୟାନ୍ତ ହୋଇ ଗଲେଣି ।

## ନିମାପଡା ଅଞ୍ଚଳରେ ବିଭିନ୍ନ ଅନୁଷ୍ଠାନ ରେ ଶ୍ରୀରାମ ନବମୀ ଉତ୍ସବ ପାଳନ

ନିମାପଡା ୮/୪(ନି.ପ୍ର): ପୁରୀ ଜିଲ୍ଲା ନିମାପଡା ଅଞ୍ଚଳରେ ବିଭିନ୍ନ ମନ୍ଦିର ,ମଠ ମଣ୍ଡପ ରେ ଶ୍ରୀରାମଙ୍କ ରାମ ନବମୀ ଉତ୍ସବ ପାଳନ ହୋଇଯାଇଛି ।ସକାଳ ସମୟରୁ ସୂର୍ଯ୍ୟ ପୂଜା କରି ବିଶ୍ୱଶାନ୍ତି ପାଇଁ ମହାଯଜ୍ଞ ହୋଇଥିଲା । ପରେ ମହାଯଜ୍ଞ କରାଯାଇ ସନ୍ଧ୍ୟାରେ ପୂର୍ଣ୍ଣାହୁତି କରାଯାଇଥିଲା ।ଚାରିଛକ ଅଞ୍ଚଳରେ ଥିବା ନୂଆଗାଁ ଆତ୍ମାରାମ ଆଶ୍ରମ ପରିସରରେ ଥିବା ରାମ ମନ୍ଦିର ,ଓରପୋଟ ଜଗନ୍ନାଥ ମନ୍ଦିର ,ବାହାରଣା ଦାରୁ ପୀଠ ,କଣ୍ଟିଆ ସିଦ୍ଧ ମହାବୀର ଆଶ୍ରମ ,ସହିତ ବାହାରଣା ,ତୁଳସୀପୁର ,ଭୋଦର ,କଳାପାଞ୍ଚଣ ,ଛଣିଜଙ୍ଗ , ତମ୍ପାଳ ପ୍ରମୁଖ ପଞ୍ଚାୟତ ରେ ଧୁମଧାମରେ ଶ୍ରୀ ରାମଙ୍କ ରାମନବମୀ ପୂଜା ଉତ୍ସ୍ୱ ଅନୁଷ୍ଠିତ ହୋଇଯାଇଛି । ଭଜନ କୀର୍ତ୍ତନ ସାସ୍କୃତିକ କାର୍ଯ୍ୟକ୍ରମ ରେ ବିଭିନ୍ନ ମଠ ମନ୍ଦିର କଂମ୍ପି ଉଠି ଥିଲା।

## ସମାଜସେବା ସମର୍ପଣ - ତୃଷାର୍ତ୍ତଙ୍କୁ ଜଳଦାନ



ନିଶ୍ଚିନ୍ତକୋଇଲି ୮/୪(ନି.ପ୍ର): ପବିତ୍ର ଶ୍ରୀରାମ ନବମୀ ଅବସରରେ ନିଶ୍ଚିନ୍ତକୋଇଲି ଅଂଚଳରେ ଅବସ୍ଥିତ ବିଭିନ୍ନ ଶ୍ରୀରାମ ଓ ବଜରଙ୍ଗବଳି ମନ୍ଦିରରେ ପ୍ରବଳ ଭକ୍ତଙ୍କ ସମାଗମ ହୋଇଥାଏ । ଗ୍ରୀଷ୍ମ ପ୍ରବାହ ଓ ଗୁଳୁଗୁଳି ସମୟରେ ଭକ୍ତ ଓ ବଟୋଇମାନଙ୍କ ତୃଷା ନିବାରଣ ପାଇଁ ବଡକ୍ଷୀର ପଂଚାୟତର ସମାଜସେବା ସମର୍ପଣ ପକ୍ଷରୁ ତୃଷା□ଙ୍କୁ ଜଳଦାନ କରାଯାଇଛି । ସାଜସେବୀ ପ୍ରତାପ କୁମାର ସିଂହଙ୍କ ତତ୍ୱାବଧାନାରେ ଆୟୋଜିତ ଉକ୍ତ ଜଳଦାନ କେନ୍ଦ୍ରକୁ ମୁଖ୍ୟ ଅତିଥିଭାବେ ବଡକ୍ଷରା ଗ୍ରାମ ପଂଚାୟତ ସରପଂଚ ହିଂମାଶୁ ନାରାୟଣ ମଲ୍ଲ ଯୋଗଦେଇ ତୃଷାର୍ତ୍ତମାନଙ୍କୁ ଜଳ ପ୍ରଦାନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ବିଶିଷ୍ଟ ଅତିଥି ଭାବେ ଶିକ୍ଷାବିତ୍ ନରେନ୍ଦ୍ରନାଥ ସାହୁ, ସାମ୍ବାଦିକ ଜଗନ୍ନାଥ ପଣ୍ଡା, ସମାଜସେବୀ ସନ୍ତୋଷ କୁମାର ସ୍ୱାଇଁ, ସନ୍ତୋଷ ମହାପାତ୍ର, ମନୋଜ ସ୍ୱାଇଁ, ଇଲୁ ମହାପାତ୍ର, କେଶବ ସ୍ୱାଇଁ, ମହିଳା ସମାଜସେବୀ ଅମ୍ରିତା ସିଂହ, ଅଞ୍ଜନା ଶତପଥି ପ୍ରମୁଖ ଯୋଗଦେଇଥିଲେ। ବଡକ୍ଷୀର ବରଧାରୀ ଛକଠାରେ ଅନୁଷ୍ଠିତ ଏହି ଜଳଦାନ କାର୍ଯ୍ୟକ୍ରମକୁ ଭାଗ୍ୟଧର ରଣା, ପପୁନା ସେଠୀ, ଅଭିରାମ ଦାସ, ଅରୁନ୍ଧୋତି ଦାସ, ରଶ୍ମିରେଖା ମହାପାତ୍ର, ସବିତା ସାହୁ, କେତକୀ ବେହେରା, ସୁଲୋଚନା କଅଁର, ସୁହାସିନୀ ପଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

## ୧୫ କିଲୋ ଗଞ୍ଜାଇ ଜବତ ୨ ଗିରଫ

ଅନଗୁଳ ୮/୪(ନି.ପ୍ର): ଅନଗୁଳ ଜିଲ୍ଲା ଆଠମଲ୍ଲିକ ଅଞ୍ଚଳ ରୁ ୧୫କିଲୋ ଗଞ୍ଜେଇ ଆଠମଲ୍ଲିକ ପୋଲିସ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ଗିରଫ ୨ ବ୍ୟକ୍ତି ହେଲେ କିଆକଟା ଥାନା ଅଞ୍ଚଳ ର କୁମ୍ଭୀଆ ଗ୍ରାମର ରାମଜୀ ବାଦୀ ଏବଂ ସେହି ଗ୍ରାମ ର ଖିରୋଦ ବେହେରା ବୋଲି ସୂଚନା ମିଳିଛି। ଏୟାର ବାଗ ରେ ଭର୍ତ୍ତି ୨ ଜଣ ଗଞ୍ଜେଇ ଚାଲାଣ କରୁଥିବା ବିଶ୍ୱସ୍ତ ସୂତ୍ର ରୁ ପୋଲିସ ଖବର ପାଇ ଗଂଜେଇ ଧରି ଥିବା ୨ ଜଣ ନୂଆଗଡ ଛକ ନିକଟରେ ରେ ପୋଲିସ ପହଂଚି ସେହି ଦୁଇ ଜଣଙ୍କୁ ଧରିବାକୁ ସକ୍ଷମ ହୋଇଥିଲା। ସେମାନଙ୍କ ବିରୁଦ୍ଧରେ କେଶ ନଂ ଟ/୫ ୨୦(ଭ)(ସସ) ଏନ. ଡ଼ି. ପି. ଏସ ଧାରା ରେ ମାମଲା ରୁଜୁ କରିଛି ଆଠମଲ୍ଲିକ ପୋଲିସ।

# ସନାତନ ଧର୍ମର ସୁରକ୍ଷା ହିନ୍ଦୁ ସମାଜର ଲକ୍ଷ୍ୟ ହେଉ



ନିଶ୍ଚିନ୍ତକୋଇଲି ୮/୪(ନି.ପ୍ର): ଶ୍ରୀରାମନବମୀ ଅବସରରେ ବିଶ୍ୱହିନ୍ଦୁ ପରିଷଦ ଆହ୍ୱାନକ୍ରମେ ସନାତନ ଧର୍ମର ବିଭିନ୍ନ ହିନ୍ଦୁ ସଂଗଠନ ମିଳିତ ଉଦ୍ୟମରେ ମର୍ଯ୍ୟାଦାପୁରୁଷୋ□ମ ଶ୍ରୀରାମଚନ୍ଦ୍ରଙ୍କ ମହାନବମୀ ପାଳନ ଅବସରରେ କଟକ ଜିଲ୍ଲା ଜଗତପୁର ଗୋଲେଇଛକଠାରୁ ଏକ ଭବ୍ୟ ବିଶାଳ ଶ୍ରୀରାମ ଶୋଭାଯାତ୍ରା ଶୁଭାରମ୍ଭ ହୋଇ ନିଶ୍ଚିନ୍ତକୋଇଲି ବ୍ଲକ ସ୍ଥିତ କଟିକଟା ଅସୁରେଶ୍ୱର ବଜାରରେ ଅବସ୍ଥିତ ଶ୍ରୀରାମଙ୍କ ଭକ୍ତ ହନୁମାନ ମନ୍ଦିର ପରିସରରେ ଶେଷ ସମାପନ ହୋଇଯାଇଅଛି । ପ୍ରାରମ୍ଭରେ ସାଲେପୁର ଶ୍ରୀରାମ ସେବା ସମିତିର ସଦସ୍ୟ ରଶ୍ମିରଂଜନ ଲେଙ୍କା (ଲଲାଟଙ୍କ) ତତ୍ୱାବଧାନାରେ ବଜରଙ୍ଗ ଦଳର ସଦସ୍ୟଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମରେ ସନାତନ ଧର୍ମର ବିଭିନ୍ନ ହିନ୍ଦୁ ସଂଗଠନର ସଦସ୍ୟ ସଦସ୍ୟାମାନେ ଯୋଗଦେଇଥିଲେ । ଏହି ଶୋଭାଯାତ୍ରାକୁ ନିଶ୍ଚିନ୍ତକୋଇଲି ଶ୍ରୀରାମ ସେବା ସମିତି ସଦସ୍ୟ ଶ୍ରୀନିବାସ ନାୟକ ସ୍ଥାନୀୟ କୁଳିଆ ରଘୁନାଥଜୀଉ ମନ୍ଦିର ପାଖରୁ ଶୋଭାଯାତ୍ରାକୁ ସ୍ୱାଗତ କରିବା ସହ ନିଶ୍ଚିନ୍ତକୋଇଲି ଅଂଚଳର ବିଭିନ୍ନ ହିନ୍ଦୁ ସଂଗଠନର ସଦସ୍ୟସଦସ୍ୟା ଯୋଡି ହୋଇଥିଲେ । ନିଶ୍ଚିନ୍ତକୋଇଲି ତହସିଲ ଛକଠାରେ ଶ୍ରୀରାମ ଶ୍ରଦ୍ଧାଳୁ ମହିଳାମାନଙ୍କ ଦ୍ୱାରା ଶୋଭାଯାତ୍ରାକୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଶ୍ରୀରାମ ସେନା ସଦସ୍ୟ ସମୀର କୁମାର ସାମଲ, ପ୍ରଫୁଲ୍ଲ କୁମାର ମହାପାତ୍ର, ଆଇନଜୀବୀ ସ୍ମୃତିରଂଜନ ରାଉତ,ସୁଶାନ୍ତ ନାୟକ, ସ୍ୱାଗତିକା ନାୟକ, ହିନ୍ଦୁ ମହାସଂଘର ରାଜ୍ୟ ସଭାପତି ଶରତ କୁମାର ପରିଡା, ବଜରଙ୍ଗ ଦଳ ସଦସ୍ୟ ଅଞ୍ଜନ କୁମାର ସାହୁ, ତାପସ ମିଶ୍ର, ଅରବିନ୍ଦ ଭୋଇ, ଜୟରାମ ବେହେରା, ଭୀମସେନ ଦାସ, ମୃତ୍ୟୁଞ୍ଜୟ ଖୁ□ଆ, ମନୋରଂଜନ ମିଶ୍ର, ପ୍ରସନ୍ନ କୁମାର ମହାପାତ୍ର ,ଶ୍ରୀରାମ ଶ୍ରଦ୍ଧାଳୁ ଦୀନବନ୍ଧୁ ନାୟକ, ନାରାୟଣ ସେଠୀ, ଅମୂଲ୍ୟ ନାୟକ, ରଶ୍ମିରଂଜନ ରାଉତରାୟ, କମଳାକାନ୍ତ ପ୍ରଧାନ, ଯୋଗେନ୍ଦ୍ର ବାରିକ, ହରେକୃଷ୍ଣ ସାହୁ, କମଳାକାନ୍ତ ନାୟକ, ସନାତନ ଓଝା, ଅକ୍ଷୟ ସାମଲ, ସୁଶାନ୍ତ ସୁତାର, ନିରଞ୍ଜନ ଓଝା ପ୍ରମୁଖଙ୍କ ସମେତ ବହୁ ସଦସ୍ୟସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହି ଅବସରରେ ଶ୍ରୀରାମ ସେବା ସମିତି ପକ୍ଷରୁ କଟିକଟା ଛକଠାରେ ଏକ ଜଳଦାନ ଖୋଲାଯାଇ ବାଟୋଇମାନଙ୍କୁ ଜଳପ୍ରଦାନ କରାଯାଇଥିଲା । ନିଶ୍ଚିନ୍ତକୋଇଲି ଥାନା ଅଧିକାରୀ ଯୁଗୋଳ କିଶୋର ଦାସଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନାରେ ନିଶ୍ଚିନ୍ତକୋଇଲି ଥାନାର ପୋଲିସ ବାହିନୀ ଶୋଭାଯାତ୍ରାରେ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ ।

# ମହାନ ସଙ୍ଘ ପକ୍ଷରୁ ଯୋଗ ଉତ୍ସବ-୨୦୨୫

## (ଯୋଗ ହିଁ ସୁସ୍ଥ ଜୀବନ ପାଇଁ ଏକ ମାତ୍ର ଉପାୟ)

ବୁଗୁଡା ୮/୪(ନି.ପ୍ର): ବର୍ତ୍ତମାନ ବିଶ୍ୱ ରେ ଯେପରି ଦୃତ ଗତିରେ ବିଭିନ୍ନ ପ୍ରକାର ରୋଗ ବ୍ୟପୁଛି ଓ ସ୍ୱାସ୍ଥ୍ୟ ହାନି ଘଟୁଛି, ସେଥିରୁ ମୁକ୍ତି ପାଇବାକୁ ହେଲେ ଯୋଗ ହେଉଛି ଏକ ସରଳ ଉପାୟ। ଅତୀତରେ ଯୋଗ ଦ୍ୱାରା ମୁନି ଋଷି ମାନେ ଶହ ଶହ ବର୍ଷ ସୁସ୍ଥ ଜୀବନ ଯାପନ କରିପାରୁଥିଲେ। ବର୍ତ୍ତମାନ ଆମେ ଏଥିରୁ ଦୁରରେ ରହି ସାମାନ୍ୟ ରୋଗପାଇଁ ଔଷଧ ଉପରେ ନିର୍ଭର କରିଛେ। ବର୍ତ୍ତମାନ ମଧ୍ୟ ବହୁ କ୍ଷେତ୍ର ରେ ଆଧୁନିକ ଚିକିତ୍ସା ଫେଲ ହୁଏ, ସେଠି ଯୋଗ ଉପାୟ କାମ କରେ। ମାନ୍ୟବର ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ୟମରେ ସାରା ବିଶ୍ୱ ଯୋଗ ପ୍ରତି ଗୁରୁତ୍ୱ ଦେବା ଆରମ୍ଭ କରିଛି। ଭାରତରେ ଏହାର ବ୍ୟାପକ ପ୍ରଚାର ପ୍ରସାର ଓ ଜନ ସଚେତନତା ସୃଷ୍ଟି କରିବା ନିମନ୍ତେ ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ମୋରାଜୀ ଦେଶାଇ ଜାତୀୟ ଯୋଗ ପ୍ରତିଷ୍ଠାନ ପକ୍ଷରୁ ଶହେ ଦିନରେ ଶହେ ସହରରେ ଯୋଗ ପ୍ରୋଗ୍ରାମ ଆୟୋଜନ କରାଯାଉଅଛି। ଏହି ପରିପ୍ରେକ୍ଷୀରେ ଗଞ୍ଜାମ ଜିଲ୍ଲାରେ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମହାନ ସଙ୍ଘ ପକ୍ଷରୁ ରାଳବ ସ୍ଥିତ ସଂକଳ୍ପ ସେକେଣ୍ଡରୀ ସ୍କୁଲରେ ସାତ ଶହରୁ ଉର୍ଦ୍ଧ ଛାତ୍ର/ଛାତ୍ରୀ, ଶିକ୍ଷକ/ଶିକ୍ଷୟତ୍ରୀ, ସ୍ୱେଚ୍ଛାସେବୀ ଓ ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷଙ୍କୁ ନେଇ ଯୋଗ ଉତ୍ସବକୁ ଜାତୀୟ ସ୍ତରୀୟ ସୁସଂଗଠକ ତଥା ମହାନ ସଙ୍ଘର ସଭାପତି ବିଶିଷ୍ଟ ସମାଜସେବୀ ସୁଶାନ୍ତ କୁମାର ସାବତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ମଣିଷ ଯୋଗ ମାଧ୍ୟମରେ ସୁସ୍ଥ ରହିବା ସହ, ମାନସିକ ଶାନ୍ତି ପାଇବା ସହ ସ୍ମରଣ ଶକ୍ତି ବୃଦ୍ଧି




କରିପାରି ନିଜର ଭବିଷ୍ୟତ ଉଜ୍ଜ୍ୱଳ କରିପାରିବ। ଏଣୁ ଶିକ୍ଷାନୁଷ୍ଠାନରେ ନିୟମିତ ଯୋଗାଭ୍ୟାସ କରାଯିବା ସହ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ମଧ୍ୟ କର୍ମଚାରୀଙ୍କ ନିମନ୍ତେ ଯୋଗାଭ୍ୟାସ ବ୍ୟବସ୍ଥା କରାଯିବା ଆବଶ୍ୟକ ବୋଲି ସମାଜସେବୀ ଶ୍ରୀ ସାବତ ମତବ୍ୟକ୍ତ କରିଥିବା ସହ ମହାନ ସଙ୍ଘ ପକ୍ଷରୁ ଚଳିତ ବର୍ଷ ଯୋଗ ଉପରେ ବ୍ୟାପକ ପ୍ରଚାର ପ୍ରସାର କରାଯିବ ବୋଲି ସୂଚନା ଦେଇଥିଲେ। ଓଡିଶା ସରକାରଙ୍କ ଉଚ୍ଚ ମାଧ୍ୟମିକ ଉପ ସଚିବ ଡକ୍ଟର କୁଳମଣି ଓଝା, ଗଞ୍ଜାମ ଜିଲ୍ଲା ପରିଷଦ ଉପାଧକ୍ଷା ରାଜେଶ୍ୱରୀ ଦୋରା, ସଂକଳ୍ପ ବିଦ୍ୟାଳୟର ଅଧକ୍ଷ ଇ.ତେଜେଶ୍ୱର ରାଓ, ସାର୍ଥକ ରାଓ ପ୍ରମୁଖ ଅତିଥିଭାବେ ଯୋଗଦେଇ ଯୋଗର ଉପକାରିତା ଉପରେ ଆଲୋକପାତ କରିଥିବା ସହ କାର୍ଯ୍ୟକ୍ରମର ଉଚ୍ଚ ପ୍ରଶଂସା କରିଥିଲେ। ପୁରୀ ରାଧାକାନ୍ତ ମଠ ମହନ୍ତ ତଥା ବିଶିଷ୍ଟ ଯୋଗଗୁରୁ ସ୍ୱାମୀ କୃଷ୍ଣ ଗୋପାଳ ଦାଶ ବିଶିଷ୍ଟ ଅତିଥିଭାବେ ଯୋଗଦେଇ ଯୋଗର ଉପକାରିତା ବିଷୟରେ ପ୍ରକାଶ କରିବା ସହ ଯୋଗ ପ୍ରଶିକ୍ଷଣ ଦେଇଥିଲେ। ବିବେକାନନ୍ଦ ପ୍ରତିଷ୍ଠାନର ନୀଳକେଶ ବୋରଗୋହି, ଯୋଗ ଆଚାର୍ଯ୍ୟ ଟି ଅନିଲ କୁମାର, ଯୋଗ ଆଚାର୍ଯ୍ୟ ଗୋପାଳ କୃଷ୍ଣ ସାହୁ, ଯୋଗ ଆଚର୍ଯ୍ୟା ଟି ରାଧାରାଣୀ ପାତ୍ର ପ୍ରଶିକ୍ଷଣରେ ସହଯୋଗ କରିଥିଲେ। ପୂର୍ବରୁ ଯୋଗ ଉପରେ ଅନୁଷ୍ଠିତ ବିଭିନ୍ନ କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିବା ବେଳେ ଅତିଥି ଓ ଯୋଗ ଆଚାର୍ଯ୍ୟମାନଙ୍କୁ ସଭାପତି ଶ୍ରୀ ସାବତ ଅଙ୍ଗବସ୍ତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟର ଭାଇସ ପ୍ରିନସିପାଲ ସତ୍ୟନାରୟଣ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ବରିଷ୍ଟ ଶିକ୍ଷୟତ୍ରୀ ପ୍ରିୟଙ୍କା ପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ କ୍ଷ ସଙ୍ଘର ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ପାତ୍ର, ତପନ ପଣ୍ଡା, ମନରଞ୍ଜନ ପାଢ଼ୀ, ଅଖିଳେଶ ଦାଶ, ଲିପିକା ଜେନା, ଓ୍ୱାଇ ବୋନଜି ରାଓ, ଗଗନ କୁମାର ପାତ୍ର, ଘନଶ୍ୟାମ ସେଠୀ, କେ ପ୍ରଭା, ପି ଲକ୍ଷ୍ମୀ, ହରିକୃଷ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସାତ ଶହରୁ ଉର୍ଦ୍ଧ ପ୍ରତିନିଧି ଅଂଶଗ୍ରହଣ କରି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ।

## ମଙ୍ଗଳପୁର ରେ ଗୋଠ ଛଡା ଦନ୍ତା, ୨ ଘର ଭାଙ୍ଗିଲା



ପାଟଣା ୮/୪(ନି.ପ୍ର): ଏକ ଗୋଠ ଛଡା ଦନ୍ତା ଗତରାତି ୨ ଜଣଙ୍କ ଘର ଭାଙ୍ଗି ଥିବା ବେଳେ ଜଣକର ପାଚେରୀ ଭାଙ୍ଗି ଦେଇଛି ।ସୂଚନା ଅନୁସାରେ ଗୋଠ ଛଡା ଦନ୍ତା ଟି ରବିବାର ବିଳମ୍ବିତ ରାତିରେ ରାଇଡିହା ଗ୍ରାମର ଭୂପତି ନାଏକ,ଓ ମିରିଗିଖୋଜି ପଞ୍ଚାୟତ କଟାବେଡା ଗ୍ରାମ ଚଟିରିସାହିର ଶିରିଶ ମହାନ୍ତ ଙ୍କ ଘର କାନ୍ଥ ଭାଙ୍ଗି ଦେଇଥିବା ବେଳେ ଭଜହରି ମହାନ୍ତ ଙ୍କ ପାଚେରୀ ଭାଙ୍ଗି ଥିବା ବନପାଳ ଭୂପତି ସେଠୀ ସୂଚନା ଦେଇଛନ୍ତି ।ଏବେ ହାତୀଟି ପାଟଣା ବନାଞ୍ଚଳ ଅନ୍ତର୍ଗତ ପାଟଣା ସନ୍ନିକଟ ମଙ୍ଗଳପୁରରେ ଗୋଠ ଛଡା ଦନ୍ତା ପହଞ୍ଚିବା ପରେ ଗ୍ରାମରେ ଭୟର ବାତାବରଣ ସୃଷ୍ଟି ହୋଇଛି ।ସନ୍ଧ୍ୟା ସୁଦ୍ଧା ଏହି ଦନ୍ତା ଟି ପାଟନାଳୀ ସାହି ନିକଟରେ ଥିବା ଦେଖା ଯାଇଛି ।ଦନ୍ତା ଟି ଏହି ଗ୍ରାମ ଇଲାକାରେ ରହିବ କି ଅନ୍ୟତ୍ର ଚାଲିଯିବ ସେ ନେଇ ଗ୍ରାମବାସୀ ଚିନ୍ତାରେ ଅଛନ୍ତି ।ତେବେ ଏହି ଦନ୍ତାର ଚଳ ପ୍ରଚଳ ଉପରେ ନଜର ରଖା ଯାଇଥିବା ଓ ପାରା କର୍ମଚାରୀ ମାନେ ଏଥିପାଇଁ ନିୟୋଜିତ ଥିବା ବନପାଳ ପିଅନ ନାଏକ ସୂଚନା ଦେଇଛନ୍ତି ।

## ସପ୍ତମ ବାର୍ଷିକ ବାଇଦେଇ ମହୋତ୍ସବ ଉଦଯାପିତ

ନିମାପଡା ୮/୪(ନି.ପ୍ର): ପୁରୀ ଜିଲ୍ଲା ନିମାପଡା ବ୍ଲକ ତୁଳସୀପୁର ପଂଚାୟତ ଅମର ପ୍ରସାଦ ଠାରେ ଆୟୋଜିତ ହେଉଥିବା ସପ୍ତମ ବାର୍ଷିକ ମହୋତ୍ସବ ଓ ବିଶ୍ୱାଶାନ୍ତି ମହାଯଜ୍ଞ ଉଦଯାପିତ ହୋଇଯାଇଛି ।ଏହି ଉଦଯାପନୀ ମହୋତ୍ସବ ରେ ମୁଖ୍ୟ ଅତିଥି ଭାବେ ଅସ୍ତରଙ୍ଗ ବନ୍ୟାଞ୍ଚଳ ଅଧିକାରୀ ମୋନାଲିସା ମହାପାତ୍ର ସମ୍ମାନିତ ଅତିଥି ଭାବେ ମମତା ବିଶ୍ୱାଳ ଯୋଗଦେଇଥିଲେ । ଏହି ମହୋତ୍ସବ ରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦ୍ୱିଜ ବର ମୁଦୁଲି ସଭାପତିତ୍ୱ କରିଥିଲେ ।କାର୍ଯ୍ୟକ୍ରମ ଶେଷରେ ପ୍ରଶାସନିକ ଅଧିକାରୀ ମମତା ବିଶ୍ୱାଳ କୁ ଅନୁଷ୍ଠାନ ର କୃଷ୍ଣଚନ୍ଦ୍ର ସାହୁ ମାନପତ୍ର ଓ ଉତ୍ତୋରୀୟ ଦେଇ ସମ୍ମାନିତ କରିଥିବା ବେଳେ ମଞ୍ଚ ପରିଚାଳନା କରୁଥିବା ପ୍ରତାପ କୁମାର ରାଉତ ସହିତ ସହଯୋଗ କରିଥିବା ଭଲିଣ୍ଟିର ମାନଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା । ରଙ୍ଗା ରଙ୍ଗ ମେଲୋଡି କାର୍ଯ୍ୟକ୍ରମ ରେ ଅଭିନେତ୍ରୀ ସୂର୍ଯ୍ୟ ମୟୀ ଯୋଗଦେଇ ଦର୍ଶନଙ୍କ ମନକୁ ନାଚ ଗୀତରେ ମୁଗ୍ଧ କରିଥିଲେ ।

## ମଦ ମାଫିଆ ଙ୍କ ମାଡ଼ରେ ମହିଳା ଙ୍କ ମୁଣ୍ଡ ଫାଟିଲା

ପାଟଣା ୮/୪(ନି.ପ୍ର): ସାହାରପଡା ବ୍ଲକ ଅନ୍ତର୍ଗତ ସିଲିପଦା ଗ୍ରାମରେ ସରପଞ୍ଚ ଜୟନ୍ତୀ ମୁଣ୍ଡା ଙ୍କ ନେତୃତ୍ୱ ରେ ଗତକାଲି ଶତାଧିକ ମହିଳା ଗ୍ରାମରୁ ମଦ ଉଚ୍ଛେଦ ପାଇଁ ଏକ ଶୋଭାଯାତ୍ରା କରିବା ସହିତ ମଦ ବେପାରୀ ଙ୍କ ଘରୁ ମଦ ଜବଦ କରି ନଷ୍ଟ କରି ଦେଇଥିଲେ । ଆଉକିଛି ମଦ ବେପାରୀ ଘରେ ତାଲା ପକାଇଦେଇ ଘରୁ ଚାଲିଯାଇଥିଲେ । ସନ୍ଧ୍ୟା ସମୟରେ ଉଦୟପୁର କୁକୁଡ଼ିଆ ସାହି ର ଯଦୁମଣି ମହାନ୍ତ ନିଜ ଘରୁ କିଛି ବାଟରେ ଏକ ବିଲ ରେ ମଦ ବିକ୍ରି କରୁଥିବା ସମୟରେ ଗ୍ରାମର କିଛି ମହିଳା ମଦ ବୋତଲ ଗୁଡିକୁ ଜବଦ କରିବା ସମୟ ରେ ଏକ ବିୟର ବୋତଲ ରେ ଯଦୁମଣି ମହାନ୍ତ ସୁକାନ୍ତି ପାତ୍ର ନାମକ ଜଣେ ମହିଳା ଙ୍କ ମୁଣ୍ଡ କୁ ମାଡ କରିଥିଲେ । ଫଳରେ ସୁକାନ୍ତି ଙ୍କ ମୁଣ୍ଡ ରୁ ରକ୍ତ ବୋହି ଥିଲା । ସେହି ସମୟରେ ଯଦୁମଣି ଓ ତାଙ୍କ ପିତା ଭଗବାନ ମିଶି ମହିଳା ମାନଙ୍କୁ ଅଭଦ୍ର ଭାଷା ରେ ଗାଳି ଗୁଲଜ କରିଥିଲେ । ଅନ୍ୟ ମହିଳା ମାନେ ପାଟଣା ଥାନା କୁ ଫୋନ କରିଜଣାଇ ବାରୁ ପାଟଣା ଆଇ ଆଇ ସି ଙ୍କ ସହିତ ଏକ ଟିମ ଆସି ସୁକାନ୍ତି ପାତ୍ର କୁ ଡାକ୍ତର ଖାନା କୁ ନେଇ ମୁଣ୍ଡରେ ବେଣ୍ଡେଜ କରାଇ ଛାଡି ଦେଇଥିଲେ । ମାତ୍ର ମଦ ମାଫିଆ ନିର୍ଭୟ ରେ ବୁଲୁ ଥିବାରୁ ମହିଳା ମାନେ କ୍ଷୋଭ ପ୍ରକାଶ କରିଛନ୍ତି । ଗ୍ରାମରେ ୧୫ ରୁ ଅଧିକ ଚୋରା ମଦ ବେପାରୀ ମଦ ବିକ୍ରି କରୁଥବା ରୁ ଗ୍ରାମରେ ବିଶୃଙ୍ଖଳା ଲାଗି ରହିଛି । ଝିଅ ବୋହୁ ମାନେ ନିରାପଦରେ ବାହାରକୁ ବାହାରି ପାରୁ ନାହାନ୍ତି । ପାଟଣା ଆଇ ଆଇ ସି ମାନସ କୁମାର ମହାକୁଳ ଙ୍କୁ ଯୋଗାଯୋଗ କରାଯିବାରେ ଯଦୁମଣି ଙ୍କ ନାମରେ ନାମରେ ଏକ କେସ ରୁଜୁ ହୋଇଥିବା କହିଛନ୍ତି ମାମଲା ରୁଜୁ ହୋଇଥିବା ସୂଚନା ଦେଇଛନ୍ତି।

## ଅଜଣା ଗାଡ଼ି ଧକ୍କାରେ ଭାଙ୍ଗିଲା ବିଦ୍ୟୁତ ସବ ଷ୍ଟେସନ

ପାଟଣା ୮/୪(ନି.ପ୍ର):କେନ୍ଦୁଝର ଜିଲ୍ଲା ପାଟଣା ମୁଖ୍ୟାଳୟ ସ୍ଥିତ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ସମ୍ମୁଖରେ ଥିବା ବିଦ୍ୟୁତ ସ୍ୱଷ୍ଟେସନ ଖୁଣ୍ଟ କୁ ଗତ ରାତି ଏକ ଅଜଣା ଗାଡ଼ି ଧକ୍କା ଦେବାରୁ ତାହା ଭାଙ୍ଗି ଯାଇଛି ।ସୂଚନା ଅନୁଯାୟୀ ଗତକାଲି ବିଳମ୍ବିତ ରାତିରେ କୌଣସି ଏକ ଅଜଣା ଗାଡ଼ି ଆସି ଟ୍ରାନ୍ସଫର୍ମର ଖୁଣ୍ଟ କୁ ଧକ୍କା ଦେବାରୁ ଖୁଣ୍ଟଟି ଭାଙ୍ଗି ଯାଇଥିଲା। ଯାହାଫଳରେ ଟ୍ରାନ୍ସଫର୍ମର ଓ ଇଲେକ୍ଟ୍ରି ତାର ରାସ୍ତା ଆଡ଼କୁ ଝୁଲିପଡିଥିଲା। ଉଚ୍ଚ କ୍ଷମତା ସମ୍ପନ୍ନ ତାର ବିପଦ ପୂର୍ଣ୍ଣ ଅବସ୍ଥାରେ ଝୁଲି ରହିଥିବା ବେଳେ ବିଦ୍ୟୁତ୍ କର୍ମଚାରୀ ମାନେ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଏହାକୁ ସୁଧାରିବା ସହ ବିଦ୍ୟୁତ କାମ ମରାମତି କରାଯିବ ବୋଲି ସୂଚନା ଦେଇଛନ୍ତି।

## ଉଦଯାପିତ ହେଲା ଗ୍ରାମୀଣ ମହୋତ୍ସବ ଯୋଗ ଦେଲେ ପୂର୍ବତନ ବିଧାୟକ

ନିଆଳି ୮/୪(ନି.ପ୍ର):ନିଆଳୀ ତଥା ଓଡିଶା ର ଅଗ୍ରଣୀ ସ୍ୱେଚ୍ଛାସେବୀ ତଥା ଗାନ୍ଧିବାଦୀ ଅନୁଷ୍ଠାନ ଗ୍ରାମୀଣ ସେବକ ସମାଜ ଟ୍ରଷ୍ଟ ର ୧୯ ତମ ପ୍ରତିଷ୍ଠା ଦିବସ ଅବସରରେ ପଞ୍ଚ ଦିନ ବ୍ୟାପି ଗାନ୍ଧୀ ଯୁବ ଶିବିର ଏବଂ ଗ୍ରାମୀଣ ମହୋତ୍ସବ ୨୦୨୫ ଅନୁଷ୍ଠିତ ହୋଇ ଯାଇଛି. ପ୍ରଥମ ଦିବସ ରୁ ପଞ୍ଚମ ଦିବସ ଭିତରେ କୃଷିବିତ୍ ପ୍ରମୋଦ କୁମାର ମଲ୍ଲିକ,ସ୍ୱଦେଶ ଚନ୍ଦ୍ର ଦାସ ଏବଂ ସଞ୍ଜୟ ରାଉତରାୟ,ଦ୍ୱିତୀୟ ଦିବସ ରେ ବାବାଜୀ ଅମୃତାନନ୍ଦ ଦାଶ ମହାରାଜ, ନିଆଳୀ ତହସିଲଦାର ଶ୍ରୀ ଲିଲନ ପ୍ରସାଦ ସାହୁ, ନିଆଳୀ ଥାନା ଅଧିକାରୀ ବିଜୟ କୁମାର ମଲ୍ଲିକ ଇତିହାସ ବିଭାଗ ର ଅବସର ପ୍ରାପ୍ତ ପ୍ରାଧ୍ୟାପକ ପ୍ରଫେସର ଡ଼ ପ୍ରଶାନ୍ତ ପ୍ରଧାନ, ଓଡ଼ିଆ ଅଧ୍ୟାପକ ଡ଼ ବିରଂଚି କୁମାର ସାହୁ,ସଭାପତିତ୍ୱ କରିଥିଲେ ମୁଖ୍ୟ ଉପଦେଷ୍ଟା ପ୍ରଫେସର ଡ଼ ସେକ କଲ୍ଲୀମୁଲ୍ଲା,ତୃତୀୟ ଦିବସ ନାଇଜର ର କୂଳ ସଚ୍ଚି ପ୍ରଫେସର ଡ଼ ଅଭୟ କୁମାର ନାୟକ ଏସ ଭି ନିରତାର ର ନିର୍ଦ୍ଦେଶକ ପ୍ରଫେସର ଡ଼ ପତିତପାବନ ମହାନ୍ତି, ଓଡିଶା ସରକାର ଙ୍କ ଯୁଗ୍ମ ଶାସନ ସଚିବ ଡ଼ ସଂଗ୍ରାମ କେଶରୀ ସାମନ୍ତରାୟ, ବାବା ପର୍ଶୁରାମ ଦାଶ ମହାରାଜ ଅବଧୂତ ବାବା ଆଦିତ୍ୟ ଚରଣ ଦାଶ ମହାରାଜ ଏବଂ ସଭାପତିତ୍ୱ କରିଥିଲେ ବରିଷ୍ଠ ଗାନ୍ଧିବାଦୀ ପ୍ରଫେସର ଡ଼ ଧନଦାକାନ୍ତ ମିଶ୍ର, ଚତୁର୍ଥ ଦିବସ ପୂର୍ବତନ ଅର୍ଥରାଷ୍ଟ୍ର ମନ୍ତ୍ରୀ ଶ୍ରୀ ପଞ୍ଚାନନ କାନୁନଗୋ, ପୂର୍ବତନ ବିଧାୟକ ଶ୍ରୀ ରବୀନ୍ଦ୍ର ମଲ୍ଲିକ, କଂଗ୍ରେସ ମୁଖପାତ୍ର ତଥା ସୁସାହିତ୍ୟିକ ଅମୀୟ ପାଣ୍ଡ୍ୱ ଏବଂ ପଞ୍ଚମ ଦିବସ ରେ ନିଆଳୀ ତିନି ତିନି ଥର ବିଧାୟକ ହୋଇଥିବା ପ୍ରଫେସର ଡ଼ ପ୍ରମୋଦ କୁମାର ମଲ୍ଲିକ ଯୋଗ ଦେଇ ଥିଲେ ମୁଖ୍ୟ ବକ୍ତା ରୂପେ ନିଆଳୀ ପଞ୍ଚାୟତ ସମିତି ଅଧକ୍ଷ ଉମେଶ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦ ସଭ୍ୟା ଶ୍ରୀମତୀ ସୌଦାମିନୀ ମହାପାତ୍ର, ନିଆଳୀ ବ୍ଲକ ସରପଞ୍ଚ ସଂଘ ର ସଭାପତି ତ୍ରିନାଥ ମହାନ୍ତି, କସର୍ଦା ସରପଞ୍ଚ ତଥା ମହୋତ୍ସବ ଆବାହକ ସୁରେଶ ପଟ୍ଟନାୟକ, ଅନୁଷ୍ଠାନ ର ନିର୍ଦ୍ଦେଶକ କୃଷିବିତ୍ ପ୍ରମୋଦ କୁମାର ମଲ୍ଲିକ, ପ୍ରମୁଖ ଯୋଗ ଦେଇଥିଲେ ଅନୁଷ୍ଠାନ ର ସ୍ଥାୟୀ ସଭାପତି ପ୍ରସନ୍ନ ପାତ୍ରଙ୍କ ସଭାପତିତ୍ୱ କରିଥିବା ବେଳେ ସଭା ପରିଚାଳନା କରିଥିଲେ ଅନୁଷ୍ଠାନ ର ପ୍ରତିଷ୍ଠାତା ତଥା ଅଧକ୍ଷ ଯୁବ ସମାଜସେବୀ ସନ୍ତୋଷ କୁମାର ମାଝୀ ଏହି ଅବସରରେ ଦ୍ୱୀପାଞ୍ଜଳ ମହୋତ୍ସବ ଏବଂ ଶ୍ରୀ ନାରଦ



ମହୋତ୍ସବ ମଧ୍ୟ ଅନୁଷ୍ଠିତ ହୋଇଥିଲା ପୂଜ୍ୟପୂଜା ଏବଂ ଗୁରୁ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ନିଆଳୀ ର ସୁସାହିତ୍ୟିକ ମହାପାତ୍ର ନୀଳମଣି ସାହୁ ଙ୍କ ସ୍ମୃତି ଉଦେଶ୍ୟରେ ମହାପାତ୍ର ନୀଳମଣି ସାହୁ ସାହିତ୍ୟ ସମ୍ମାନ, ସ୍ୱର୍ଗତ ତ୍ରିଲୋଚନ କାନୁନଗୋ ଙ୍କ ସ୍ମୃତି ଉଦେଶ୍ୟରେ ଜ୍ଞାନଦୀପ ତ୍ରିଲୋଚନ କାନୁନଗୋ ଶିକ୍ଷା ସମ୍ମାନ, ସ୍ୱାଧୀନତା ସଂଗ୍ରାମୀ କସ୍ତୁରୀ ଚରଣ ମଲ୍ଲିକ ସେବା ସମ୍ମାନ, ସ୍ୱାଧୀନତା ସଂଗ୍ରାମୀ ନୀଳମଣି ପ୍ରଧାନ ସେବା ସମ୍ମାନ, ଗାୟକ କୁଳଭୂଷଣ ଘନ ଶ୍ୟାମ ନାୟକ ପାଲା ଶ୍ରୀ ସମ୍ମାନ, ଘନ କବି ସାହିତ୍ୟ ସମ୍ମାନ, ଦ୍ୱୀପାଞ୍ଜଳ କଳାକାର ସମ୍ମାନ ଶ୍ରୀ ନାରଦ ସମ୍ମାନ ଗ୍ରାମୀଣ ସେବା ସମ୍ମାନ ଗ୍ରାମୀଣ ଶିକ୍ଷା ସମ୍ମାନ ଏହିପରି ଅନେକ ବ୍ୟକ୍ତି ବିଶେଷ ଙ୍କୁ ମଞ୍ଚ ଉପରେ ସମ୍ମାନିତ କରାଯାଇଥିଲା ଗାନ୍ଧୀ ଦର୍ଶନ ଗାନ୍ଧୀବାଦ ଏବଂ ଅହିଂସା ର ବାର୍ତ୍ତା କୁ କିପରି ସାଧାରଣ ଲୋକେ ଗ୍ରହଣ କରିବେ ସେ ନେଇ ବକ୍ତା ମାନେ ମତ ପୋଷଣ କରିଥିଲେ ଏଥିରେ ଅନୁଷ୍ଠାନ ର ସହ ନିର୍ଦ୍ଦେଶକ ଲଲାଟେନ୍ଦୁ ସାହୁ, ଉପସଭାପତି ତଥା ପ୍ରେସ ୟୁନିଟ ନିଆଳୀ ର ସଭାପତି ସାମ୍ବାଦିକ ଦ୍ୱିଜବର ମହାପାତ୍ର, ସାଧାରଣ ସମ୍ପାଦକ ସୂର୍ଯ୍ୟକାନ୍ତ ମଲ୍ଲିକ ବାର୍ଷିକ ବିବରଣୀ ପାଠ ସହ ଧନ୍ୟବାଦ ପ୍ରଦାନ କରିଥିଲେ, ଉପାଧକ୍ଷ ଇଂ ଅବିନାଶ ମହାପାତ୍ର,କୋଷାଧକ୍ଷ ହେମନ୍ତ କୁମାର ମଲ୍ଲିକ,ପ୍ରେସ ୟୁନିଟ ର ସମ୍ପାଦକ ସାମ୍ବାଦିକ ସନ୍ଦୀପ ମଲ୍ଲିକ, ମହୋତ୍ସବ ର ସଂଯୋଜିକା ସୁଶ୍ରୀ ମୋନାଲିସା ମୁଦୁଲି, ମହିଳା ସମ୍ପାଦିକା ପାୟଲ ପ୍ରିୟ ଦର୍ଶନୀ ପରିଡା,ପ୍ରିୟଙ୍କା ସେନାପତି, ଇପିସିତା ମଲ୍ଲିକ ପ୍ରୀତି ପ୍ରଜ୍ଞା ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ ପ୍ରତ୍ୟେକ ଦିବସ ରେ ଅତିଥି ପରିଚୟ ଏବଂ ମଞ୍ଚ ପରିଚାଳନା କରିଥିଲେ ସାମ୍ବାଦିକ ସୁଶ୍ରୀ ସୋନାଲି ତ୍ରିପାଠୀ କାର୍ଯ୍ୟକ୍ରମ କୁ ପରିଚାଳନା କରୁଥିଲେ ଅନୁଷ୍ଠାନ ର ପ୍ରତିଷ୍ଠାତା ତଥା ଅଧକ୍ଷ ଯୁବ ସମାଜସେବୀ ସନ୍ତୋଷ କୁମାର ମାଝୀ ଏବଂ ପ୍ରତ୍ୟେକ ସନ୍ଧ୍ୟା ରେ ସାଂସ୍କୃତିକ କାର୍ଯ୍ୟକ୍ରମ ଲଲାଟେନ୍ଦୁ ସାହୁ କୁ ପରିଚାଳନା କରୁଥିଲେ ।

## ହିନ୍ଦୋଳ ବନବିଭାଗର ଜୋରଦାର ଚଢ଼ାଉ

### ୩ ଜନ୍ତୁ ଶିକାରୀଙ୍କ ସହ ବନ୍ଧୁକ, ବିସ୍ଫରକ ଜବତ



ଓଡ଼ପଡ଼ା/ହିନ୍ଦୋଳ ୮/୪(ନି.ପ୍ର):ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ବନ ବିଭାଗକୁ ମିଳିଲା ବଡ଼ ସଫଳତା.୩ ଜଣ ବନ୍ଧୁକ ଧରି ଶିକାରୀଙ୍କ ସହ ଦେଶୀ ବନ୍ଧୁକ, ବାହରା ବମ, ବିଦ୍ୟୁତ ତାର ସମେତ କଟରା ବହୁ ଜନ୍ତୁ ଶିକାର ସରଞ୍ଜାମକୁ ଜବତ କରାଯାଇଛି. ଆଜି ଏହାକୁ ନେଇ ହିନ୍ଦୋଳ ରେଞ୍ଜ ଅଫିରେ ଢେଙ୍କାନାଳ ଡ଼ିଏଫଓ ଏକ ପ୍ରେସ ମିଟ କରି ଏହି ସୂଚନା ଦେଇଛନ୍ତି. ଏମାନେ କ୍ରମାଗତ ଭାବେ ହିନ୍ଦୋଳ ଜଙ୍ଗଲରେ ଜନ୍ତୁ ଶିକାର କରନ୍ତି. ଗତ ଏକ ମାସ ମଧ୍ୟରେ ଜନ୍ତୁ ଶିକାର କରିବା ବେଳେ ଦୁଇ ଜଣ ଲୋକଙ୍କ ମୃତ୍ୟୁ ପରେ ଏବେ ଆକ୍ସନ ମୁଡ଼ରେ ବନ ବିଭାଗ ଅଧିକାରୀ. ଉଭୟ ପୋଲିସ ଏବଂ ବନ ବିଭାଗ ଅଧିକାରୀ ଙ୍କ ମୁଣ୍ଡ ବିନ୍ଧା ସୃଷ୍ଟି କରି ଏହି ଗ୍ୟାଙ୍ଗ କୁ ଏବେ ଧରିଇବାକୁ ହୋଇଛି ମାଷ୍ଟର ପ୍ଲାନ ବୋଲି ଆଜି ଏହି ସୂଚନା ଦେଛନ୍ତି ଜିଲ୍ଲା ବନ ଖଣ୍ଡ ଅଧିକାରୀ. ଆଜି ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିବା ଏହି ଶିକାରୀ ଏବଂ ବେଆଇନ ବନ୍ଧୁକ ଧରିଙ୍କ ମଧ୍ୟରେ ଅଛନ୍ତି ରମେଶ ଚନ୍ଦ୍ର ରାଉତ. ପୂର୍ଣ୍ଣ ଚନ୍ଦ୍ର ବେହେରା ଏବଂ ହାଡିବନ୍ଧୁ ବେହେରା ବୋଲି ସୂଚନା ମିଳୁଛି. ଏମାନଙ୍କ ଠାରୁ ଆହୁରି ମଧ୍ୟ ୪ କେଜି ବାହାରା ମାଂସ ମଧ୍ୟ ଜବତ କରାଯଇଛି. ଏମାନେ ଅର୍ଥ ଲୋଭରେ କ୍ରମାଗତ ଭାବେ ଏପରି ଜନ୍ତୁ ଶିକାର କରିବା ସହିତ ମାଂସ ବିକ୍ରି କରିଥାନ୍ତି. ଅନେକ ସମୟରେ ବିଦ୍ୟୁତ ତାର ବିଛାଇ ଜନ୍ତୁ ମାନଙ୍କୁ ସହ ବିଶାଳକାୟ ହାତୀ ମାନଙ୍କୁ ମାରି ଥାନ୍ତି ବୋଲି କୁହାଯାଉଛି। ତେବେ ଶିକାରୀଙ୍କ ବ୍ୟତୀତ ହାତୀ ଆକ୍ରମଣ ଜନିତ ସମସ୍ୟା ପାଇଁ ହନ୍ତସନ୍ତ ହିନ୍ଦୋଳ ଜନସାଧାରଣ କହିଛନ୍ତି ବନବିଭାଗ ଆହୁରି କ୍ରିୟାଶୀଳ ଓ ଦାୟିତ୍ୱସମ୍ପର୍ଣ୍ଣ ହେବା ଦରକାର

## ଓଡିଶା ଆଦର୍ଶ ବିଦ୍ୟାଳୟ ତୃତୀୟ ବାର୍ଷିକ ଉତ୍ସବ ପାଳିତ




ବାଲିଗୁଡା ୮/୪(ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡା ଏନଏସି ଅନ୍ତର୍ଗତ ଦଣ୍ଡପଦର ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟର ତୃତୀୟ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ମହାସମାରୋହରେ ପାଳିତ ହୋଇଯାଇଛି । ଏଥିରେ ସ୍ଥାନୀୟ ତହସିଲଦାର ଦୀପ୍ତି ପ୍ରକାଶ ବେହେରା ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଫିରିଙ୍ଗିଆ ଓଡିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ କାହ୍ନୁ ଚରଣ ସାହୁ, ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ୍ୱର ମାଝୀ, ଆଦିବାସୀ ମହାବିଦ୍ୟାଳୟର ଅଧକ୍ଷ କାର୍ତିକ ଚନ୍ଦ୍ର ସି, ଗୋପବନ୍ଧୁ ତ୍ରିପାଠୀ, ପୁଷ୍ପରାଣୀ ବେହେରା ପ୍ରମୁଖ ଯୋଗ ଦେଇ ଦ୍ୱୀପ ଧୂପ ପ୍ରଜ୍ଜଳନ ପୂର୍ବକ ଆନୁଷ୍ଠାନିକ ଭାବେ ଉଦଘାଟନ କରି ଛାତ୍ରଛାତ୍ରୀଙ୍କୁ ମୋବାଇଲ ଠାରୁ ଦୁରେଇ ରଖି ଶୈକ୍ଷିକ ବାତାବରଣରେ ଶିକ୍ଷା ପ୍ରତି ଗୁରୁତ୍ୱ ଦେଇ ପାଠ ପଢିବା ପାଇଁ ପରାମର୍ଶ ଦେଇଥିଲେ । ପରେ ପରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା କ୍ଷ ବିଦ୍ୟାଳୟର ଅଧ୍ୟକ୍ଷା ଇତିଶ୍ରୀ ସାହୁ କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ। ଶେଷରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ ଓ ଅଭିଭାବକ ମାନେ ଯୋଗ ଦେଇ ପରିଚାଳନାରେ ସହଯୋଗ କରିଥିଲେ।

## ତେନ୍ତୁଳି ଖୁଣ୍ଟି ବ୍ଲକ ଅଞ୍ଚଳରେ ଚାଲିଛି ଆଇପିଏଲ ସଟ୍ଟା

ତେନ୍ତୁଳିଖୁଣ୍ଟି ୮/୪(ନି.ପ୍ର): କ୍ରିକେଟ ର ଭାରତୀୟ ସଂସ୍କରଣ ଆଇପିଏଲ ପାଇଁ ସବୁଆଡେ ଉକ୍ଣ୍ଠା ପ୍ରକାଶ ପାଇଛି। ଚଳିତ ମାସ ୨୨ରୁ ଆଇପିଏଲ ଆରମ୍ଭ ହୋଇଛି। ଏହି ଖେଳକୁ ନେ଼ଇ ପ୍ରତିଦିନ ଲକ୍ଷ ଲକ୍ଷ ଟଙ୍କା ଲାଗୁଥିବା ନେଇ ନବରଙ୍ଗପୁର ଜିଲ୍ଲା ତେନ୍ତୁଳି ଖୁଣ୍ଟି ବ୍ଲକ ଅଞ୍ଚଳରେ ଆଲୋଚନା ବିଷୟ ପାଲଟିଛି। ବିଗତ ଦିନରେ ଲୋକେ ଖେଳ ଗାଁ ଦାଣ୍ଡରେ ଦେଖି ମନ ରଂଜନ କରୁଥିଲେ। ଓ ପରବର୍ତ୍ତୀ ସମୟରେ ଏହା ସହ ହାଜର ଟଙ୍କାରେ ନଗଦ ରେ ବଜିଲଗେଇ ଖେଳ ଦେଖୁଥିଲେ ହେଲେ ଏବେ ଡିଜିଟାଲ ଯୁଗରେ ଅନଲାଇନ୍ ରେ ବାଜି ଲଗେଇବା ଗାଁ ଗହଳିରେ ଆରମ୍ଭ କଲେଣି ଯେ ଖେଳକୁ ନେଇ ପ୍ରଥମ ଓ ଭର ପ୍ରଥମ ବଲ ଠାରୁ ଶେଷ ଓଭର ପର୍ଯ୍ୟନ୍ତ ପ୍ରତି ରନ ପିଛା ଅନଲାଇନ୍ ବାଜି ଲାଗୁଛି। ତେନ୍ତୁଳି ଖୁଣ୍ଟି ବ୍ଲକ କଣେଅନୁ କଣେ ଆଇପିଏଲ ମାନିଆ ସୃଷ୍ଟି ହେଇଛି। ଏହାକୁ ନେଇ ଜରସର୍ ସଟ୍ଟା ବାଜି ଚାଲିଛି। ଏଥିପାଇଁ କିଛି ନିର୍ଦ୍ଦିଷ୍ଟ ଯୁବକ ବୁକୀ ସାଜିଛନ୍ତି। ମୁଖ୍ୟ ବୁକିଙ୍କୁ ଙ୍କୁ ନିର୍ଦ୍ଧାରିତ ଅର୍ଥ ଦେବାକୁ ପଡୁଛି। କିମ୍ବା ଅନଲାଇନ୍ ଆପରେ ଟଙ୍କା ଟ୍ରଂସମ୍ଫର କରାଯାଉଛି। ଉକ୍ତ ଆପ ମାଧ୍ୟମରେ କେଉଁ ମ୍ୟାଚ ରେ କେଉଁ ଦଳ ବିଜୟୀ ହେବ କେଉଁ ଓଭରେ କେତେ ରନ ହେବ ଆଦି ବାଜି ଲାଗୁଛି। ପ୍ରତି ଓଭାରେ ଚୌକା ଓ ଚକା ପାଇ ଡବଲ ବାଜି ଲଗିଥାଏ ଦୈନିକ ତେନ୍ତୁଳି ଖୁଣ୍ଟି ବ୍ଲକ ଅଞ୍ଚରେ ଲକ୍ଷାଧିକ ଟଙ୍କା ର ସଟ୍ଟା ବାଜି ଚାଲୁଥିବା ସକାଳ ରେ ଚା ଦୋକାନ ଓ ପାନଦକାନରେ ଚର୍ଚ୍ଚା ହେଉଥିବା ଶୁଣିବାକୁ ମିଳେ। ଅଞ୍ଚଳ ରେ କିଛି ବ୍ୟକ୍ତି ସହଜଗୀ ଙ୍କ ଜରିଆରେ ବେଧଡକ ଭାବେ ଆଇପିଏଲ କ୍ରିକେଟ ଜୁଆ ଖେଳ ଚଳାଇ ଛନ୍ତି। କାମ ସମୟରେ ଗୁପ୍ତ ଭାବେ ଅଧିକା ଟଙ୍କା ରୋଜଗାର ଲୋଭରେ ପଡି ଯୁବ ପିଢି ସର୍ବସ ହରାଉଛନ୍ତି । ସ୍ଥାନୀୟ ପୁଲିସ ପ୍ରଶାସନ ଆବଶ୍ୟକ ପଦକ୍ଷେପ ଗ୍ରହଣ ନ କଲେ ସ୍ଥାନୀୟ ଯୁବ ପୀଢ଼ି ବିପଥ ଗାମୀ ହେବା ନେଇ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ଏଥିପ୍ରତି ପୁଲିସ ପ୍ରଶାସନ ଆବଶ୍ୟକ ପଦକ୍ଷେପ ଗ୍ରହଣ ବାରିବାକୁ ସ୍ଥାନୀୟ ଅଞ୍ଚଳ ର ବୁଦ୍ଧିଜୀବି ମତ ପ୍ରକାଶ କରିଛନ୍ତି।

## ହରିଲାବେଢ଼ା ହାଟ ଛକରେ ଷ୍ଟ୍ରିଟ୍ ଲାଇଟ୍ ଆଲୋକ କେବେ ଲାଗିବ ?

ମୟୂରଭଞ୍ଜ ୮/୪(ନି.ପ୍ର):ମୟୂରଭଞ୍ଜ ଜିଲ୍ଲା ବାମନଘାଟୀ ଉପଖଣ୍ଡସ୍ଥ ପ୍ରାୟତଃ ଅଧିକାଂଶ ସ୍ଥାନରେ ଷ୍ଟ୍ରିଟ୍ ଲାଇଟ୍ ଲାଗିଥିବା ବେଳେ ଜାମଦା ବ୍ଲକ ର ତାଲଗାଁ - ଦୁମାଡ଼ିହି (ଗେରେନଗୋଲା)ଛକ ଓ ହରିଲାବେଢ଼ା ହାଟ ଛକରେ ଷ୍ଟ୍ରିଟ୍ ଲାଇଟ୍ ଲାଗିନଥିବାରୁ ଅଞ୍ଚଳରେ ଚୋରି ବଢ଼ିବାରେ ଲାଗିଛି ।ପ୍ରତ୍ୟେକ ଗାଁ କୁ ଆଲୋକିତ କରିବା ପାଇଁ ସରକାରୀ ଯୋଜନାନୁସାରେ ଗଳିକନ୍ଦି ସ୍ଥାନରେ ଏହି ଆଲୋକ ଲଗାଯାଉଛି ।ହେଲେ ବାମନଘାଟୀ ଜାମଦା ବ୍ଲକରେ ବହୁ ସ୍ଥାନକେ ଏହି ବ୍ୟବସ୍ଥାରୁ ଜନସାଧାରଣ ବଂଚିତ ହୋଇଛନ୍ତି ।ହରିଲାବେଢ଼ା ହାଟ ଛକରେ ଆଜି ପର୍ଯ୍ୟନ୍ତ ଷ୍ଟ୍ରିଟ୍ ଲାଇଟ୍ ଲାଗିନାହିଁ ।ଉକ୍ତସ୍ଥାନରୁ



ବହଳଦା,ପାସନା,ବେଲପୋଷି,ଜାମଦା ଆଦି ସ୍ଥାନକୁ ରାସ୍ତା ସଂଯୋଗ ହୋଇଛି ଏବଂ ଯାନବାହାନ ସବୁବେଳେ ଚଳପ୍ରଚଳ କରିବା ସହ ଜନସାଧାରଣ ଚଳପ୍ରଚଳ କରିଥାନ୍ତି ।ଆଲୋକ ବ୍ୟବସ୍ଥା ଏହି ହାଟ ଛକରେ ନଥିବାରୁ ଲୋକେ ରାତିରେ ଯାତାୟତ କରିବାରେ ଅସୁବିଧାରେ ସମ୍ମୁଖୀନ ହେଉଥିବା ଜାଣିବାକୁ ମିଳୁଛି ।ପୁଣି ମଙ୍ଗଳବାର ଦିନ ଏଠାରେ ହାଟ ବସିଥାଏ ।ସେହିପରି ତାଳଗାଁ-ଦୁମାଡ଼ିହି ଗେରେନଗୋଲା ଛକରେ ସନ୍ଧ୍ୟାବେଳେ ଦୈନିକ ମାର୍କେଟ୍ ବସିଥାଏ ।ଅନ୍ୟପଟେ ଅନ୍ଧାରର ସୁଯୋଗ ନେଇ ଚୋରି ଡକାୟତି ଭଳି ଅସାମାଜିକ କାର୍ଯ୍ୟକଳାପ ବଢୁଥିବା ଜାଣିବାକୁ ମିଳୁଛି ।ହରିଲାବେଢ଼ା,ତାଳଗାଁ,ଦୁମାଡ଼ିହି ଓ ଜାମଦା ଅଞ୍ଚଳର ଜନସାଧାରଣଙ୍କ ଦୃଷ୍ଟିରେ ରଖି ତୁରନ୍ତ ଏହି ଦୁଇ ସ୍ଥାନରେ ଷ୍ଟ୍ରଟ୍ ଲାଇଟ୍ ଆଲୋକୀକରଣ କରିବାକୁ ବିଭାଗୀୟ ଅଧିକାରୀ ଓ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ୟୁଏସ୍ଆଇ ରାଜ୍ୟ ସଂଗଠକ ପିକେ ଶତପଥୀ,ସମାଜସେବୀ ସାମନ୍ତ ଚନ୍ଦ୍ର ଗିରି ଓ ହରିଲାବେଢ଼ା,ଦୁମାଡ଼ିହି,ତାଳଗାଁ,ପାସନା ଅଞ୍ଚଳର ବୁଦ୍ଧିଜୀବୀସମୂହ ଦାବି କରିଛନ୍ତି ।

# ସବୁ ଘରକୁ ଏସ୍‌ଏଚ୍‌ଜିରେ ଯୋଡ଼ାଯିବ



ଭୁବନେଶ୍ୱର,୮/୪: ରାଜ୍ୟରେ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ର ଢାଞ୍ଚା ସଂପୂର୍ଣ୍ଣ ବଦଳିବ। ସବୁ ଘରକୁ ଏସ୍‌ଏଚ୍‌ଜି ଗ୍ରୁପ୍ ସହ ଯୋଡ଼ାଯିବ। ପ୍ରତି ପରିବାରକୁ ଏସ୍‌ଏଚ୍‌ଜି ସହ ଯୋଡ଼ିବାକୁ କେନ୍ଦ୍ର ସରକାର କହିଥିଲେ। ହେଲେ ପୂର୍ବ ସରକାରରେ ବହୁ ପରିବାର ବଞ୍ଚିତ ହୋଇଥିଲେ। କିଛି ନିର୍ଦ୍ଦିଷ୍ଟ ଗୋଷ୍ଠୀର ମହିଳାଙ୍କୁ ଏଥିରୁ ବାହାର କରି ଦିଆଯାଇଥିଲା। ଏବେ ସରକାରଙ୍କ ମିସନ ଶକ୍ତି ବିଭାଗ ଦ୍ୱାରା ସବୁ ଘରକୁ ଏସ୍‌ଏଚ୍‌ଜି ଗ୍ରୁପ୍ ସହ ଯୋଡ଼ିବାକୁ ପ୍ରଚେଷ୍ଟା ଆରମ୍ଭ ହୋଇଥିବା ସୂଚନା ଦେଇଛନ୍ତି ମହିଳା ଓ ଶିଶୁ ବିକାଶ ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ଶ୍ରୀମତୀ ପରିଡ଼ା କହିଛନ୍ତି ଯେ ଏବେ ସମସ୍ତଙ୍କୁ ଜିପିଏଲ୍‌ଏଫ୍ ନିର୍ବାଚନରେ ଭାଗ ନେବାର ସୁଯୋଗ ମିଳିବ। ପୂର୍ବରୁ ଯେଉଁମାନେ ସଭାପତି ଓ ସଂପାଦକ ଅଛନ୍ତି ସେମାନଙ୍କ ଜାଗାରେ ନୂଆ ଚୟନ ହେବ। ତୃଣମୂଳସ୍ତରରେ ମହିଳା ନେତୃତ୍ୱ ସୃଷ୍ଟି ପାଇଁ ପ୍ରଚେଷ୍ଟା ହେବ। ଚଳିତମାସରେ

## ସ୍ୱୟଂ ସହାୟକ ଗୋଷ୍ଠୀର ଢାଞ୍ଚା ବଦଳିବ

ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)କୁ ପୁନଃସଂଗଠିତ କରାଯିବ। ପରବର୍ତ୍ତୀ ମାସରେ ଜିପିଏଲଏଫ୍ ଓ ସିଏଲ୍‌ଏଫ୍, ବିଏଲ୍‌ଏଫ୍‌ଙ୍କୁ ଜିଲ୍ଲା ଓ ରାଜ୍ୟସ୍ତରରେ ନୂଆ ନିଯୁକ୍ତି ଦିଆଯିବ। ଯେଉଁମାନେ ୨ଥର ୪ବର୍ଷରୁ ଅଧିକ ରହିସାରିଛନ୍ତି ସେମାନେ ପଦରୁ ହଟିବେ। ପୂର୍ବ ସରକାର ସେମାନଙ୍କ ଭୋଟ୍ ପାଇଁ ରାଜନୈତିକ ଉଦ୍ଦେଶ୍ୟ ରଖି ଏଭଳି କରିଥିଲେ। ସେଥିପାଇଁ ରାଜ୍ୟରେ ଏସ୍‌ଏଚ୍‌ଜିଙ୍କ ପଞ୍ଜୀକରଣ ହୋଇନାହିଁ। ବିନା ପଞ୍ଜୀକରଣରେ କୋଟି କୋଟି ଟଙ୍କା ଦିଆଯାଇଛି। ଯାହାର ଅଡିଟ୍ ହେଉନାହିଁ। ଯେଉଁଠି ପଞ୍ଜୀକରଣ କିମ୍ବା ଅଡିଟ୍ ହେଉନାହିଁ ତାହାର ଉଦ୍ଦେଶ୍ୟ କ'ଣ ବୁଝାପଡୁଛି। କିନ୍ତୁ ଏବେ ମହିଳାଙ୍କ ବିକାଶ ପାଇଁ ନୂଆ ସରକାର କାମ କରିବେ। ଋଣ କିମ୍ବା ରିଭଲ୍‌ଭିଂ ପାଣ୍ଠିରେ ପାତରଅନ୍ତର ହେବ ନାହିଁ, ସମସ୍ତଙ୍କୁ ଟଙ୍କା ଦିଆଯିବ। ସେ ଆହୁରି ମଧ୍ୟ କହିଛନ୍ତି ଯେ ଚଳିତମାସ ୨୨ ଓ ୨୩ ତାରିଖରେ ମିଳିବ ପ୍ରଥମ କିସ୍ତିର ଷଷ୍ଠ ପର୍ଯ୍ୟାୟ 'ସୁଭଦ୍ରା' ଟଙ୍କା। ମାର୍ଚ୍ଚ ୩୧ତାରିଖ ପର୍ଯ୍ୟନ୍ତ 'ସୁଭଦ୍ରା' ଆବେଦନର ଶେଷ ତାରିଖ ରହିଥିଲା। ଏହି ସମୟରେ ଭିତରେ ୧ଲକ୍ଷ ୭୦ହଜାର ମହିଳା ଆବେଦନ କରିଛନ୍ତି। ସେମାନଙ୍କ ମଧ୍ୟରୁ ଯେଉଁମାନେ ଯୋଗ୍ୟ ସେମାନଙ୍କୁ ଏହି ଟଙ୍କା ମିଳିବ।ଶ୍ରୀମତୀ ପରିଡ଼ା କହିଛନ୍ତି ଯେ ଯେଉଁ ଆବେଦନ ତାଲିକା ଆସିଥିଲା ସେସବୁକୁ ସର୍ଭେ କରିବା ପାଇଁ ଜିଲ୍ଲାମାନଙ୍କୁ ପଠାଇ ଦିଆଯାଇଛି। ତେବେ ପ୍ରଥମ କିସ୍ତିରେ ଯେଉଁମାନେ ଟଙ୍କା ପାଇଥିଲେ ଦ୍ୱିତୀୟ କିସ୍ତି ବେଳକୁ ଅନେକ ଏଥିରୁ ବାଦ୍ ପଡ଼ିଛନ୍ତି। ଋଣ ପାଇଁ ଆଇଟି ରିଟର୍ଣ୍ଣ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦର୍ଶାଇଥିବାରୁ ଏଭଳି ସମସ୍ୟା ହୋଇଛି। ସେମାନଙ୍କ ସଂଖ୍ୟା ପ୍ରାୟ ୧ଲକ୍ଷ ହେବ। ଏହା ଉପରେ ତର୍ଜମା କରାଯାଉଛି ଓ କେଉଁ ବର୍ଗରେ କେତେ ମହିଳା ଖାରଜ ତାଲିକାରେ ରହିଛି, ତାହା ଘରକୁ ଘର ଯାଇ ସର୍ଭେ କରାଯିବ। ଧନୀ ଶ୍ରେଣୀର ମହିଳା ବାଦ୍ ପଡ଼ିଯାଆନ୍ତୁ ପଛେ ଯେଉଁମାନଙ୍କ ପାଇଁ 'ସୁଭଦ୍ରା' ଅତ୍ୟନ୍ତ ଜରୁରି ସେମାନଙ୍କୁ ଟଙ୍କା ପ୍ରଦାନ କରିବା ଲାଗି ପ୍ରକ୍ରିୟା ଆରମ୍ଭ ହେବ। ୧୪ ତାରିଖ ପରେ ଘରକୁ ଘର ଯାଇ ସର୍ଭେ କରାଯିବ। ଏବେ କୋଟିଏରୁ ଅଧିକ ମହିଳାଙ୍କୁ 'ସୁଭଦ୍ରା' ଟଙ୍କା ଦିଆ ସରିଲାଣି। ଅଯୋଗ୍ୟ ହିତାଧିକାରୀଙ୍କ ସର୍ଭେ ପରେ ତୃତୀୟ କିସ୍ତି ଦିଆଯିବ। ତୃତୀୟ କିସ୍ତି ପରେ ଯେଉଁମାନଙ୍କ ବୟସ ୨୧ବର୍ଷ ହୋଇଥିବ ସେମାନଙ୍କ ଆବେଦନ ପାଇଁ ପୁଣି ଥରେ ସୁଭଦ୍ରା ପୋର୍ଟାଲକୁ ଖୋଲାଯିବ।

# ଓଡ଼ିଶାରେ ବିଶ୍ୱବିଦ୍ୟାଳୟ ସ୍ଥାପନ କରିବ ଏଚ୍‌ସିଏଲ୍

ଭୁବନେଶ୍ୱର,୮/୪: ଓଡ଼ିଶାରେ ଏଚ୍‌ସିଏଲ୍ ଖୁବ୍‌ଶୀଘ୍ର ସ୍ଥାପନ କରିବ ବିଶ୍ୱବିଦ୍ୟାଳୟ। ଏଚ୍‌ସିଏଲ୍ ଟେକ୍ ମଧ୍ୟ ରାଜ୍ୟରେ ଏକ ଟେକ୍ କ୍ୟାମ୍ପସ୍ ପ୍ରତିଷ୍ଠା କରିବାର ଯୋଜନା ରହିଛି। ସେହିପରି ପାରାଦୀପରେ ମେଗା ଡୁଆଲ୍ ଫିଡ୍ କ୍ରାକର୍ ଓ ଡାଉନ୍‌ଷ୍ଟ୍ରିମ୍ ୟୁନିଟ୍ ପ୍ରତିଷ୍ଠା ପାଇଁ ଆଇଓସିଏଲ୍ ସହ ମଙ୍ଗଳବାର ହେବ ବୁଝାମଣାପତ୍ର ସ୍ୱାକ୍ଷର। ସେହିପରି ପତଞ୍ଜଳି ଫୁଡ୍ସ ଓଡ଼ିଶାରେ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ, ହେଲ ଟେକ୍ ଭଳି ଆଇ କମ୍ପାନୀ ତା'ର କ୍ୟାମ୍ପସ୍ ପ୍ରତିଷ୍ଠା କରିବାକୁ ସମ୍ମତି ପ୍ରକାଶ କରିଛନ୍ତି। ନିବେଶକ ସମ୍ମିଳନୀରେ ଅଂଶଗ୍ରହଣ ପାଇଁ ଦୁଇଦିନିଆ ନୂଆଦିଲ୍ଲୀ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ଏହି ଘୋଷଣା କରିଛନ୍ତି। ଶ୍ରୀ ମାଝୀ କହିଛନ୍ତି ଯେ ଓଡ଼ିଶାରୁ ଯାଇଥିବା ଉଚ୍ଚସ୍ତରୀୟ ଟିମ୍ ଏଚ୍‌ସିଏଲ୍ ଟେକ୍ କ୍ୟାମ୍ପସ୍‌ର ଗସ୍ତକରି କମ୍ପାନୀର ଅଧିକାରୀଙ୍କ ସହିତ ବିସ୍ତୃତ ଆଲୋଚନା କରିଥିଲୁ। ଏଚ୍‌ସିଏଲ୍ ଟେକ୍ ଅଧିକାରୀଙ୍କୁ ଓଡ଼ିଶାର ବିଶେଷକରି ଭୁବନେଶ୍ୱର ଓ ପୁରୀର ଜଗନ୍ନାଥ ମନ୍ଦିରକୁ ନିମନ୍ତ୍ରଣ କରିଥିଲୁ। ଆମେ ସେମାନଙ୍କୁ ଏଠାରେ ଏକ କ୍ୟାମ୍ପସ୍ ଓ ଏକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଏକ ପ୍ରସ୍ତାବ ଦେଇଥିଲୁ। ସେମାନେ ରାଜି ହୋଇଛନ୍ତି। ଏଚ୍‌ସିଏଲ୍ ଟେକ୍ ପହଞ୍ଚିବା ପରେ, ଆମେ ରାଜ୍ୟରେ ସେମାନଙ୍କର ନିବେଶ ସମ୍ପର୍କରେ ପରବର୍ତ୍ତୀ ପଦକ୍ଷେପ ବିଷୟରେ ଆଲୋଚନା କରିବୁ। ମୁଖ୍ୟମନ୍ତ୍ରୀ କହିଛନ୍ତି, ଏଚ୍‌ସିଏଲ୍ ଓଡ଼ିଶା ଟିମ୍‌ଙ୍କ ପ୍ରସ୍ତାବରେ ପ୍ରଭାବିତ ହୋଇ ସକରାତ୍ମକ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେଥିପାଇଁ ଆମେ ଆଶାବାଦୀ ଯେ' କ୍ୟାମ୍ପସ୍



ଖୁବ୍‌ଶୀଘ୍ର ପ୍ରତିଷ୍ଠିତ ହେବ। ଫଳରେ ଓଡ଼ିଶା ସହ ଏଚ୍‌ସିଏଲ୍‌ର ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ଏହି ଚୁକ୍ତିନାମା ଓଡ଼ିଶାର ପ୍ରଯୁକ୍ତିବିଦ୍ୟା ଓ ଶିକ୍ଷାର କେନ୍ଦ୍ର ଭାବରେ ସ୍ଥିତିକୁ ସୁଦୃଢ଼ କରିବ। ଏହାଦ୍ୱାରା ଏଚ୍‌ସିଏଲ୍ ଟେକ୍‌ରେ ରାଜ୍ୟର ବହୁ ମେଧାବୀ ଛାତ୍ରଛାତ୍ରୀ କର୍ମସଂସ୍ଥାନ ପାଇବାକୁ ସକ୍ଷମ ହେବେ। ଫଳରେ ରାଜ୍ୟର ଆର୍ଥିକ ଅଭିବୃଦ୍ଧି ସମ୍ଭବ ହେବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ତାର ସହ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଓଡ଼ିଶାରେ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ରୁଚି ସୋୟା ଫୁଡ୍ସ ବା ପତଞ୍ଜଳି ଫୁଡ୍ସର ସିଇଓ ସଞ୍ଜୀବ ଆସ୍ଥାନା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଦୀର୍ଘ ଆଲୋଚନା କରିଛନ୍ତି। ସେହିପରି ମଙ୍ଗଳବାର ପତଞ୍ଜଳି ଫୁଡ୍ସ ଓଡ଼ିଶାରେ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ, ହେଲ୍ ଟେକ୍ ଭଳି କମ୍ପାନୀ ରାଜ୍ୟରେ କ୍ୟାମ୍ପସ୍ ପ୍ରତିଷ୍ଠା କରିବାକୁ ବୁଝାମଣାପତ୍ର ସ୍ୱାକ୍ଷର କରାଯିବ। ଏହି ସାକ୍ଷାତ୍ ଆଲୋଚନା ବେଳେ ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଉପସ୍ଥିତ ଥିଲେ।

# ବିଳମ୍ବିତ ରାତିରେ ନିଆଁ ଲାଗି ଜଳିଗଲା ଡ୍ରେସ ଦୋକାନ

କେନ୍ଦ୍ରାପଡ଼ା,୮/୪: କେନ୍ଦ୍ରାପଡ଼ା ମାର୍ଶାଘାଇ ତହସିଲ ଅଧିନସ୍ଥ କରିଲୋ ପାଟଣା ରେ ଘଟିଛି ଏମିତି ଏକ ଅଭାବନୀୟ ଘଟଣା । ଗତକାଲି ବିଳମ୍ବିତ ରାତିରେ ନିଆଁ ଲାଗି ଜଳିଯାଇଛି ଗ.୯ ଋବଷ୍ୱଷସକ୍ଟଭ ନାମକ ଏକ ଡ୍ରେସ ଦୋକାନ । ମାଲିକ ଶିବ ପ୍ରସାଦ ମଲ୍ଲ ଙ୍କ କହିବା ଅନୁଯାୟୀ ଗାଁ ଗହଳିର ଗଢି ଉଠିଥିବା ଏକ ଛୋଟ ବଜାରରେ କରିଥିବା ନିଜ ଡ୍ରେସ ଦୋକାନରେ ନିଆଁ ଲାଗିବାର ଖବର ପାଇ ନିଜ ଦୋକାନକୁ ଆସି ଦେଖିଲେ ଯେ ଭୟଙ୍କର ନିଆଁ ଲାଗି ଜଳି ଯାଉଛି ଲକ୍ଷ୍ୟ ଲକ୍ଷ୍ୟ ଟଙ୍କାର ଡ୍ରେସ୍। ସଙ୍ଗେ ସଙ୍ଗେ ଅଗ୍ନିଶମ ବାହିନୀକୁ ଫୋନ କରିଥିଲେ ଏବଂ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି ବୋଲି ସୂଚନା ମିଳିଛି । ପାରିପାର୍ଶ୍ୱିକ ସ୍ଥିତି ଦେଖି ନିଆଁ electric short-circuit ରୁ ଲାଗିଥାଇ ପାରେ ବୋଲି ଅନୁମାନ କରାଯାଉଛି । ଏ ନେଇ ତହସିଲଦାର, ଆ଼ି.ଆଇ ସମସ୍ତଙ୍କୁ ଅବଗତ କରାଯାଇଛି ଏବଂ ନିଜ ସମସ୍ତ ପୁଞ୍ଜି ଲଗାଇ କରିଥିବା ଡ୍ରେସ ଦୋକାନ ଟି ସମ୍ପୂର୍ଣ୍ଣ ଭସ୍ମୀଭୂତ ହେବା ପରେ ଜଣେ ଯୁବ ଉଦ୍ୟୋଗୀ ହିସାବରେ ସେ ସମ୍ପୂର୍ଣ୍ଣ ଭାଙ୍ଗି ପଡିଥିବା ଗଣ ମାଧ୍ୟମକୁ ପ୍ରକାଶ କରିଛନ୍ତି ।ଅନ୍ୟପକ୍ଷରେ ମାର୍ଶାଘାଇ ତହସିଲଦାରଙ୍କ ପ୍ରତିକ୍ରିୟା ଅନୁସାରେ, ସେ ଏ ବିଷୟରେ ସମ୍ପୂର୍ଣ୍ଣ ଅବଗତ ଅଛନ୍ତି ଏବଂ ଏହାର ତଦନ୍ତ କରାଯାଇ ଯାହା ପ୍ରଶାସନିକ ନିୟମାବଳୀ ଅନୁସାରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ମାର୍ଶାଘାଇ ତହସିଲଦାର ।

# ବଦଳୁନି କନ୍ଧମାଳ ହଳଦୀ ଚାଷୀଙ୍କ ଭାଗ୍ୟ

## ଜିଆଇ ଟ୍ୟାଗ୍ ସତ୍ତ୍ୱେ ଚାଷୀ ଅଭାବୀ ବିକ୍ରିର ଶିକାର

ଫୁଲବାଣୀ,୮/୪: ୨୦୧୯ରେ କନ୍ଧମାଳ ହଳଦୀକୁ ଜିଆଇ ଟ୍ୟାଗ୍ ମିଳିଥିଲା। ଇତିମଧ୍ୟରେ ୬ ବର୍ଷ ବିତିଲାଣି। କିନ୍ତୁ ଆଜି ବି ଜିଲ୍ଲାର ଚାଷୀଙ୍କ ଭାଗ୍ୟ ବଦଳିପାରୁନି। କାରଣ ବିକ୍ରିବଟା ପାଇଁ ଉପଯୁକ୍ତ ବଜାରର ସୁବିଧା ନଥିବାରୁ ସେମାନେ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ଅମଳ ସମୟରେ ଶାଗମାଛ ଦରରେ ହଳଦୀ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ଏହାଛଡ଼ା ହଳଦୀର ମୂଲ୍ୟଯୁକ୍ତ ଏବଂ ପ୍ରକ୍ରିୟାକରଣ ୟୁନିଟ୍‌ର ଅଭାବରୁ ସେମାନେ ଏହି ସୁବିଧାରୁ ବଞ୍ଚିତ ହେଉଛନ୍ତି। ଯଦିଓ କସମ୍ (କନ୍ଧମାଳ ଆପେକ୍ସ ସ୍ପାଇସ୍ ଆସୋସିଏସନ୍ ଫର ମାର୍କେଟିଂ) କିଛି ଚାଷୀଙ୍କ ଠାରୁ ହଳଦୀ କିଣିଥାଏ, ତାହା ସମୁଦ୍ରକୁ ଶଙ୍ଖେ ଭଳି। ଅନେକ ସମୟରେ ଆନ୍ଧ୍ର ଓ ଛତିଶଗଡ଼ର ବେପାରୀମାନେ ଚାଷୀଙ୍କଠାରୁ ଅଳ୍ପ ମୂଲ୍ୟରେ ହଳଦୀ କିଣି ନେଉଛନ୍ତି ।କନ୍ଧମାଳ ଜିଲ୍ଲା



ପ୍ରଶାସନର ତଥ୍ୟ ଅନୁସାରେ, ଚଳିତ କୃଷିବର୍ଷ ୨୦୨୪-୨୫ରେ ଜିଲ୍ଲାରେ ମୋଟ ୧୪,୩୪୭ ହେକ୍ଟର୍ ଜମିରେ ହଳଦୀ ଚାଷ ହୋଇଛି। ଦାରିଙ୍ଗବାଡ଼ି, କ.ନୂଆଗାଁ, ରାଇକିଆ, ଘୁ.ଉଦୟଗିରି ଏବଂ ଫିରିଙ୍ଗିଆ ଆଦି ୫ଟି ବ୍ଲକ୍‌ରେ ଜିଲ୍ଲାର ମୋଟ ହଳଦୀ ଚାଷର ୯୫ ପ୍ରତିଶତ ଚାଷ ହେଉଥିବା ବେଳେ ବାକି ୭ଟି ବ୍ଲକ୍‌ରେ ମାତ୍ର ୫ ପ୍ରତିଶତ ହଳଦୀ ଚାଷ ହୋଇଥାଏ। ଚଳିତବର୍ଷ ଦାରିଙ୍ଗବାଡ଼ି, କ.ନୂଆଗାଁ, ରାଇକିଆ, ଘୁ.ଉଦୟଗିରି ଏବଂ ଫିରିଙ୍ଗିଆରେ ବିପୁଳ ପରିମାଣର ହଳଦୀ ଉତ୍ପାଦିତ ହୋଇଛି। କିନ୍ତୁ ଚାଷୀ ଅଭାବୀ ବିକ୍ରିରୁ ମୁକୁଳି ପାରିନାହାନ୍ତି। ଜିଆଇ ଟ୍ୟାଗ୍ ମିଳିବା ପରେ ଦେଶବିଦେଶରେ କନ୍ଧମାଳ ହଳଦୀର ଚାହିଦା ବୃଦ୍ଧି ପାଇବା ସହ ବିକ୍ରିବଟା ବଢ଼ିବ ବୋଲି ଚାଷୀ ଆଶା ରଖିଥିଲେ। ମାତ୍ର, ସ୍ଥିତି ଯଥା ପୂର୍ବଂ ତଥା ପରଂ। କେବଳ ଘରୋଇ ବଜାରକୁ ଆଖି ଆଗରେ ରଖି କନ୍ଧମାଳର ହଳଦୀ ଚାଷୀ ଯାହା କିଛି ବିକ୍ରିବଟା କରି ନିଜକୁ ପ୍ରତିପୋଷଣ କରୁଛନ୍ତି। ଅନ୍ୟପଟେ, 'କସମ୍' ଚଳିତବର୍ଷ କନ୍ଧମାଳ ଜିଲ୍ଲାର ଚାଷୀଙ୍କଠାରୁ ୧୫୦୦ ମେଟ୍ରିକ୍ ଟନ୍ ହଳଦୀ କିଣିଥିଲା ବୋଲି ସମ୍ପାଦକ ସଞ୍ଜିତ ପଟ୍ଟନାୟକ ସୂଚନା ଦେଇଛନ୍ତି। ଯଦିଓ ସରକାର ହଳଦୀର ସର୍ବନିମ୍ନ ସହାୟକ ମୂଲ୍ୟ ସ୍ଥିର କରିନାହାନ୍ତି, ତଥାପି କନ୍ଧମାଳ ଜିଲ୍ଲା ପ୍ରଶାସନ ଏକ ମୂଲ୍ୟ ଧାର୍ଯ୍ୟ କରିଛନ୍ତି। ଜିଲ୍ଲା ପ୍ରଶାସନ ପ୍ରସ୍ତୁତ କରିଥିବା ଏମ୍‌ଏସ୍‌ପି ଅନୁଯାୟୀ, କଞ୍ଚା ହଳଦୀ କିଲୋ ପିଛା ୨୦ ଟଙ୍କା ୫୦ ପଇସାରେ ବିକ୍ରି ହେଉଥିବା ବେଳେ ଶୁଖିଲା ହଳଦୀ କିଲୋ ପିଛା ୬୦ ଟଙ୍କାରେ ବିକ୍ରି ହେଉଛି। ହଳଦୀଗୁଣ୍ଡ କିଲୋ ପ୍ରତି ୧୦୦ ଟଙ୍କାରେ ବିକ୍ରି ହେଉଛି। କିନ୍ତୁ ଆନ୍ଧ୍ର ଓ ଛତିଶଗଡ଼ର ବେପାରୀମାନେ ବହୁ କମ୍ ଦରରେ ଚାଷୀଙ୍କ ଠାରୁ ହଳଦୀ କିଣି ନେଉଛନ୍ତି।

# ଏନାଆରଜିଏ କାର୍ଯ୍ୟରେ ବ୍ୟାପକ ଦୁର୍ନିତି

## ରଘୁନାଥପୁର ବ୍ଲକରେ ଆଗବିଲ ପଛରେ କାମ





ଜଗତସିଂହପୁର ତା।୮/୪(ନୀପ୍ର)ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକର କଳାକାରନାମା ସମଗ୍ର ଜିଲ୍ଲାରେ ତଥା ରାଜ୍ୟରେ ବେସ ଚର୍ଚ୍ଚିତ ଥିବାବେଳେ ଏହାର ଏକ ଗନ୍ନନମୁନା ଦେଖିବାକୁ ମିଳିଛି ଏହି ବ୍ଲକ ଅଧିନ ଧରାଧରପୁର ପଞ୍ଚାୟତର ଧରାଧରପୁର ରାଜସ୍ୱଗ୍ରାମରେ ।ଏଠାରେ ସୂଚନା ଯୋଗ୍ୟ ଏହି ଗ୍ରାମର ଆଲୋକ ସାହାଣୀ ଘରଠାରୁ କୁତାମଚଣ୍ଡି ପର୍ଯ୍ୟନ୍ତ ଏକଡ୍ରେନ ଏନାଆରଜିଏ କାର୍ଯ୍ୟରେ ପାଇଁ ପ୍ରକଳ୍ପ ରହିଥିଲା ।ଏହି କାର୍ଯ୍ୟଟି ଆରମ୍ଭ କରାଯାଇନାହିଁ। ମାତ୍ର ବ୍ଲକ ପ୍ରଶାସନ ଏହାର ମଷ୍ଟରରୁଲ ପ୍ରସ୍ତୁତ କରି ବିଲପେମେଣ୍ଟ କରିସାରିଛି ।ଏସମ୍ପର୍କରେ ଗ୍ରାମବାସୀ ଜାଣିବାକୁ ପାଇଥିଲେ ଏହି ବିଲ ୧୮/୧୧/୨୪ ଠାରୁ ୪/୩/୨୫ ତାରିଖ ମଧ୍ୟରେ ୧ଲକ୍ଷ ୩୭ହଜାର୪୧୪ଟଙ୍କା ମଷ୍ଟର ନଂ ୧୩୫୭ ଠାରୁ ୨୧୦୩ନଂରେ ପୈଠକରାଯାଇଛି। ଏହାର ତଦନ୍ତ ପାଇଁ ଗ୍ରାମବାସୀ ଗତ ୭ ତାରିଖରେ ହୋଇଥିବା ରଘୁନାଥପୁର ଜିଲ୍ଲାପାଳଙ୍କ ଜନସୁଣାଣି ଶିବୀରରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ୨୪ଘଣ୍ଟା ନପୁରୁଣୁ ଗ୍ରାମର ଜୈନିକ ବ୍ୟକ୍ତି ଅତିତରବରିଆ ଭାବରେ ଜେସିବୀ ମେସିନ ସାହାର୍ଯ୍ୟରେ ଡ୍ରେନ ଖୋଳାଆରମ୍ଭ କରୁଥିବା ସମୟରେ ଗ୍ରାମବାସୀ ପ୍ରତିବାଦ କରିବାସହିତ ଗ୍ରାମର ଜ୍ୟୋର୍ତିମୟୀ ଜେନା,ଅରୁପା ଜେନା, ସଂଜୟ ମଲ୍ଲିକ,ସୁକାନ୍ତ କୁମାର ଜେନା, ପ୍ରମୁଖ ବିଡିଓଙ୍କୁ ପୁର୍ନବାର ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି। ଏ ସମ୍ପର୍କରେ ଆମପ୍ରତିନିଧି ବିଡିଓ ଙ୍କୁ ମୋବାଇଲ ଫୋନ ମାଧ୍ୟମରେ ଯୋଗାଯୋଗ କରିଥିଲେ ମଧ୍ୟ ବିଡିଓ ମୋବାଇଲ ଉଠାଇନଥିଲେ। ତେବେ କେବଳ ଧରାଧରପୁର ପଞ୍ଚାୟତନୁହେଁ ସମଗ୍ର ବ୍ଲକରେ ଅମତ ସରୋବର ଜୋଯନା ଠାରୁ ଆରମ୍ଭ କରି ବହୁ ଏନଆରଜିଏ କାର୍ଯ୍ୟ ର ମିଥ୍ୟାବିଲ ପ୍ରସ୍ତୁତ କରାଯାଇଥିବା ଅଭିଯୋଗ ହୋଇ ଆସୁଥିଲେମଧ୍ୟ ପ୍ରଶାସନ ନିରବ କାହିଁକି ।ଏହି କାର୍ଯ୍ୟରେ ପ୍ରଶାସନର ଭାଗିଦାରୀ ନାହିଁତ ।ଅନେକ ସ୍ଥାନରେ ଜେସିବୀ ମେସିନ ମଧ୍ୟ ଏନାଆରଜିଏ କାର୍ଯ୍ୟକରୁଛି।

# ଶୁଖିଯାଉଛି ଦେବଝରଣ ଜଳପ୍ରପାତ



ଯୁଯୁମୁରା, ୮/୪: ସମ୍ବଲପୁର ଜିଲ୍ଲାର ଅନ୍ୟତମ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳ ହେଉଛି ଯୁଯୁମୁରା ବ୍ଲକ୍ କୟାକୁଦ ପଞ୍ଚାୟତ ଅନ୍ତର୍ଗତ ଦେବଝରଣ ଜଳପ୍ରପାତ। ରାଜ୍ୟ ସରକାର ଏହାକୁ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ଦେଇଛନ୍ତି। ବଣଭୋଜି ପାଇଁ ଏଠାରେ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ପର୍ଯ୍ୟଟକଙ୍କ ଭିଡ଼ ହୋଇଥାଏ। ତେବେ ଏହି ପ୍ରାକୃତିକ ଜଳପ୍ରପାତ ଏବେ ବିପଦରେ। ପାହାଡ଼ ଉପରୁ ଝରି ଆସୁଥିବା ସୁଶୀତଳ ଜଳ ଧାରା ହ୍ରାସ ପାଉଥିବା ଦେଖାଯାଇଛି। ଯାହା ପ୍ରକୃତିପ୍ରେମୀଙ୍କୁ ଚିନ୍ତାରେ ପକାଇଛି। ୫୫ ନମ୍ବର ଜାତୀୟ ରାଜପଥରୁ ୫ କିଲୋମିଟର ଯିବା ପରେ ଏହି ମନୋରମ ଜଳପ୍ରପାତ ଦୃଶ୍ୟମାନ ହୁଏ। ସବୁଜ ବନାନୀଘେରା ପାହାଡ଼ କୋଳରେ କୁଳୁକୁଳୁ ନାଦ କରି ବହି ଯାଉଥିବା ଏହି ଝରଣା ପର୍ଯ୍ୟଟକଙ୍କ ପାଇଁ ଏକ ପ୍ରମୁଖ ଆକର୍ଷଣର କେନ୍ଦ୍ରବିନ୍ଦୁ। ଶୀତ ଓ ବର୍ଷା ଦିନରେ ଏଠାକାର ସବୁଜ ପରିବେଶ ଲୋକମାନଙ୍କୁ ବାନ୍ଧି ରଖିଥାଏ। ହେଲେ ଖରା ସମୟରେ ଏହା ଶ୍ରୀହୀନ ହୋଇଯାଉଛି। ପାହାଡ଼ ଉପରୁ ଝରି ଆସୁଥିବା ଝରଣାର ସୁଶୀତଳ ଜଳକୁ ଅଟକାଇ ରଖି ତିଆରି କରାଯାଇଛି ଦେବଝରଣ ଜଳଭଣ୍ଡାର। ଏହି ଜଳକୁ ଆଖପାଖ ଅଞ୍ଚଳର ଚାଷଜମିକୁ ଯୋଗାଇ ଦିଆଯାଉଛି। ବିଶେଷକରି କୟାକୁଦ ପଞ୍ଚାୟତର ଲୋକମାନେ ଏହାର ଜଳକୁ ବ୍ୟବହାର କରି ଅନେକ ଖରାଟିଆ ଫସଲ କରିଥାନ୍ତି। ଜଳଭଣ୍ଡାରକୁ ଆକର୍ଷଣୀୟ କରାଯିବା ସହ ଏଠାରେ ପର୍ଯ୍ୟଟକଙ୍କ ଲାଗି ବୋଟିଂ ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ଏପରିକି କଟକରୁ ବୋଟ୍ ମଧ୍ୟ ଆସିଥିଲା। କିଛିଦିନ ଭାସିବା ପରେ ବୋଟ୍ ଗାଏବ୍ ହୋଇଗଲା। ସୌନ୍ଦର୍ଯ୍ୟୀକରଣ ବ୍ୟବସ୍ଥା ବି ମାଟିରେ ମିଶିଗଲା। ତେବେ ଜଙ୍ଗଲ ହ୍ରାସ ପାଇବା, ଗଛ କାଟିବା ଦ୍ୱାରା ଏହି ଝରଣାର ଜଳଧାରା ହ୍ରାସ ପାଉଥିବା କୁହାଯାଉଛି। ଏହି ପର୍ଯ୍ୟଟନସ୍ଥଳର ବିକାଶ ଲାଗି ପୂର୍ବ ସରକାର ସାଧାରଣ ନିର୍ବାଚନ ପୂର୍ବରୁ ଆର୍ଥିକ ଅନୁଦାନ ବ୍ୟବସ୍ଥା କରିଥିଲେ। ଆଶା କରାଯାଉଛି ବର୍ତ୍ତମାନର ସରକାର ଏହାର ସୌନ୍ଦର୍ଯ୍ୟୀକରଣ କାମକୁ ତ୍ୱରାନ୍ୱିତ କରିବେ।

# ଶିମିଳିପାଳରେ ନିର୍ମାଣ ହେବ ୧୨ ଟାୱାର

## ଏନ୍‌ଟିସିଏର ଅନୁଧ୍ୟାନ ପରେ ଅନୁମତି ପ୍ରଦାନ

ଭୁବନେଶ୍ୱର,୮/୪: ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟର ବଫର ଜୋନ୍‌ରେ ୧୨ଟି ମୋବାଇଲ୍ ଟାୱାର ପ୍ରତିଷ୍ଠା କରାଯିବ। କେନ୍ଦ୍ର ସରକାରଙ୍କ ୪ଜି ସାଚୁରେସନ୍ ପ୍ରକଳ୍ପ ଅଧୀନରେ ବିଏସ୍‌ଏନ୍‌ଏଲ୍ ଦ୍ୱାରା ଅଭୟାରଣ୍ୟରେ ୩୪ଟି ମୋବାଇଲ୍ ଟାୱାର ସ୍ଥାପନ ପାଇଁ ରାଜ୍ୟ ବନ୍ୟପ୍ରାଣୀ ବୋର୍ଡ ସ୍ଥାୟୀ କମିଟି ସୁପାରିସ କରିଥିଲା। ଏନ୍‌ଟିସିଏର ଏକ ପ୍ରତିନିଧି ଦଳ ସ୍ଥାନ ପରିଦର୍ଶନ କରିବା ପରେ ୧୨ଟି ଟାୱାର ନିର୍ମାଣକୁ ମଞ୍ଜୁରି ମିଳିଛି। ସେହିପରି ହଦଗଡ଼ ଅଭୟାରଣ୍ୟର ଗୋଟିଏ ଗାଁରେ ମଧ୍ୟ ମୋବାଇଲ୍ ଟାୱାର ନିର୍ମାଣ କରିବାକୁ ଅନୁମୋଦନ ମିଳିଛି। କେନ୍ଦ୍ରାପଡ଼ା ଜିଲ୍ଲାର ତାଳଚୁଆରେ ଆରଓ-ପାକ୍ସ ଜେଟି ଓ ଆନୁଷଙ୍ଗିକ ଭିତ୍ତିଭୂମିର ବିକାଶ ଏବଂ କର୍ଲାପାଟ ଅଭୟାରଣ୍ୟ ଦେଇ ଆରଓଡବ୍ଲୁ ମଧ୍ୟରେ ଅପ୍ଟିକାଲ୍ ଫାଇବର କେବୁଲ୍ ବିଛାଇବା କାର୍ଯ୍ୟକୁ ଜାତୀୟ ବନ୍ୟପ୍ରାଣୀ ବୋର୍ଡର ଅନୁମୋଦନ ମିଳିଥିବା ଜଣାପଡ଼ିଛି। ୨୦୨୩ ଡିସେମ୍ବର ୨୮ରେ ଅନୁଷ୍ଠିତ ରାଜ୍ୟ ବନ୍ୟପ୍ରାଣୀ ବୋର୍ଡର ନବମ ସ୍ଥାୟୀ ବୈଠକରେ ଏହି ପ୍ରକଳ୍ପଗୁଡ଼ିକ ପାଇଁ ସୁପାରିଶ କରାଯାଇଥିଲା। ଅନ୍ୟପକ୍ଷରେ ଜନସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ରଖି ରାଜ୍ୟର ବିଭିନ୍ନ ଅଭୟାରଣ୍ୟରେ ମୋବାଇଲ୍ ଟାୱାର, ପାଣି ପାଇପ୍ ବିଛାଇବା, ଅପ୍ଟିକାଲ ଫାଇବର କେବୁଲ୍ ଆଦି ନିର୍ମାଣ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ମୋଟ ଉପରେ ୧୪ଟି ପ୍ରକଳ୍ପ ସଂପର୍କରେ ରାଜ୍ୟ ବନ୍ୟପ୍ରାଣୀ ବୋର୍ଡ ପକ୍ଷରୁ ଜାତୀୟ ବନ୍ୟପ୍ରାଣୀ ବୋର୍ଡକୁ ସୁପାରିସ କରାଯିବ। ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକ ମଧ୍ୟରେ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ତହସିଲ ଅଧୀନ ରେବଣା ରୁ ତାଳପଡ଼ା ଅପ୍ଟିକାଲ୍ ଫାଇବର କେବୁଲ ବିଛାଇବା ଓ ତାଳପଡ଼ାରେ ମୋବାଇଲ୍ ଟାୱାର ସ୍ଥାପନ ପାଇଁ ?ଜଙ୍ଗଲ/ଅଣଜଙ୍ଗଲ ଜମିର କିସମ ପରିବର୍ତ୍ତନ ପ୍ରସ୍ତାବ, ସାତକୋଶିଆ ବ୍ୟାଘ୍ର ଅଭୟାରଣ୍ୟର କେଞ୍ଚୁଆନାଳିରୁ ତରଣ୍ଡା ରାସ୍ତାରେ ସିଡବ୍ଲୁଆରଏମ୍ ଡିଆଇ ପାଇପ୍ ବିଛାଇବା, ଅନୁଗୁଳ ଜିଲ୍ଲା କିଶୋରନଗର ବ୍ଲକର ୨୩ଟି ଗ୍ରାମ ପଞ୍ଚାୟତ ଓ ଆଠମଲ୍ଲିକ ବ୍ଲକର ୩ଟି ଗ୍ରାମ ପଞ୍ଚାୟତ ସହ ଜଡ଼ିତ ପ୍ରକଳ୍ପ, ଯାହାକି ଯଦୁପୁର ଗ୍ରାମରୁ ଧଣ୍ଡାଟୋପା ଗ୍ରାମକୁ ରାଜ୍ୟ ରାଜପଥ-୬୨ ସହ ସ୍ୱଚ୍ଛ ଜଳ ପାଇପ୍ ? ଲାଇନ ବିଛାଇବା, ହଦଗଡ଼ ଓ କୁଲଡିହା ଅଭୟାରଣ୍ୟ ଅଧୀନ କେନ୍ଦୁଝର ଜିଲ୍ଲାର ଶାଳପଡ଼ାସ୍ଥିତ ଆନନ୍ଦପୁର ବ୍ୟାରେଜ୍ ପ୍ରକଳ୍ପକୁ ପରିବେଶ ମଞ୍ଜୁରି, ସାତକୋଶିଆ ବ୍ୟାଘ୍ର ସଂରକ୍ଷଣ ମଧ୍ୟରେ ଅପ୍ଟିକାଲ୍ ଫାଇବର କେବୁଲ୍ ବିଛାଇବା ଅନୁମୋଦନ ପାଇଁ ପଠାଯିବାକୁ ସ୍ଥିର ହୋଇଛି। ସେହିପରି ସାତକୋଶିଆ ଅଧୀନ ଗଣିଆ ବ୍ଲକର ବଡ଼ମୂଳପାଟଣା ନିକଟରେ ମହାନଦୀ ଡାହାଣ କୂଳର ସୁରକ୍ଷା ପାଇଁ ତିନି ନମ୍ବର ସ୍ପର ନିର୍ମାଣ, ସୁନାବେଡା ଅଭୟାରଣ୍ୟର ଢେକୁନପାଣିରେ ସମ୍ପ୍ରଦାୟ/ଦକ୍ଷତା ଉନ୍ନୟନ ବୃତ୍ତିଗତ ତାଲିମ କେନ୍ଦ୍ର ନିର୍ମାଣ, ଜଳମାଣ୍ଡେଇ, ଲୋଧରା ଆରପିଟିଆର ଓ ଢେକୁନପାଣିରେ ମୋବାଇଲ୍ ଟାୱାର, ଗଡଗଡ଼ା ଓ କୋକେଡ ଗ୍ରାମାଞ୍ଚଳରେ ମୋବାଇଲ୍ ଟାୱାର ସ୍ଥାପନ କରିବାକୁ ପ୍ରସ୍ତାବ ରହିଛି।

# ଶୁଖିଯାଉଛି ପ୍ରାକୃତିକ ଜଳସ୍ରୋତ: ପଥର, ବାଲି ଲୁଟୁଛନ୍ତି ମାଫିଆ



ବଲାଙ୍ଗୀର,୮/୪: ବଲାଙ୍ଗୀର ଜିଲ୍ଲାରେ ସ୍ୱାଭାବିକ ପାଣିପାଗ ବିଗିଡ଼ି ଯାଇଛି। ବର୍ଷା ପରିମାଣ ହ୍ରାସ ପାଉଛି। ଗ୍ରୀଷ୍ମ ସମୟ ଅବଧି ବଢୁଥିବାରୁ ଟାଣ ଖରା ସ୍ୱାଭାବିକ ଜନଜୀବନକୁ ବିଗାଡ଼ି ଦେଉଛି। ଜଙ୍ଗଲଗୁଡ଼ିକରେ ପ୍ରାକୃତିକ ଜଳସ୍ରୋତ ଆଗତୁରା ଶୁଖିଯାଇଛି। ଯାହାର ଫାଇଦା ଉଠାଉଛନ୍ତି ପଥର ଓ ବାଲି ମାଫିଆ। ବଲାଙ୍ଗୀର ସହର ନିକଟ ଗନ୍ଧରେଲ୍ ଅଞ୍ଚଳକୁ ଏହାର ଉଦାହରଣ ଭାବେ ନିଆଯାଇପାରେ। ଗନ୍ଧରେଲ ପାହାଡ଼କୁ ଲାଗି ଘଞ୍ଚ ଜଙ୍ଗଲ ରହିଛି। ଏଠାରୁ ପୂର୍ବରୁ ଥିବା ପ୍ରାକୃତିକ ଜଳସ୍ରୋତରେ ବର୍ଷତମାମ ପାଣି ରହୁଥିଲା। ଯାହାଦ୍ୱାରା ଜଙ୍ଗଲ ଜୀବନ ପରିପୁଷ୍ଟ ରହୁଥିଲା। ଏବେ କିନ୍ତୁ ଚିରସ୍ରୋତା ଝରଣାଗୁଡ଼ିକ ଶୁଖିଲା ପଡ଼ିଛି। କେବଳ ବର୍ଷା ଦିନେ ପାହାଡ଼ରୁ ଝରୁଥିବା ପାଣିରେ ଏସବୁ ଝରଣାରେ ଜଳପ୍ରବାହ ଦେଖିବାକୁ ମିଳୁଛି। ଅନ୍ୟ ଦିନମାନଙ୍କରେ ଟାଙ୍ଗରା, ଶୁଷ୍କ। ଜଳସ୍ରୋତଗୁଡ଼ିକ ଶୁଖିଲା ଥିବାରୁ ଜଙ୍ଗଲ ଭିତରେ ପଥର ଓ ବାଲି ମାଫିଆ ସକ୍ରିୟ ରହୁଛନ୍ତି। ବେଆଇନ ପଥର ଓ ବାଲି ଖନନ ଉପରେ ଏବେ କଡ଼ା ନଜର ରଖିବାକୁ ନିର୍ଦ୍ଦେଶ ରହିଛି। ତେଣୁ ମାଫିଆମାନେ ମୁଖ୍ୟ ନଦୀ ଛାଡ଼ି ଜଙ୍ଗଲ ଭିତରେ ଥିବା ଛୋଟ ନାଳ ଓ ଝରଣାକୁ ଟାର୍ଗେଟ୍ କଲେଣି। ଜଙ୍ଗଲ ଭିତରେ ଖନନ ଏବଂ ଚାଲାଣ ପାଇଁ ସୁବିଧା ରହିଛି। ଚଢ଼ଉ ଭୟ ମଧ୍ୟ କମ। ତେଣୁ ପ୍ରାକୃତିକ ଜଳସ୍ରୋତ ଏବେ ଆହୁରି ବିପଦରେ।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda Mananging Editor- Sarangdhar Senapati ସଂପାଦକ- ବଳରାମ ପ୍ରସାଦ ନନ୍ଦ